


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୧ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 APRIL 2023
Vol.No. 34 ■ No. 95 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ପୁଣି ମୁହାଁମୁହିଁ ହେଲେ ଅଶୋକ ଗେହଲଟ୍ ଓ ସଚିନ ପାଇଲଟ୍



ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଦୀର୍ଘ ଦିନର ନୀରବତା ପରେ ପୁଣି ରାଜସ୍ଥାନରେ ରାଜନୀତିରେ ଦେଖାଦେଇଛି ହଲଚଲ । କ୍ଷମତାସୀନ କଂଗ୍ରେସରେ ପୁଣି ପାଇଲଟ ବନାମ ଗେହଲଟ୍ ଲଢ଼େଇ ଆରମ୍ଭ ହୋଇଛି । ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ନିଜ ଦଳର ସରକାର ବିରୋଧରେ ମଙ୍ଗଳବାର ଅନଶନ ଘୋଷଣା କରିଛନ୍ତି । ପାଇଲଟ୍ ସ୍ପଷ୍ଟ କରିଦେଇଛନ୍ତି ଯେ ଦୁର୍ନୀତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବିରୋଧରେ ଲଢ଼େଇ କରିବା ମୁଡରେ ଅଛନ୍ତି । ପାଇଲଟଙ୍କ ଏହି ପଦକ୍ଷେପ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି ଯେ ପାଇଲଟ୍ ଆଉଏକ ଦଳକୁ ନେଇ ବଢ଼ିବେ ନା କଂଗ୍ରେସ ଭିତରେ ରହି ନିଜ ଆନ୍ଦୋଳନକୁ ଜୋରଦାର କରିବେ । ପାଇଲଟଙ୍କ ଅନଶନ ଘୋଷଣା ପରେ ହାଇକମାଣ୍ଡ ଗେହଲଟଙ୍କୁ ସମର୍ଥନ କରିଛି । ଯେଉଁଥିରୁ ସ୍ପଷ୍ଟ ଯେ ଆଗକୁ ପାଇଲଟଙ୍କ ପାଇଁ ରାସ୍ତା ବହୁତ କଠିନ ହୋଇପାରେ । ତେବେ ପାଇଲଟ୍ ଓ ଗେହଲଟଙ୍କ ମଧ୍ୟରେ ବିବାଦ ନୂଆ କଥା ନୁହେଁ । ୨୦୧୮ ରାଜସ୍ଥାନ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇଥିଲା । ତେବେ ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ହେବ, ତାକୁ ନେଇ ବଡ଼ ପ୍ରଶ୍ନ ଦେଖାଦେଇଥିଲା । ବହୁ ବିବାଦ ଭିତରେ ଗେହଲଟଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା । ହେଲେ ଏହାକୁ ନେଇ ଅସନ୍ତୁଷ୍ଟ ଥିଲେ ପାଇଲଟ ।

## ଚର୍ଚ୍ଚାରେ ଏନସିପି ନେତା ଶରଦ ପାୱାରଙ୍କ ବୟାନ



ନୂଆଦିଲ୍ଲୀ, ୧୦/୦୪ : ପ୍ରଧାନମନ୍ତ୍ରୀ ମୋଦୀଙ୍କ ଡିଗ୍ରୀକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ଚାଲିଛି ବୟାନବାଜୀ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମୋଦୀଙ୍କ ଯୋଗ୍ୟତାର ପ୍ରମାଣକୁ ସାର୍ବଜନୀନ କରିବାକୁ ଦାବି କରିଥିଲେ । ଏହା ପରେ ବିରୋଧୀ ଦଳ ମଧ୍ୟ ସମାନ ଦାବି କରୁଛନ୍ତି । କିଛି ଦିନ ହେବ ଏହି ପ୍ରସଙ୍ଗକୁ ନେଇ ବୟାନବାଜୀ ଚାଲିଥିବାବେଳେ ଏବେ ଏନସିପି ମୁଖ୍ୟ ଶରଦ ପାୱାରଙ୍କ ଏକ ବୟାନକୁ ନେଇ ନୂଆ ମୋଡ ଆସିଛି । ଶରଦ କହିଛନ୍ତି ମୋଦୀଙ୍କ ଶିକ୍ଷାଗତ ଯୋଗ୍ୟତା ଜାଣିବା ଯେତିକି ଜରୁରୀ ନୁହେଁ ତାଠୁ ଅଧିକ ଦେଶରେ ବୃଦ୍ଧି ପାଉଥିବା ବେକାରୀ ଓ ଦରଦାମ ବୃଦ୍ଧି ସମସ୍ୟା ବଂର ବଡ ପ୍ରସଙ୍ଗ ଅଟେ । କାହାର ଶିକ୍ଷାଗତ ଯୋଗ୍ୟତା ପ୍ରସଙ୍ଗ ଉଠାଇ ଏହା ଉପରେ ହଟଗୋଳ କରିବା, ମୁଖ୍ୟ ପ୍ରସଙ୍ଗରୁ ଦୁରେଇଯିବା ଦ୍ୱାରା ଦେଶର ସମସ୍ୟା ସମାଧାନ ହେବନି । ତେଣୁ ମୁଖ୍ୟ ପ୍ରସଙ୍ଗ ଉପରେ ଫୋକସ କରିବା ଆବଶ୍ୟକ ବୋଲି ପାୱାର କହିଛନ୍ତି । ସେପଟେ ଏନସିପି ମୁଖ୍ୟଙ୍କ ଏହି ବୟାନ ପରେ ସହଯୋଗୀ ଦଳ ତାଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି । ଚର୍ଚ୍ଚା ହେଉଛି ବିରୋଧୀ ଏକତା ଭିତରେ ଫାଟ ସୃଷ୍ଟି ହୋଇଛି । କିଛି ଦିନ ପୂର୍ବରୁ ଆଦାନୀ ପ୍ରସଙ୍ଗ ଉପରେ ମଧ୍ୟ ପାୱାର ବଡ ବୟାନ ଦେଇଥିଲେ । ପାୱାର କହିଥିଲେ ଜାଣିଶୁଣି ଭାରତୀୟ ଶିଳ୍ପପତିଙ୍କୁ ଟାର୍ଗେଟ କରୁଛନ୍ତି ବିଦେଶୀ ସଂସ୍ଥା । ତେଣୁ ଏହାର ତଦନ୍ତ ପାଇଁ ଜେପିସି ଗଠନର କୌଣସି ଆବଶ୍ୟକତା ନାହିଁ ।

## 'ଓଡିଶା ପରିବାର ନିର୍ଦ୍ଦେଶାଳୟ' ଗଠନ ନିଷ୍ପତ୍ତି : ତେଜିଲା ରାଜନୀତି, ଘେରିଲେ ବିରୋଧୀ



ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପ୍ରତିଷ୍ଠା ନେଇ କ୍ୟାବିନେଟ୍ ନିଷ୍ପତି ପରେ ତେଜିଲା ରାଜନୀତି । ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ବିଜେପି କହିଲା, ନିର୍ବାଚନ ଆସିଲେ ଏଭଳି ଘୋଷଣା କରନ୍ତି ସରକାର । ସେହିପରି କଂଗ୍ରେସର ଅଭିଯୋଗ କରିଛି, ଓଡ଼ିଶା ଲୋକଙ୍କୁ ଭୁଆଁ ବୁଲଉଛି ଶାସକ ଦଳ । ତେବେ ବିରୋଧୀଙ୍କ ଏଭଳି ଅଭିଯୋଗ ପରେ ଜବାବ ରଖିଛି ବିଜେଡି । ସାଂସଦ ଜୁଏଲ ଓରାମ ଅଭିଯୋଗ କରି କହିଛନ୍ତି, ଦଳୀୟ କାର୍ଯ୍ୟକ୍ରମରେ ବ୍ଲେଣ୍ଡିଂ କରିବାକୁ ଚେଷ୍ଟା କରୁଛନ୍ତି । ଏହା ତାଙ୍କର ପୁରୁଣା ଅଭ୍ୟାସ । ଏଥିସହ ତାର ମୋଡାଲିଟି, ଅପରେସନାଲ ପାର୍ଟ କଣ, ସେ ନେଇ ପ୍ରଶ୍ନ ଉଠାଇଛନ୍ତି । କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରାହୀ, ସମାନ ଅଭିଯୋଗ ଆଣିଛନ୍ତି । ଓଡ଼ିଶା ମୋ ପରିବାର ବିଜେଡିର ଦଳୀୟ କାର୍ଯ୍ୟକ୍ରମ ଥିଲା । ତାକୁ ସରକାରୀ କାର୍ଯ୍ୟକ୍ରମ ଭାବେ ରୂପାୟନ କଲେ । ଏହି ନିର୍ଦ୍ଦେଶାଳୟ ଦ୍ୱାରା କିଛି ଲାଭ ହେବ ନାହିଁ, କେବଳ ଭୁଆଁ ବୁଲାଇବା ପାଇଁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି । ବିରୋଧୀଙ୍କ ଅଭିଯୋଗର ପ୍ରତିକ୍ରିୟା ରଖିଛି ବିଜେଡ଼ି । ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି, ପ୍ରବାସୀ ଓଡିଆମାନଙ୍କର ସମସ୍ୟା ବୁଝିବା ପାଇଁ ଗୋଟେ ସ୍ୱତନ୍ତ୍ର ଦପ୍ତର ରହିବ । ଏହାଦ୍ୱାରା ଓଡିଆମାନଙ୍କର ଜାତୀୟତାର ପରିପ୍ରକାଶ ହେବ । । ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଓଡିଶା ପରିବାର ନିର୍ଦ୍ଦେଶାଳୟ ଗଠନ କରିବେ । ଦେଶ, ବିଦେଶରେ ରହୁଥିବା ଓଡିଆଙ୍କ ପାଇଁ ଏହି ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଏହା କାର୍ଯ୍ୟକ୍ଷମ ହେବ । ରବିବାର ଡିଜିଟାଲ ପ୍ଲାଟଫର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି, ବହୁ ସଂଖ୍ୟାରେ ଓଡିଆ ଦେଶର ଅନ୍ୟ ରାଜ୍ୟରେ ବିଭିନ୍ନ ବୃତ୍ତିରେ କାର୍ଯ୍ୟ କରୁଛନ୍ତି ଓ ଓଡିଶାର ଅଭିବୃଦ୍ଧି କାହାଣୀର ଏକ ଭୂମିକା ନେବାକୁ ଚାହାନ୍ତି । ପ୍ରବାସୀ ଓଡିଆଙ୍କ ଜ୍ଞାନ, କୌଶଳ ତଥା ବିଶ୍ୱସ୍ତରୀୟ ଉପସ୍ଥିତିକୁ ଓଡ଼ିଶାର ଅଗ୍ରଗତିରେ ନିୟୋଜିତ କରିବା ସହ ସେମାନେ ସାମ୍ନା କରୁଥିବା ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶାଳୟ ଉଦ୍ୟମ କରିବ । କରୋନା ସମୟରେ ୨୦୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ମୋ ପରିବାର କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ । ରକ୍ତଦାନ, ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ ସହ ପ୍ରବାସରେ ରହୁଥିବା ଓଡିଆମାନଙ୍କ ମାନଙ୍କୁ ସହଯୋଗ କରିବା ଏହାର ମୁଖ୍ୟ ଉଦେଶ୍ୟ ଥିଲା । କିନ୍ତୁ ଏହି କାର୍ଯ୍ୟକ୍ରମ ସହ ଓଡିଶା ପରିବାର ନିର୍ଦ୍ଦେଶାଳୟର କୌଣସି ସମ୍ପର୍କ ନଥିବା କହିଛି ଶାସକ ଦଳ ।

### ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା ଉପ ନିର୍ବାଚନରେ ବିଜେପିର ପ୍ରାର୍ଥୀ ହେବେ : ସୁବାସ ପାଣିଗ୍ରାହୀ



ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଆଗାମୀ ଝାରସୁଗୁଡା ବିଧାନସଭା ଉପ ନିର୍ବାଚନ ପାଇଁ ଟଙ୍କଧର ତ୍ରିପାଠୀ ବିଜେପିର ପ୍ରାର୍ଥୀ ହେବେ ବୋଲି ସୂଚନା ଦେଇଛନ୍ତି ବିଜେପି ବିଧାୟକ ସୁବାସ ପାଣିଗ୍ରାହୀ । ସେ କହିଛନ୍ତି ଯେ ଖୁବ ଶୀଘ୍ର ଦଳ ଏ ନେଇ ଘୋଷଣା କରିବ । ଟଙ୍କଧର ସେଠାରେ ସଂଗଠନ କାମ କରୁଥିବା ସେ କହିଛନ୍ତି ।

## ସୁନ୍ଦରଗଡ ମେଡିକାଲ କଲେଜରେ ଚାକିରି ପାଇଁ ହେଉଛି ଡିଲ୍



ସୁନ୍ଦରଗଡ, ୧୦/୦୪ (ନି.ପ୍ର): ଟଙ୍କା ଦିଅ ଚାକିରି ନିଅ । ପିଲାଙ୍କଠାରୁ ଟଙ୍କା ନେଇ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଉଛନ୍ତି ଦଲାଲ । ସୁନ୍ଦରଗଡ ଚାକିରି ବିକ୍ରି ଘଟଣାରେ ସାମ୍ନାକୁ ଆସିଲା ଡିଲ୍ ବେଳର ଦୃଶ୍ୟ । ନକଲି ଦସ୍ତଖତ, ଷ୍ଟାମ୍ପ ଓ ସରକାରୀ ଲୋଗୋ ବ୍ୟବହାର କରି ଚାକିରି ଆଶାୟୀଙ୍କ ଠାରୁ ଟଙ୍କା ଦେଇ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଉଛନ୍ତି ଦଲାଲ । ସୁନ୍ଦରଗଡ ମେଡିକାଲ କଲେଜରେ ଚାକିରି ଦେବା ନାଁରେ କେମିତି ଠକେଇ ହେଉଥିଲା, ତା'ର ଏକ ଝଲକ୍ ସାମ୍ନାକୁ ଆସିଛି । ପିଲାଙ୍କଠାରୁ ଟଙ୍କା ନେଇ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଉଛି ଦଲାଲ୍ । ଟଙ୍କା ଦେଇଥିବା ପିଲାଙ୍କୁ ହାତ ହଲାଇ ନିର୍ଭର ପ୍ରତିଶ୍ରୁତି ମଧ୍ୟ ଦେଉଛି । ପୁରା କାରବାରରେ ସଂପୃକ୍ତ ଥିବା ଏହି ବ୍ୟକ୍ତିଙ୍କ ନାଁ ସୁଶାନ୍ତ ମାଝୀ । ସରକାରୀ ମେଡିକାଲ କଲେଜରେ ଚାକିରି କରାଇଦେବା ପାଇଁ ସୁଶାନ୍ତ ମାଝୀ, ପିଲାଙ୍କ ଠାରୁ ଟଙ୍କା ନେଉଥିବାର ଏକ୍ସକ୍ଲୁସିଭ ଭିଡିଓ ସାମ୍ନାକୁ ଆସିଛି । ନକଲି ଦସ୍ତଖତ, ଷ୍ଟାମ୍ପ ଓ ସରକାରୀ ଲୋଗୋ ବ୍ୟବହାର କରି ଚାକିରି ଆଶାୟୀଙ୍କୁ ପ୍ରତିଶ୍ରୁତି ଦେଉଥିବା ଅଭିଯୋଗ ହୋଇଛି । ଦରମା ଦେଖି ଚାକିରିର ଦାମ୍ ସ୍ଥିର ହେଉଛି । ଆଟେଣ୍ଡାଣ୍ଟ୍ ପାଇଁ ୪୦ ହଜାର । ଡାଟା ଏଣ୍ଟ୍ରି ଅପରେଟର ପାଇଁ ୧ ଲକ୍ଷ ! ସୁପରଭାଇଜର ପାଇଁ ୮୦ ହଜାରରୁ ଦେଢ଼ ଲକ୍ଷ ! ଏଭଳି ପଦବୀକୁ ନେଇ ଦର କଷୁଛି ଦଲାଲ । ଗାଁ ଗାଁରେ ଏହି କାରବାର ପାଇଁ ବୁଲୁଛନ୍ତି ଏଜେଣ୍ଟ । ଠକେଇର ଶିକାର ହୋଇଥିବା ଯୁବକ, ଯୁବତୀଙ୍କ ତାଲିକା ଏବେ ବଢ଼ିବାରେ ଲାଗିଛି । ପୂର୍ବରୁ କନକ ନ୍ୟୁଜରେ ଏହି ଖବର ପ୍ରସାରଣ ହେବା ପରେ ଥାନାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ । ବଲାଙ୍ଗୀର ଓ ସମ୍ବଲପୁର ଭଳି ଜିଲ୍ଲାରେ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରୁଥିବା ଅଭିଯୋଗ ଭିତରେ ସୁନ୍ଦରଗଡ଼ରୁ ଆସିଛି, ଚାକିରି କିଣାବିକା ଭଳି ସାଂଘାତିକ୍ ଅଭିଯୋଗ । ବଡ଼ କଥା ହେଉଛି ସୁନ୍ଦରଗଡ଼ରେ ଠକେଇର ଏକ ବଡ଼ ରାକେଟ୍ ଚାଲିଥିବା ଅଭିଯୋଗ ହୋଇଛି ।

### ୪୦ ଡିଗ୍ରୀ ପାର କଲା ରାଜ୍ୟରେ ତାପମାତ୍ରା : ଝାରସୁଗୁଡା ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରିରହିଛି । ୪୦.୪ ଡିଗ୍ରୀ ସହ ଝାରସୁଗୁଡା ରାଜ୍ୟର ସବୁଠାରୁ ଉତପ୍ତ ସହର ହୋଇଛି । ଆଜି ରାଜ୍ୟରେ ପାରଦ ଅନେକ ସ୍ଥାନରେ ୪୦ ଡିଗ୍ରୀ ଅତିକ୍ରମ କରିଛି । ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଛି । ସେହିଭଳି ବାରିପଦାରେ ତାପମାତ୍ରା ୪୦ ଡିଗ୍ରୀ ରହିଛି । ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୯.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲି, ଅନୁଗୁଳ, ସମ୍ବଲପୁରରେ ତାପମାତ୍ରା ୩୯.୭ ଡିଗ୍ରୀ ରେକର୍ଡ ହୋଇଛି । ସେହିଭଳି ବୌଦ୍ଧରେ ୩୯.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ମାଲକାନଗିରିରେ ତାପମାତ୍ରା ୩୯.୫ ଥିବା ବେଳେ ଟିଟଲାଗଡରେ ୩୯, ସୋନପୁରରେ ତାପମାତ୍ରା ୩୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

### ଆଜିଠୁ ଯୁକ୍ତ୨ ଖାତାଦେଖା ଆରମ୍ଭ ହେଲା

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଖାତା ମୂଲ୍ୟାୟନ ଆଜି ଠାରୁ ଆରମ୍ଭ ହୋଇଛି । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଖାତା ମୂଲ୍ୟାୟନରେ ପାଖାପାଖି ୧୫ ହଜାର ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇଛନ୍ତି । ବିଜ୍ଞାନ ଓ ବାଣିଜ୍ୟ ବିଭାଗ ବିଷୟଗୁଡ଼ିକର ଇ-ମୂଲ୍ୟାୟନ ଲାଗି ୩୯ଟି କେନ୍ଦ୍ର କରାଯାଇଛି । ମାନୁଆଲ୍ ମୂଲ୍ୟାୟନ ହେବାକୁ ଥିବା କଳା ଓ ଧନ୍ଦାମୂଳକ ବିଷୟଗୁଡ଼ିକ ଲାଗି ୬୫ଟି କେନ୍ଦ୍ର ହୋଇଛି । ମୂଲ୍ୟାୟନ କେନ୍ଦ୍ରଗୁଡ଼ିକ ମଧ୍ୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ କୁହାଯାଇଛି । ମୂଲ୍ୟାୟନକାରୀ ଅଧ୍ୟାପକମାନେ ନିର୍ଦ୍ଧାରିତ ସମୟରେ କେନ୍ଦ୍ରରେ ପହଞ୍ଚିବେ । ପ୍ରତିଦିନର କାର୍ଯ୍ୟ ନ ସାରିବା ପର୍ଯ୍ୟନ୍ତ କେହି ବି କେନ୍ଦ୍ର ଛାଡ଼ି ପାରିବେ ନାହିଁ । ଖାତା ଦେଖୁଥିବା ଅଧ୍ୟାପକଙ୍କ ପ୍ରବେଶ ଓ ପ୍ରସ୍ଥାନ ସମୟ ଏକ ରେଜିଷ୍ଟ୍ରରେ ଉଲ୍ଲେଖ କରାଯିବ । ମୂଲ୍ୟାୟନ କେନ୍ଦ୍ରକୁ ମୋବାଇଲ୍ ଓ ବୈଦ୍ୟୁତିକ ସାମଗ୍ରୀ ପ୍ରବେଶ ଉପରେ କଟକଣା ଜାରି ହୋଇଛି ।

## ଝାରସୁଗୁଡ଼ା ଉପନିର୍ବାଚନ: ତରୁଣ ପାଣ୍ଡେ ହେଲେ କଂଗ୍ରେସ ପ୍ରାର୍ଥୀ



ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ତରୁଣ ପାଣ୍ଡେଙ୍କୁ ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ । ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଅନୁମୋଦନ କ୍ରମେ ତରୁଣଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି । ତରୁଣ ହେଉଛନ୍ତି ପୂର୍ବତନ ବିଧାୟକ ସ୍ୱର୍ଗତ ବିରେନ୍ଦ୍ର ଚନ୍ଦ୍ର ପାଣ୍ଡେଙ୍କ ପୁଅ । ଝାରସୁଗୁଡା ପୌରପାଳିକାର ୨ ଥର ଅଧ୍ୟକ୍ଷ ଥିବା ଏବଂ ତିନିଥର ବିଧାୟକ ଥିବା ଲୋକପ୍ରିୟ ଜନନେତା ସ୍ୱର୍ଗତ ବିରେନ୍ଦ୍ର ଚନ୍ଦ୍ର ପାଣ୍ଡେଙ୍କ ଜ୍ୟେଷ୍ଠ ପୁତ୍ର ହେଉଛନ୍ତି ତରୁଣ ପାଣ୍ଡେ । ପ୍ରତିଷ୍ଠିତ ରାଜନୀତି ପରିବାରରୁ ଆସି ୧୯୯୫ ମସିହାରୁ ଝାରସୁଗୁଡାରେ କଂଗ୍ରେସ ଦଳର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟକରି ଆସୁଛନ୍ତି ତରୁଣ ।୨୦୦୯ ମସିହାରେ ସାଂସଦଙ୍କ ପ୍ରତିନିଧି ଭାବେ ସୁଚାରୁରୂପେ କାର୍ଯ୍ୟ କରିଛନ୍ତି ।ସେ ସମାଜସେବୀ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି ଏବଂ ଅଘରିଆ ସମାଜର ଜଣେ ଆଗଧାଡ଼ିର ନେତା ଭାବେ ମଧ୍ୟ କାର୍ଯ୍ୟ ଜାରି ରଖିଛନ୍ତି । ରାଜନୀତି ପରିବାରରୁ ଆସିଥିବା ଜଣେ ତୃଣମୂଳ ସ୍ତରର ଉପଯୁକ୍ତ କର୍ମୀଙ୍କୁ କଂଗ୍ରେସ ଟିକେଟ ମିଳିଥିବାରୁ କଂଗ୍ରେସ ମହଲରେ ଉତ୍ସାହ ପ୍ରକାଶ ପାଇଛି । ଏଥିପାଇଁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ଼ଗେ,ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡିଶା ପ୍ରଭାରୀ ସାଂସଦ ଡ଼ ଏ ଚେଲ୍ଲାକୁମାର ଏବଂ ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି । ସୂଚନାଯୋଗ୍ୟ ଯେ ଆସନ୍ତା ମେ ୧୦ ତାରିଖରେ ଝାରସୁଗୁଡା ଉପନିର୍ବାଚନ ଅନୁଷ୍ଠିତ ହେବ । ଉପନିର୍ବାଚନ ପାଇଁ ବିଜେଡି ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ ଘୋଷଣା କରି ସାରିଛି । ଆଜି କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ବିଧିବଦ୍ଧ ଭାବେ ପ୍ରାର୍ଥୀ ଘୋଷଣା କରିନାହିଁ । ତେବେ ବିଜେପି ଟିକଟ ଆଶାୟୀ ରେସରେ ଟଙ୍କଧର ତ୍ରିପାଠୀ ଆଗୁଆ ଅଛନ୍ତି ।

## ରାଜ୍ୟରେ ବଢୁଛି ଆକ୍ଟିଭ ରୋଗୀଙ୍କ ସଂଖ୍ୟା : ଗୋଟିଏ ଦିନରେ ୧୦୨ କରୋନା ଆକ୍ରାନ୍ତ



ଭୁବନେଶ୍ୱର, ୧୦/୦୪ (ନି.ପ୍ର): ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ବଢୁଛି । ଲକ୍ଷଣ ଦେଖିଲେ ତୁରନ୍ତ ଚିକିତ୍ସା କରାଇ ନିଅନ୍ତୁ । ରାଜ୍ୟର ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି ଯେ ଗତ କିଛି ଦିନ ହେବ ରାଜ୍ୟରେ ସଂକ୍ରମଣ ସ୍ଥିର ରହିଛି । କିନ୍ତୁ ଆକ୍ଟିଭ କେସ କିଛି ପରିମାଣରେ ବଢିଛି । ବର୍ତ୍ତମାନ ଆକ୍ଟିଭ କେସ ୬୨୯ ରହିଛି । ସେଥିରୁ ଅଧିକାଂଶ ହୋମ ଆଇଶୋଲେସନ ରେ ରହିଛନ୍ତି । ମେଡ଼ିକାଲ ରେ ମାତ୍ର ୧୨ ଜଣ ରହିଛନ୍ତି । ଗତକାଲି ୧୦୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ତଥାପି ଅପେକ୍ଷା ଆମ ସ୍ଥିତି ଭଲ ରହିଛି । ଦୁଇ ଦିନିଆ ରାଜ୍ୟ ସାରା ମକଡ୍ରିଲ ଆରମ୍ଭ ହୋଇଛି । ଲୋକଙ୍କୁ ଅପିଲ କରୁଛୁ । ସେ କହିଛନ୍ତି ଯେ ଲକ୍ଷଣ ଦେଖିଲେ ତୁରନ୍ତ ଚିକିତ୍ସା କରାଇ ନିଅନ୍ତୁ । ଅବେହେଳା ନ କରି ଡାକ୍ତର ଙ୍କ ପରାମର୍ଶ ନେଇ ହୋମ ଆଇସୋଲେସନ ରେ ରହିବା ସହ ଲକ୍ଷଣ ଥିବା ଲୋକଙ୍କ ଠାରୁ ଦୂରେଇ ରୁହନ୍ତୁ ।

## ଓଡିଶା ପରିବାର ନିର୍ଦ୍ଦେଶାଳୟ କେବଳ ଧୂଆଁବାଣ : ବିଜେପି

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ପ୍ରବାସୀ ଓଡିଆମାନଙ୍କ ସ୍ୱାର୍ଥ ପାଇଁ ଗତ କାଲିର କ୍ୟାବିନେଟ ନିଷ୍ପତି ଅନୁଯାୟୀ "ଓଡିଶା ପରିବାର ନିର୍ଦ୍ଦେଶାଳୟ" ଖୋଲାଯିବା କେବଳ ମାତ୍ର ଧୂଆଁବାଣ ଏବଂ ପୁଣି ଏକ ପ୍ରବଂଚନା ବୋଲି ରାଜ୍ୟ ବିଜେପି ମୁଖପାତ୍ର ରାଜେନ୍ଦ୍ର ପଣ୍ଡା କହିଛନ୍ତି । ସେ କହିଛନ୍ତି ଯେ ଲକ୍ଷ ଲକ୍ଷ ଓଡ଼ିଆ ଦାଦନ ଖଟିବା ପାଇଁ ରାଜ୍ୟ ଓ ଦେଶ ବାହାରକୁ ଯାଉଛନ୍ତି । ଆମ ରାଜ୍ୟରେ ସେମାନଙ୍କ ପାଇଁ କୌଣସି ସ୍ଥାୟୀ ରୋଜଗାରର ପନ୍ଥା ଗ୍ରହଣ ନକରି ଏବେ ପ୍ରବାସୀ ଓଡ଼ିଆମାନଙ୍କର ଚିନ୍ତା କେବଳ ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି ବିଜେଡିର ଏହା ଏକ ନିର୍ବାଚନୀ ଚାଲ । କୋଭିଡ ମହାମାରୀ ସମୟରେ ଲକ୍ଷ ଲକ୍ଷ ପ୍ରବାସୀ ଓଡ଼ିଆ ଚାଲି ଚାଲି ଓଡ଼ିଶାକୁ ଫେରିଥିଲେ । ଏକ ସ୍ୱତନ୍ତ୍ର ବିଭାଗ ଖୋଲି ସେମାନଙ୍କ ନାମ ପଞ୍ଜିକରଣ ଓ ଡାଟା ବେସ୍ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଥିଲା କିନ୍ତୁ ରାଜ୍ୟ ସରକାର ଜାଣିଶୁଣି ଏହି ସୁଯୋଗକୁ ହାତଛଡା କରିଦେଇଥିଲେ । ଏହା ନକରି ଏବେ ନୂତନ ଭାବେ "ଓଡିଶା ପରିବାର ନିର୍ଦ୍ଦେଶାଳୟ" କଣ ଆବଶ୍ୟକତା ପଡିଲା ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି । ଏହି ନିର୍ଦ୍ଦେଶାଳୟ ମାଧ୍ୟମରେ ପ୍ରବାସୀମାନଙ୍କର ସୁବିଧା, ସୁଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସମସ୍ୟାକୁ ଦେଖିବା ପାଇଁ କରାଯାଇଛି । ଏହାର ଅର୍ଥ ହେଲା ୨୩ବର୍ଷ ଧରି ରାଜ୍ୟ ସରକାର ପ୍ରବାସୀ ଓଡ଼ିଆମାନଙ୍କର ଦୁଃଖ, ଦୁର୍ଦ୍ଦଶା ଓ ସମସ୍ୟା ପ୍ରତି ଆଖି ବୁଜି ଦେଇଥିଲେ । ରାଜ୍ୟ ସରକାର ଏହି ନିର୍ଦ୍ଦେଶାଳୟ ମାଧ୍ୟମରେ ଓଡ଼ିଶାର ସଂସ୍କୃତି ଓ ଜଗନ୍ନାଥଙ୍କ ଐତିହ୍ୟ ପରମ୍ପରା ପ୍ରଚାର ପ୍ରସାର କରିବା କେବଳ ଏକ ପ୍ରଚାର ସର୍ବସ୍ୱ । ଓଡିଆଙ୍କ ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚର ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ

ଜୟପୁର, ୧୦/୦୪ (ନି.ପ୍ର): ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚର ବୈଠକ ଭୁବନେଶ୍ୱର ଜୟଦେବ ଭବନ ପରିସର ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଅଛି ଏଥିରେ ସମସ୍ତ ଜିଲ୍ଲା ର ମିଳିତ ଅମଲା ମଂଚର ସଭାପତି, ସମ୍ପାଦକ ଓ ଅଧକ୍ଷ ଯୋଗଦାନ କରିଥିଲେ ସେହିପରି କୋରାପୁଟ ଜିଲ୍ଲା ରୁ ଶଶୀଭୂଷଣ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ତଥା ଓଡିଶା ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା, ବୃନ୍ଦାବନ ପଣ୍ଡା ଉପସଭାପତି ଓଡିଶା ଅମଲା ସଂଘ ଜୟପୁର ଉପଖଣ୍ଡ ତଥା ଉପସଭାପତି ଓଡିଶା ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ଓ ପ୍ରସନ୍ନ କୁମାର ନାୟକ ଅଧକ୍ଷ ଓଡିଶା ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ଉପସ୍ଥିତ ହୋଇଥିଲେ, ଏଥିରେ ଓଡିଶା ରାଜସ୍ୱ ଅମଲା ସଂଘ ର ସଭାପତି, ସମ୍ପାଦକ ନିଖିଳ ଉତ୍କଳ କୋଷାଧକ୍ଷ ସଂଘର ସଭାପତି, ସମ୍ପାଦକ ଓ ଉପ ନିବନ୍ଧକ ଓଡ଼ିଶା ଅମଲା ସଂଘ ର ସଭାପତି, ସମ୍ପାଦକ ଯୋଗଦାନ କରିବା ସହିତ ସରକାରଙ୍କ ଅମଲା ମାନଙ୍କ ପ୍ରତି ବୈମାତୃକ ମନୋଭାବକୁ ତିବ୍ର ନିନ୍ଦା କରିଥିଲେ. କନିଷ୍ଠ ସହକାରୀ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ ପେ ପ୍ରଦାନ ନିମନ୍ତେ ଚଳିତ ମାସ ସୁଦ୍ଧା ସମସ୍ତ ଜିଲ୍ଲାର ଅମଲା ମାନେ ନିଜ ନିଜର ଜିଲ୍ଲାର ଜିଲ୍ଲାପାଳଙ୍କ ତରଫରୁ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିବା ନେଇ ରାଜ୍ୟ ନେତୃବୃନ୍ଦ ଏକ ସାମ୍ବାଦିକ ସମ୍ମିଳନୀ ଡ଼ାକି ସୁଚନା ଦେବା ନେଇ ଜଣା ପଡ଼ିଛି ଯଦି ସରକାର ଅମଲା ମାନଙ୍କ ଏକମାତ୍ର ଦାବି କୁ ପୁରଣ ନ କରନ୍ତି ତେବେ ଆନ୍ଦୋଳନ ଜୋରଦାର ହେବା ନେଇ ସମସ୍ତେ ନିଜ ନିଜର ପ୍ରତିକ୍ରିୟା ରଖିଛନ୍ତି ।

# ଖୋଲାପଡ଼ିଆରେ ଚେକ୍‌ଡ୍ୟାମ୍ ନିର୍ମାଣ



କେନ୍ଦୁଝର , ୧୦/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ପୁରୁଯୋଡ଼ା ପଞ୍ଚାୟତରେ ଚେକ୍‌ଡ୍ୟାମ୍ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି । ଖୋଲାପଡ଼ିଆରେ ଚେକ୍‌ଡ୍ୟାମ୍ ନିର୍ମାଣ ହୋଇଛି । ପାଖରେ କୌଣସି ଚାଷଜମି ନଥିବାରୁ ଚେକ୍‌ଡ୍ୟାମ୍ କାହା ସ୍ୱାର୍ଥରେ ନିର୍ମାଣ କରାଯାଉଛି ତାକୁ ନେଇ ପ୍ରଶ୍ନ ଉଠିଛି । ପୂର୍ବରୁ ମଧ୍ୟ ୨୦୨୦ରେ ଅଡିଟ୍ ବେଳେ ତେଲକୋଇ ବ୍ଲକ୍‌ର ୧୬ଟି ଚେକ୍‌ଡ୍ୟାମ୍ ନିକଟରେ ଚାଷଜମି ନଥିବାରୁ ଅଡିଟ୍ ଟିମ୍ ଆପତ୍ତି ଉଠାଇଥିଲେ । ତେଲକୋଇ ବ୍ଲକ୍ ପୁରୁଯୋଡ଼ା ପଞ୍ଚାୟତ ତାଳମୁଣ୍ଡା ନାଳରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ ହେଉଛି । ପୂର୍ବରୁ ଏହି ନାଳରେ ଏକ ଚେକ୍‌ଡ୍ୟାମ୍ ୨୦୧୮-୧୯ ମସିହାରେ ନିର୍ମାଣ ହୋଇଥିଲା । ଏଥିପାଇଁ ୭ ଲକ୍ଷ ଟଙ୍କା ଅନୁମୋଦିତ ହୋଇଥିବା ବେଳେ ୬ ଲକ୍ଷ ୯୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଏଠାରେ ଶ୍ରମିକଙ୍କ ମଜୁରି ବାବଦକୁ ୧ ଲକ୍ଷ ୫୯ ହଜାର ୭୬୦ ଟଙ୍କା ଖର୍ଚ୍ଚ ଏବଂ ନିର୍ମାଣ ସାମଗ୍ରୀ ବାବଦକୁ ୫ ଲକ୍ଷ ୩୧ ହଜାର ୭୭୭ ଟଙ୍କା ଖର୍ଚ୍ଚ ହୋଇଛି । ସମାନ ଢଙ୍ଗରେ ୨୦୨୨-୨୩ରେ ଏଠାରେ ପୁଣି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଉ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଉଛି । ଏଥିପାଇଁ ଅଦ୍ୟାବଧି ୧ ଲକ୍ଷ ୭୭ ହଜାର ୨୬୮ ଟଙ୍କା ଖର୍ଚ୍ଚ ହେଲାଣି । ତେବେ, ଏହି ଚେକ୍‌ଡ୍ୟାମ୍‌ରୁ କୌଣସି ଚାଷଜମିକୁ ପାଣି ମାଡୁନଥିବା ଅଭିଯୋଗ ହୋଇଛି । ୨୦୨୦ରେ ତେଲକୋଇ ବ୍ଲକ୍‌ର ୧୬ଟି ଚେକ୍‌ଡ୍ୟାମ୍ ନିର୍ମାଣକୁ ନେଇ ଆପତ୍ତି ଉଠାଇଥିଲା ଅଡିଟ୍ ଟିମ୍ । ଏସବୁ ଚେକ୍‌ଡ୍ୟାମ୍ ପାଖରେ କୌଣସି ଚାଷଜମି ନ ଥିବାରୁ ଏଥିପାଇଁ ହୋଇଥିବା ଖର୍ଚ୍ଚକୁ ଅପବ୍ୟୟ ବୋଲି ଦର୍ଶାଯାଇଥିଲା । ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ, କୌଣସି ନାଳରେ ଯଦି ଚେକ୍‌ଡ୍ୟାମ୍‌ର ଆବଶ୍ୟକତା ଥାଏ ତେବେ ସେଠାରେ ଚାଷଜମି ରହିଥିବା ଆବଶ୍ୟକ । ସେହିପରି କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ ଏବଂ ବ୍ଲକ୍‌ର ଯନ୍ତ୍ରୀ ମିଳିତ ଭାବେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରି ସେଠାରେ ଚେକ୍‌ଡ୍ୟାମ୍ ନିର୍ମାଣର ଆବଶ୍ୟକତା ଅଛି କି ନାହିଁ ତାହା ସ୍ଥିର କରିବେ । ଏହାଛଡ଼ା ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ ସ୍ଥାନୀୟ ଚାଷୀଙ୍କ ସହମତି ରହିବା ମଧ୍ୟ ଆବଶ୍ୟକ । ଏଠାରେ କୌଣସି ଗାଇଡ୍‌ଲାଇନ୍‌କୁ ଅନୁସରଣ କରାଯାଉ ନାହିଁ । ସେହିପରି ମନରେଗା ଯୋଜନାରେ ନିର୍ମାଣ ହେଉଥିବା କୌଣସି ପ୍ରକଳ୍ପର ଅନୁମୋଦନ ମୂଲ୍ୟ ୫ ଲକ୍ଷରୁ ଅଧିକ ହେବା କଥା ନୁହେଁ । ସ୍ୱତନ୍ତ୍ର କ୍ଷେତ୍ରରେ ଏହା ସର୍ବାଧିକ ୭ ଲକ୍ଷ ହୋଇପାରିବ ।

# ଟିଟିଲାଗଡ଼ରେ ସହରାଂଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ବଲାଙ୍ଗୀର, ୧୦/୦୪ (ନି.ପ୍ର): ରବିବାର ସକାଳ ୧୦ଟା ୩୦ସମୟରେ ଟିଟିଲାଗଡ ଥାନା ପାର୍ଶ୍ୱରେ ଥିବା ପୁରୁଣା ଗୁଜୁରାତି ସ୍କୁଲ ସ୍ଥାନରେ ଏବେ ଏକ ନୂତନ ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ର ବିଧାୟିକା ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲାର ସାଂସଦ ଶ୍ରୀମତୀ ସଂଗୀତା କୁମାରୀ ସିଂଦେଓ, ଟିଟିଲାଗଡ ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ମମତା ଦେବୀ ଜୈନ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ଗୁରୁ, ଟିଟିଲାଗଡ ଉପଜିଲ୍ଲାପାଳ ଦୟାମୟ ପାଢୀ ଏବଂ ରାଜସ୍ଥାନୀ ହେଲଥ୍ ଫାଉଣ୍ଡେସନର ଚେୟାରମ୍ୟାନ ଜଗଦୀଶ ପ୍ରସାଦ ଶର୍ମା ଉପସ୍ଥିତ ଥିଲେ । ପ୍ରଥମେ ଅତିଥିଙ୍କ ଦ୍ୱାରା ଫିତା କାଟି ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ଦେଖିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ଟୁକୁନି ସାହୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଯୋଗୁଁ ଲୋକେ ଚିକିତ୍ସିତ ହୋଇପାରିବେ ବୋଲି କହିବା ସହ ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂଦେଓଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟ କିପରି ଶୀଘ୍ର ଖୋଲାଯିବ ସେ ନେଇ ପଦକ୍ଷେପ ନେବାକୁ କହିଥିଲେ । ଏହାର ପ୍ରତି ଉତରରେ ସାଂସଦ ଶ୍ରୀମତୀ କୁମାରୀ ସଙ୍ଗୀତା ସିଂଦେଓ କହିଥିଲେ ଯେ, ମୁଁ ସାଂସଦ ଭାବେ ନିର୍ବାଚିତ ହେବା ପରଠୁ ପ୍ରଥମରେ ହିଁ ଏହି କେନ୍ଦ୍ରୀୟ ବିଦ୍ୟାଳୟ ବିଷୟରେ ପୂର୍ବରୁ ଆଲୋଚନା କରିସାରିଛି ଏବଂ ରାଜ୍ୟ ସରକାର କାହିଁକି ଆୟୁଷ୍ମାନ ଯୋଜନା ଓଡ଼ିଶାରେ ପ୍ରଣୟନ କରୁନାହାନ୍ତି ବୋଲି ପ୍ରଶ୍ନ ପଚାରିଥିଲେ, ରାଜନୀତି ନକରି ଲୋକଙ୍କୁ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଆୟୁଷ୍ମାନ ଯୋଜନା ବହୁତ ଭଲ ଯୋଜନା ବୋଲି କହିବା ସହ ରାଜନୀତିରେ କିଛି ଲୋକ ମୋ ପଛରେ ସବୁବେଳେ ଅପପ୍ରଚାର ତଥା ଦୋଷାରୋପ କରୁଛନ୍ତି କିନ୍ତୁ ମୁଁ ସେମାନଙ୍କୁ କହିଦେବାକୁ ଚାହେଁ ଯେ ସେମାନଙ୍କୁ ଉତର ଦେବାରେ ତଥା କାର୍ଯ୍ୟ କରିବାରେ ମଧ୍ୟ ସକ୍ଷମ ଅଟେ । କେନ୍ଦ୍ରରେ ଥିବା ମୋଦୀ ସରକାରଙ୍କ ସମସ୍ତ ଯୋଜନା ଅନ୍ତର୍ଗତ ବହୁ ଲୋକ ଆଜି ଉପକୃତ, ଶିକ୍ଷ୍ୟା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ସେହିପରି ଏହି ରାଜସ୍ଥାନୀ ହେଲଥ୍ ଫାଉଣ୍ଡେସନକୁ ମୋ ତରଫରୁ ଯାହାବି ସହାୟତା ଦରକାର ମୁଁ ନିଶ୍ଚୟ ପ୍ରଦାନ କରିବି ବୋଲି କହିଥିଲେ । ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଦେବୀ ଜୈନ ଏହି ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଟିଟିଲାଗଡ ସହରବାସୀଙ୍କ ପାଇଁ ଏକ ବରଦାନ ସଦୃଶ ବୋଲି କହିବା ସହ ବିଗତ ବର୍ଷ ବର୍ଷ ଧରି ଟିଟିଲାଗଡ଼ ସରକାରୀ ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ ଲାଗି ରହିଥିବା ବେଳେ ତାହାର ସମାଧାନ କରିନପାରିବା ସହରବାସୀଙ୍କ ଦୁର୍ଭାଗ୍ୟ ବୋଲି କହିଥିଲେ । ସେ ଯାହା ବି ହେଉ ଏହି ଫାଉଣ୍ଡେସନ ଦ୍ୱାରା ବହୁତ ଲୋକ ଚିକିତ୍ସିତ ହୋଇପାରିବେ ବୋଲି ନିଜ ଅଭିଭାଷଣରେ କହିଥିଲେ । ଚେନ୍ନାଇରେ ଏହି ରାଜସ୍ଥାନୀ ହେଲଥ୍ ଫାଉଣ୍ଡେସନ ବହୁତ ଭଲ ସେବା ପ୍ରଦାନ କରୁଥିବା ଶ୍ରୀ ଶର୍ମା କହିଥିବା ବେଳେ ଏଠାରେ ମଧ୍ୟ ନିଶୁଳ୍କ ଅତ୍ୟାଧୁନିକ ସେବା ଦିଆଯିବ ବୋଲି କହିଥିଲେ । ଏହା ଜାତୀୟ ସ୍ୱାସ୍ଥ୍ୟ ମିଶନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା ଦ୍ୱାରା ଏହି ସେବା ଯୋଗାଇ ଦେବେ ଏବଂ ରାଜସ୍ଥାନୀ ହେଲଥ୍ ଫାଉଣ୍ଡେସନ ଦ୍ୱାରା ଏହାକୁ ପରିଚାଳନା କରାଯିବ । ଟିଟିଲାଗଡରେ ଏହି ଫାଉଣ୍ଡେସନର କାର୍ଯ୍ୟ ପରିଚାଳନା ପାଇଁ ବିନୋଦ କୁମାର ମରୋଡିଆଙ୍କୁ ଫାଉଣ୍ଡେସନ ତରଫରୁ ଦାୟିତ୍ୱ ପ୍ରଦାନ କରାଯାଇଛି । ତେବେ ଏଠାରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ସ୍ୱାସ୍ଥ୍ୟ ହିଁ ସମ୍ପଦ ତଥା ରୋଗ ସମ୍ବନ୍ଧୀୟ ପ୍ରତିକାର ବ୍ୟବସ୍ଥା ବିଷୟରେ ମଧ୍ୟ ଏଠାରେ ସୁବିଧା ପ୍ରଦାନ କରାଯିବ । ସକାଳ ୮ ଟାରୁ ୧୧, ସଂଧ୍ୟାରେ ୫ରୁ ୮ ଯାଏଁ ଚିକିତ୍ସା ପ୍ରଦାନ କରାଯିବ ବୋଲି ଫାଉଣ୍ଡେସନ ତରଫରୁ କୁହାଯାଇଛି । ତେବେ ସେ ଯାହା ବି ହେଉ ଟିଟିଲାଗଡରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ସହରବାସୀ ପାଇ ପାରିବେ ତାହା ହିଁ ବଡ କଥା ।

# ନିମ୍ନମାନର କାର୍ଯ୍ୟ ଅଭିଯୋଗରେ କେନାଲ କାମ ବନ୍ଦ କଲେ ଗ୍ରାମବାସୀ

ଚମ୍ପୁଆ, ୧୦/୦୪ (ନି.ପ୍ର): କାମ ଚାଲୁଥିବା ବେଳେ ଉପସ୍ଥିତ ରହୁ ନାହାଁନ୍ତି ଯନ୍ତ୍ରୀ ଓ ଅଧିକାରୀ । ଠିକାଦାର ନିଜ ମନ ମୁତାବକ କାମ କରୁଥିବା ବେଳେ ଅତି ନିମ୍ନ ମାନର କାମ ହେଉଥିବା ଅଭିଯୋଗରେ କାମ ବନ୍ଦ କରାଇଲେ ଗ୍ରାମବାସୀ । ସୂଚନା ଅନୁଯାୟୀ, ଚାଷ ଜମି କୁ ପାଣି ଯୋଗାଇବା ପାଇଁ କାନପୁର ବୃହତ ନଦୀବନ୍ଧ ଯୋଜନାର କେନାଲ କାମ ଏବେ ଶେଷ ପର୍ଯ୍ୟାୟରେ ପହଂଚିଥିବା ବେଳେ ପ୍ରତି ଗ୍ରାମରେ ଏବେ ଯୁଦ୍ଧ କାଳୀନ ଭିତିରେ କେନାଲ କାମ ଆଗେଇ ଚାଲିଛି । ତେବେ ଚମ୍ପୁଆ ବ୍ଲକ ଜାମୁଦଲକ ପଂଚାୟତର ସାତହଳିଆ ଗ୍ରାମରେ ଏହି କେନାଲ କାମ ଜାରି ରହିଥିବାବେଳେ ଗ୍ରାମବାସୀ ଏହି କେନାଲ କାମ ଅତି ନିମ୍ନମାନର ହେଉଥିବା ଅଭିଯୋଗ କରିବା ସହିତ କାମ ବନ୍ଦ କରାଇ ଦେଇଥିବା ଜଣାପଡିଛି । କେନାଲ କାମକୁ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହି ତଦାରଖ କରୁ ନଥିବା ଯୋଗୁଁ ଠିକାଦାର ଏହି କଂକ୍ରିଟ କେନାଲରେ ଅତି ନିମ୍ନ ମାନର ସାମଗ୍ରୀ ବ୍ୟବହାର କରିବା ସହିତ ସିମେଂଟ, ଚିପ୍ସ, ବାଲି ଆଦିର ଭାଗମାପ ଠିକ୍ ରଖୁ ନ ଥିବାବେଳେ କଂକ୍ରିଟ ଢଳେଇ ହୋଇ ସାରିବା ପରେ ସେଥିରେ ପାଣି ମଧ୍ୟ ଦେଉନଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ଏପ୍ରିଲ ମାସର ଟାଣ ଖରାରେ କଂକ୍ରିଟ ଫାଟି ଆଁ କରିଥିବା ଯୋଗୁଁ ଏହି କେନାଲ କାମର ସ୍ଥାୟୀତ୍ୱ ଉପରେ ପ୍ରଶ୍ନ କରିବା ସହିତ ଗ୍ରାମବାସୀ ସମସ୍ତେ ମିଳିତ ଭାବରେ ଏହି କାମ କୁ ବନ୍ଦ କରାଇଥିବା ଜଣାପଡିଛି ।

# ବାଇକ ଧକ୍କା : ଜଣେ ମୃତ, ଜଣେ ଗୁରୁତର

ଜୟପୁର, ୧୦/୦୪ (ନି.ପ୍ର): ଜୟପୁର ଏଲଆଇସି ଅଫିସ ସମ୍ମୁଖରେ ୨ଟି ବାଇକ ଧକ୍କା ହୋଇଛି । ଫଳରେ ଜଣେ ମୃତ ଓ ଜଣେ ଗୁରୁତର ହୋଇଥିବା ଜଣାଯାଇଛି । ମୃତକ ଜଣକ ହେଉଛନ୍ତି କଳାହାଣ୍ଡି ଜିଲାର ରାଜେଶ କୁମାର ନାୟକ । ଓ ଆହାତ ଜଣକ ହେଉଛନ୍ତ ଖ୍ରୀଷ୍ଟିଆନପେଟାର ପ୍ରବାସୀ ନାଗ । ପୋଲିସ ସୁଚନା ଅନୁଯାଇ ଜୟପୁର ଏଲଆଇସି ଅଫିସ ସମ୍ମୁଖରେ ଦୁଇଟି ବାଇକ ମୁହାଁ ମୁହିଁ ଧକ୍କା ହୋଇଥିଲା । ବସଟି ବୋରିଗୁମ୍ମା ଅଭିମୁଖେ ଯାଉଥିବା ବେଳେ ଗୋଟିଏ ବାଇକ ବସ ପଛ ପଟେ ଆସି ବସକୁ ଓଭର ଟେକ କରି ଯାଉଥିବା ବେଳେ ସମ୍ମୁଖ ପଟେ ଆସୁଥିବା ଆନ୍ୟ ଏକ ବାଇକକୁ ଧକ୍କା ଦେଇଥିଲା ଫଳରେ ବାଇକ ଚାଳକ ବସ ଚକା ତଳେ ପଡି ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ଜୟପୁର ଜିଲା ଚିକିତ୍ସାଳୟ କୁ ନିଆଯାଇଥଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନନ୍ତର କରାଯାଇଥିଲା । ଜୟପୁର ଟାଉନ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନା ଅଧିକାରି ସମ୍ବିତ କୁମାର ବେହେରା ସୁଚନା ଦେଇଛନ୍ତି ।

# ସ୍ୱାମୀର ଚିକିତ୍ସା ପାଇଁ ସ୍ତ୍ରୀ ଯାଇଛି ଦାଦନ

ନୂଆପଡ଼ା, ୧୦/୦୪ (ନି.ପ୍ର): ସ୍ୱାମୀ ଅଜଣା ରୋଗରେ ଶଯ୍ୟାଶାୟୀ, ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ ପାଇଁ ସ୍ତ୍ରୀ ଯାଇଛି ଦାଦନ ଖଟି । ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଂଚାୟତର ଘରଧରା ଗ୍ରାମରେ । ଗୌରାଙ୍ଗ ଶବର, ବୟସ ୩୦ ବର୍ଷ ।ଖଡ଼ିଆଳ ବ୍ଲକ ସାନ ମହେଶ୍ୱର ଗ୍ରାମ ପଂଚାୟତର ଘରଧରା ଗ୍ରାମର ଏହି ବ୍ୟକ୍ତିଙ୍କ ଦୁଃଖ କହିଲେ ନସରେ । କିଛି ବର୍ଷ ପୂର୍ବେ ବାପା ମାଆଙ୍କ ପରଲୋକ ଘଟିଥିଲା । ଦୁଃଖ ଯନ୍ତ୍ରଣାରେ ସ୍ତ୍ରୀ ରେମତୀ ସହ ଜୀବନ ଯାପନ କରୁଥିବା ଗୌରାଙ୍ଗ ପାଇଁ ବିପଦ ଯେମିତି ଅପେକ୍ଷା କରି ରହିଥିଲା । ଦୁଇ ବର୍ଷ ପୂର୍ବେ ତାଙ୍କ ଗୋଡ ହାତ ଦରଦ ହେବାରୁ ଖଡ଼ିଆଳ ଯାଇ ଚିକିତ୍ସା କଲେ । କିନ୍ତୁ ଯନ୍ତ୍ରଣା ବଢ଼ିଲା ସିନା କମିଲା ନାହିଁ । ପରେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ ଦେଖାଇଲେ, ହେଲେ ଫଳ କିଛି ମିଳିଲା ନାହିଁ ।ଧିରେ ଧିରେ ଶରୀର ଆହୁରି ଅସୁସ୍ଥ ହେବାକୁ ଲାଗିଲା । ପାଦ ଫୁଲିବା ସହ ଗଳା ଫୁଲିବାରୁ ଖାଇବା ପିଇବାରେ ଅସୁବିଧା ସୃଷ୍ଟି ହେଲା । ନିଜର ସୁନା ରୁପା ବିକ୍ରି କରି ସ୍ୱାମୀର ଯତ୍ନ କଲେ ରେମତୀ । କିନ୍ତୁ ସ୍ୱାମୀ ଆଉ ଭଲ ହେଲେ ନାହିଁ, ଚିକିତ୍ସା ପାଇଁ ଅର୍ଥ ଅଭାବ ସହ ଦାନା ଯୋଗାଡ଼ ପାଇଁ ଅହରହ ସଂଘର୍ଷ କରିବାକୁ ପଡିଲା ।ଶେଷରେ ନିରୁପାୟ ରେମତି ଲୋକଙ୍କ ସହ ମିଶି ଛଅ ମାସ ତଳେ ହାଇଦ୍ରାବାଦ ଯାଇଛନ୍ତି ଇଟା ଗଢିବା ପାଇଁ । ଏପଟେ ଏକାକୀ ଅତି କଷ୍ଟରେ ଜୀବନ ଜିଉଁଛନ୍ତି ଗୌରାଙ୍ଗ । ଭଲରେ ଉଠି ବସି ପାରୁ ନାହାଁନ୍ତି । ନିଜେ ରାନ୍ଧିକି ଖାଇ ପାରୁ ନାହାନ୍ତି । ଲୋକେ ଦେଲେ ଖାଉଛନ୍ତି, ନ ହେଲେ ଭୋକରେ ରହୁଛନ୍ତି । ଅତି କଷ୍ଟରେ ଘରୁ ବାହାରକୁ ଆସୁଛନ୍ତି, ଅନେକ ସମୟରେ ଚାଲିବା ସମୟରେ ତଳେ ପଡି ଯାଉଛନ୍ତି ବୋଲି ସେ କହନ୍ତି । ବେମାରରେ ଘାଂଟି ହେଉଥିବା ଗୌରାଙ୍ଗଙ୍କୁ ସରକାରୀ ସହଯୋଗ କିଛି ମିଳି ପାରୁନାହିଁ । ଏକ ଭଙ୍ଗା ଦଦରା ଘରେ ସେ ରହୁଥିବା ବେଳେ ଆବାସ ଯୋଜନାରେ ଘର ଖଣ୍ଡେ ମିଳୁନାହିଁ । ରାସନ କାର୍ଡରେ ମାତ୍ର ଚାଉଳ ଦଶ କିଲୋଗ୍ରାମ ମିଳୁଛି ।ସେଥିରେ ମାସ ସାରା ଚଳିବାକୁ ପଡୁଛି । ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଖବର ଜାଣିବା ପରେ ଚାଉଳ ଗୋଟିଏ ପ୍ୟାକେଟ ସହ ଗୋଟିଏ ମାସର ରାସନ ସାମଗ୍ରୀ ଦେଇଛନ୍ତି ଓ ତାଙ୍କୁ ସବୁ ପ୍ରକାର ସହଯୋଗ କରିବେ ବୋଲି କହିଛନ୍ତି । ତାଙ୍କର ଚିକିତ୍ସା ବିଷୟରେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟର ଇନଚାର୍ଜ ଡାକ୍ତର ରଞ୍ଜିତ ରାଉତଙ୍କୁ ପଚାରିବାରୁ ଡ଼ାକ୍ତରୀ ଟିମ ପଠାଇ ଅବସ୍ଥା ତଦାରଖ କରିବେ ଓ ଚିକିତ୍ସାର ସୁବିଧା କରିବେ ବୋଲି କହିଛନ୍ତି । ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅସହାୟ ଗୌରାଙ୍ଗଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି ।

# ପକ୍ଷୀଙ୍କୁ ପାଣି ଦେବାପାଇଁ ପାହାଡ଼ ଚଢ଼ିଲେ କିନ୍ନର



ଅନୁଗୁଳ , ୧୦/୦୪ (ନି.ପ୍ର): ବଢ଼ିଲାଣି ଖରା । ପାଣି ପାଇଁ ଆଉଟୁପାଉଟୁ ହେଲେଣି ଲୋକେ । ପଶୁପକ୍ଷୀ ବି ଏଥିରୁ ବାଦ୍ ପଡ଼ି ନାହାନ୍ତି । ବିଭିନ୍ନ ଜଳାଶୟ ଶୁଖିଲା ପଡ଼ିଥିବାରୁ ସେମାନଙ୍କୁ ପାଣି ମିଳୁନି । ଏଭଳି ସ୍ଥିତିରେ ସେମାନଙ୍କୁ ପିଇବା ପାଣି ଯୋଗାଇବା ପାଇଁ ୨୦୦ ଫୁଟ ପାହାଡ଼ ଚଢ଼ିଛନ୍ତି କିନ୍ନର ଓ ବନ କର୍ମଚାରୀ । ପକ୍ଷୀମାନେ ପିଇବା ପାଣି ପାଇଁ ଯେମିତି ଅସୁବିଧାରେ ପଡ଼ିବେ ନାହିଁ ସେଥିପାଇଁ ଠେକି ଓ ଶିକାରେ ପାଣି ରଖିଛନ୍ତି । ସେହିପରି ଜଙ୍ଗଲୀ ପ୍ରାଣୀଙ୍କ ପାଇଁ କୁଣ୍ଡରେ ପାଣି ଯୋଗାଇବା ବ୍ୟବସ୍ଥା କରାଯାଇଛି । କିନ୍ନର ଚିନ୍ମୟୀ ଦାସଙ୍କ ଉଦ୍ୟମରେ ଏଭଳି ଏକ ନିଆରା ଉଦ୍ୟମ ଆରମ୍ଭ ହୋଇଥିଲାବେଳେ ଆଗକୁ ଅନୁଗୁଳ ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ଏମିତି ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି । ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଜରପଡ଼ା ଜଙ୍ଗଲ ମୌଜା ଅଞ୍ଚଳରେ ଥିବା ପାହାଡ଼ ଜଙ୍ଗଲକୁ ଆଜି କିନ୍ନର ଚିନ୍ମୟୀ ଦାସ ଓ ଜରପଡ଼ା ରେଞ୍ଜ ଅଧିକାରୀ ମାଧବ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ପ୍ରାୟ ୫୦ ଜଣ ସମାଜସେବୀ ଓ ବନ କର୍ମଚାରୀ ଚଢ଼ିଥିଲେ । ଏଥିରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ମହିଳା ମଧ୍ୟ ଥିଲେ । ସମସ୍ତଙ୍କ ହାତରେ ଥିଲା ପାଣି ଠେକି । ପ୍ରାୟ ୨ ଶହ ଫୁଟ ପାହାଡ଼ ଚଢ଼ି ସେମାନେ ବିଭିନ୍ନ ସ୍ଥାନରେ ଏହି ପାଣି ଭର୍ତ୍ତି ଠେକିକୁ ଥୋଇ ଦେଇଥିଲେ । ପାହାଡ଼ର ବିଭିନ୍ନ ଭାଗରେ ଉଚ୍ଚ ସ୍ଥାନଗୁଡ଼ିକରେ ଏହି ପାଣି ଠେକି ରଖାଯାଇଥିଲା । କିଛି ଗଛରେ ପାଣି ଭର୍ତ୍ତି ଠେକିକୁ ଶିକାରେ ସେମାନେ ଝୁଲାଇ ଦେଇଥିଲେ । ଏହି ପାହାଡ଼ରେ ବିଭିନ୍ନ ପ୍ରକାରର ପକ୍ଷୀ ବସା ବାନ୍ଧିଥିଲାବେଳେ ହଜାର ହଜାର ପକ୍ଷୀ ରହୁଛନ୍ତି । ପାହାଡ଼ ପାଖାପାଖି କୌଣସି ଜଳାଶୟ ନ ଥିବାରୁ ସେମାନେ ପାଣି ପାଇଁ ଖରାଦିନେ ଡହଳବିକଳ ?ହୁଅନ୍ତି । ଏପରିକି ପାଣି ଅଭାବରୁ ପକ୍ଷୀମାନେ ମୃତ୍ୟୁମୁଖରେ ପଡ଼ିବାର ଉଦାହରଣ ରହିଛି । ଏଥର ଅଧିକ ଖରା ହେବାର ପୂର୍ବାନୁମାନ କରାଯାଉଥିଲାବେଳେ ପକ୍ଷୀମାନେ ଯେମିତି ପିଇବା ପାଣି ପାଇଁ ସମସ୍ୟାରେ ନ ପଡ଼ିବେ ସେଥିନେଇ ସବୁ ପ୍ରକାର ବ୍ୟବସ୍ଥା କରିଥିଲେ । ଏପରିକି ପକ୍ଷୀଙ୍କ ଖାଇବା ପାଇଁ ପାହାଡ଼ ଉପରେ ଚାଉଳ ଓ ଗହମ ମଧ୍ୟ ରଖାଯାଇଛି । କିନ୍ନର ତଥା ସମାଜସେବୀ ଚିନ୍ମୟୀ ଦାସଙ୍କ ଏହି ପକ୍ଷୀପ୍ରେମ ନୂଆ କଥା ନୁହେଁ । ଆଗରୁ ବିଭିନ୍ନ ପାହାଡ଼ ଓ ଜଙ୍ଗଲରେ ମଧ୍ୟ ସେ ବନ୍ୟପ୍ରାଣୀ ଓ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରିଛନ୍ତି । ଏଥର ଏଥିରେ ବନ କର୍ମଚାରୀଙ୍କୁ ସାମିଲ କରି ଏହାକୁ ବ୍ୟାପକ କରିବା ପାଇଁ ଯୋଜନା କରାଯାଇଥିବା ଚିନ୍ମୟୀ କହିଛନ୍ତି । ଜରପଡ଼ା ରେଞ୍ଜ ଅଧିକାରୀ ମାଧବ ନାୟକ କହିଛନ୍ତି ଯେ, ଚିନ୍ମୟୀ ଦାସଙ୍କ ଏହି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଆଜି ତାଙ୍କ ସହ ବନକର୍ମଚାରୀ ମିଶି ପାହାଡ଼ ଉପରେ ପାଣି ଠେକି ରଖିଛନ୍ତି । ବିଭିନ୍ନ ଗାଁରେ ଥିବା ବନ ସୁରକ୍ଷା ସମିତିଗୁଡ଼ିକ ମଧ୍ୟ ଜଙ୍ଗଲରେ ଏମିତି ପାଣି ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି ।

# ସରସ୍ୱତି ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜୟପୁର, ୧୦/୦୪ (ନି.ପ୍ର): ଜୟପୁର ଅରବିନ୍ଦ ନଗର ସ୍ଥିତ ସରସ୍ୱତି ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ । ପରିଚାଳନା କମିଟିର ସଭାପତି ପ୍ରେମାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାଯ୍ୟକ୍ରମ ରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୁବତନ ବିଭାଗ ସଂଘ ସଂଚାଳକ ହରିହର କରସୁଧା ପଟ୍ଟନାୟକ ସମ୍ପାଦକ ସତ୍ୟ ବାଦି ମିଶ୍ର,ବିଦ୍ୟାମନ୍ଦିର ପ୍ରଧାନ ଆଚାଯ୍ୟ ଲକ୍ଷମୀ କାନ୍ତ ମିଶ୍ର ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥି ମାନେ ବିଦ୍ୟାଳୟର ମୁଖପାତ୍ର ଉନ୍ମୋଚନ କରାଯାଇଥିଲା ।

# ଖଡ଼ିଆଳ ଗାୟତ୍ରୀ ଶକ୍ତିପୀଠରେ କାର୍ଯ୍ୟକାରିଣୀ ବୈଠକ

ନୂଆପଡ଼ା, ୧୦/୦୪ (ନି.ପ୍ର): ଖଡିଆଳ ଗାୟତ୍ରୀ ଶକ୍ତି ପିଠ ଠାରେ ନୁଆପଡା ଗାୟତ୍ରୀ ପରିବାରର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗତ ତିନିମାସ ମଧ୍ୟରେ ଗାୟତ୍ରୀ ପରିବାରର ସକ୍ରିୟ ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ସଂସ୍କାର ମୁଳକ କାର୍ଯ୍ୟକ୍ରମ ଓ କୁଣ୍ଡଯଜ୍ଞ, ଦିପଯଜ୍ଞ, ସାମାଜିକ କାର୍ଯ୍ୟକ୍ରମ ତଥା ପ୍ରତ୍ୟେକ ବ୍ଲକର ମହିଳା ମଣ୍ଡଳ ଓ ସକ୍ରିୟ ସଦସ୍ୟଙ୍କ ସଂଖ୍ୟାର ତ୍ରୈମାସିକ ରିପୋର୍ଟ କାର୍ଡର ବିବରଣୀ ପ୍ରସ୍ତୁତ କରାଯାଇଥିଲା । ପରବର୍ତୀ ପର୍ଯ୍ୟାୟରେ ରିପୋର୍ଟକୁ ଶାନ୍ତିକୁଞ୍ଜ ହରିଦ୍ୱାର ଠାରେ ଥିବା ମୁଖ୍ୟ କାର୍ଯ୍ୟାଳୟକୁ ପଠାଇବାର ବ୍ୟବସ୍ଥା ସହିତ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ସବିଶେଷ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଜୟରାମ ଶବର, ନୂଆପଡା ଜୋନ ପ୍ରଭାରୀ କେତନ ସିଂ ବାରିକ, ଯୁବ ପ୍ରଭାରୀ ବ୍ୟାସ ନାରାୟଣ ଅହିର, ଯୁବ ସହ ପ୍ରଭାରୀ ଅର୍ଜୁନ ବାଗ, ଜିଲା ଉପଦେଷ୍ଟା ଶୈଳେଶ ଅଗ୍ରୱାଲ, ଖଡିଆଳ ଗାୟତ୍ରୀ ଶକ୍ତି ପିଠର ମୁଖ୍ୟ ଟ୍ରଷ୍ଟି ରାଜକୁମାର ଅଗ୍ରୱାଲ, ତୁକଲା ପରିବ୍ରାଜକ ଶତ୍ରୁଘନ ଆଚାର୍ଯ୍ୟ, ଖଡିଆଳ ପରିବ୍ରାଜକ ତ୍ରିଲୋଚନ ବିଶି, ନାରୀ ଜାଗରଣ ସଂଯୋଜିକା ମମତା ମଞ୍ଜରୀ ଥପା ପ୍ରମୁଖ ଉପସ୍ଥିତ ଥିଲେ ।

# ଦିବ୍ୟ ଜୀବନ ସଂଘ ପକ୍ଷରୁ ପଂଚ ଦିବସୀୟ ବ୍ୟକ୍ତିତ୍ୱ ବିକାଶ ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୧୦/୦୪ (ନି.ପ୍ର): ଦିବ୍ୟ ଜୀବନ ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ପଂଚ ଦିବସୀୟ ବ୍ୟକ୍ତିତ୍ୱ ବିକାଶ ଶିବିର ରବିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ଅଧି ଭାଗବତପୁର ପଂଚାୟତର ବାଲିଆ ସ୍ଥିତ ଜାଗମଠ ପଡିଆ ଠାରେ ଆୟୋଜିତ ଏହି ଶିବିରକୁ ଠାକୁର ରାଜା ଗଜପତି ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ଉଦ୍‌ଘାଟନ କରିଛନ୍ତି । ୫ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ଚରିତ୍ର ନିର୍ମାଣ, ଆଧ୍ୟାତ୍ମିକ ବିକାଶ, ପ୍ରବୃତିଗତ ସଂସ୍କାର ଓ ସଂସ୍କାର ପୂର୍ଣ୍ଣ ଜୀବନ ଯାପନର ଗୁରୁତ୍ୱ ଆଦି ବିଷୟରେ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରାଯିବ । ଗରାପୁର ସ୍ଥିତ ଶିବାନନ୍ଦ ଅଶ୍ରମର ଅଧ୍ୟକ୍ଷା ଶ୍ରୀମା ଦିବ୍ୟା ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ମାର୍ଗ ଦର୍ଶନରେ ଏହି ୫ଦିନର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ଶିବିରରେ ପ୍ରଜ୍ଞା ମିଶନର ସ୍ୱାମୀ ସମର୍ପଣାନନ୍ଦ ଗିରି, ସ୍ୱାମୀ ଉମାନନ୍ଦ ସରସ୍ୱତୀ, ଚିନ୍ମୟ ମିଶନର ସ୍ୱାମୀ ଓଁକାରାନନ୍ଦ ମିଶ୍ର ସରସ୍ୱତୀ, ସ୍ୱାମୀ ରାମେଶ୍ୱରାନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ପ୍ରମୁଖ ସାଧୁ ସନ୍ଥ ମାନେ ଅଂଶ ଗ୍ରହଣ କରି ଶିବିରାର୍ଥୀ ମାନଙ୍କୁ ତାଲିମ ପ୍ରଦାନ କରିବେ । ଦିବ୍ୟ ଜୀବନ ସଂଘ ସମନ୍ୱୟ ସମିତି ଦକ୍ଷିଣ ଓଡିଶାର ମୁଖ୍ୟ ସଂଗଠକ ଜୟଚନ୍ଦ୍ର ନାୟକ କାର୍ଯ୍ୟକ୍ରମର ରୂପରେଖ ଉପରେ ବିଶେଷ ଭାବରେ ସୂଚନା ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଶିବିରରେ ୫୦୦ ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଅଂଶଗ୍ରହଣ କରିଥିବା ଜଣା ପଡିଛି । କାର୍ଯ୍ୟକ୍ରମ ପରିଚାଳନାରେ ଅଶ୍ୱିନୀ କୁମାର ମିଶ୍ର ଓ ପ୍ରମୋଦ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ମାଲପଡା ନାଗରିକ କମିଟିର ମାସିକିଆ ବୈଠକ

ବଲାଙ୍ଗୀର, ୧୦/୦୪ (ନି.ପ୍ର): ଯୁଧିଷ୍ଠିର ମିଶ୍ରଙ୍କ ସଭାପତିତ୍ୱରେ ମାଲପଡ଼ା ନାଗରିକ କମିଟିର ମାସିକିଆ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାରେ ୱାର୍ଡ଼ ନଂ. ୧୪ ଓ ୧୫ର ସର୍ବାଙ୍ଗିନ ଉନ୍ନତି ପାଇଁ ପ୍ରସ୍ତାବମାନ ଆଲୋଚନା ମାଧ୍ୟମରେ ଗ୍ରହଣ କରାଯାଇଥିଲା । ଏହି ୱାର୍ଡ଼ମାନଙ୍କର ରାସ୍ତାର ଅବନତି ଓ ନୂତନ ରୂପରେଖ ଦେବାପାଇଁ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା । ଯଥା ପ୍ରହରି ଛକ ଠାରୁ ଦକ୍ଷିଣ ଦିଗକୁ ଆଶୁତୋଷ ଛକ ପର୍ଯ୍ୟନ୍ତ ପିଚୁ କାମ କରିବା ପାଇଁ ଓ ଡ୍ରେନ୍‌ଗୁଡ଼ିକ ତିଆରି କରିବା ପାଇଁ ମ୍ୟୁନିସିପାଲିଟିକୁ ବହୁ ଆଗରୁ ପ୍ରସ୍ତାବମାନେ ଦିଆ ଯାଇଥିଲା, ହେଲେ ମଧ୍ୟ କାର୍ଯ୍ୟ ଆଜିପର୍ଯ୍ୟନ୍ତ ସମାପନ ହୋଇନାହିଁ । ପତ୍ର ମାଧ୍ୟମରେ ବହୁବାର ଜଣାଇ ତାଙ୍କୁ ଜଣାଇ ଦିଆଯାଇଛି । ପିଏଚ୍‌ଡି ପାଣି ସବୁ ଦିନ ଦିଆଯାଉ ନାହିଁ । ମାଲପଡ଼ା ସ୍କୁଲ ଗୃହ ଭଙ୍ଗାରୁଜା ହୋଇ ପଡ଼ିରହିଛି, ମରାମତି ପାଇଁ ମ୍ୟୁନିସିପାଲିଟିକୁ ବହୁଥର ଅନୁରୋଧ କରାଯାଇ ଅଛି । ଆଜିପର୍ଯ୍ୟନ୍ତ ଉପରୋକ୍ତ କାର୍ଯ୍ୟଗୁଡ଼ିକ କିଛି ହୋଇନାହିଁ । ଏଣୁ ମ୍ୟୁନିସିପାଲିଟିକୁ ଅନୁରୋଧ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହି ସଭାରେ ସଭାପତି ଯୁଧିଷ୍ଠିର ମିଶ୍ର, ଗୋପବନ୍ଧୁ ମିଶ୍ର, ତରୁଣ କୁମାର ମିଶ୍ର, ଅଶୋକ କୁମାର ଚାନ୍ଦ, ସମ୍ପାଦକ ବସୁଦେବ ନାଗ, ପଂଚାନନ ସେଠ, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଦେବଜିତ ଯୋଷୀ, ଦୟାସାଗର ବରର୍ତି, ଛବି ବେହେରା ଆଦି ସଭ୍ୟ ଯୋଗଦେଇ ତାଙ୍କ ବକ୍ତବ୍ୟମାନ ପ୍ରଦାନ କରିଥିଲେ ।

## କାହିଁକି ଶବମାନଙ୍କ ସହ ସମ୍ବନ୍ଧ ରଖନ୍ତି ଅଘୋରୀ ବାବା ? : ଜାଣନ୍ତୁ ରହସ୍ୟ




ହିନ୍ଦୁ ଧର୍ମରେ ସାଧୁ ସନ୍ଥ ମାନଙ୍କର ପୂର୍ବ କାଳରୁ ମହତ୍ତ୍ୱ ରହିଆସିଛି ଏବଂ ସେମାନଙ୍କର ଅନେକ ରୂପ ମଧ୍ୟ ରହିଛି । ପ୍ରକୃତରେ କହିବାକୁ ଗଲେ, କେତେକ ସାଧୁ ଅଛନ୍ତି ସେମାନେ ଅତ୍ୟନ୍ତ ଶାନ୍ତ ହୋଇଥାନ୍ତି, ହେଲେ କେତେକ ସାଧୁ, ଲୋକମନଙ୍କ ମନରେ ଭୟ ଏବଂ ରହସ୍ୟର ଭାବନା ସୃଷ୍ଟି କରିଥାନ୍ତି । ଆଜି ଆମେ ଅଘୋରୀ ସାଧୁ ମାନଙ୍କ କଥା କହିବାକୁ ଯାଉଛୁ, ସାଧୁ ଏବଂ ସାଧୁମାନଙ୍କର ଏହି ଭ୍ରାତୃତ୍ୱ ବହୁତ ଭିନ୍ନ ଅଟେ । ଭଗବାନଙ୍କୁ ପୂଜା କରିବାର ଉପାୟ ଅଘୋରୀ ବାବାଙ୍କର ବହୁତ ଅଲଗା । ପାଉଁଶରେ ଆଚ୍ଛାଦିତ ଲମ୍ବା କେଶ ଥିବା ଏହି ଅଘୋରୀ ବାବାଙ୍କ ରୂପ ଭଳି ଅନନ୍ୟ, ସେମାନଙ୍କ ଜୀବନ ସେମାନଙ୍କ ଅପେକ୍ଷା ଅଧିକ ଅନନ୍ୟ । ଆସନ୍ତୁ ଜାଣିବା ଅଘୋରୀ ବାବାଙ୍କ ଜୀବନ ସହିତ ଜଡିତ କିଛି ରହସ୍ୟମୟ କଥା । ଅଘୋରୀ ବାବା ଭଗବାନ ଶିବଙ୍କର ଜଣେ ଉପାସକ ଏବଂ ସର୍ବଦା ତାଙ୍କ ଭକ୍ତିରେ ବ୍ୟସ୍ତ ରୁହନ୍ତି । ଶିବଙ୍କ ପରି ସେ ଶବଦାହର ପାଉଁଶକୁ ନିଜ ଶରୀରରେ ବୋଳି ରଖନ୍ତି । କେଶ ରଖନ୍ତି, ରୁଦ୍ରକ ପିନ୍ଧନ୍ତି ଏବଂ ଦୁନିଆରେ ସେ ଆଧ୍ୟାତ୍ମିକ ଅଭ୍ୟାସରେ ବ୍ୟସ୍ତ ରୁହନ୍ତି । ସେମାନେ ପବିତ୍ର ନଦୀରେ ସ୍ନାନ କରିବା ପାଇଁ କେବଳ କୁମ୍ଭ, ମହାକୁମ୍ଭ, ମାଘ ମେଳା ଭଳି ବିଶେଷ ଉତ୍ସବରେ ଦୁନିଆ ସାମ୍ନାକୁ ଆସିଥାନ୍ତି ।

ଅଘୋରୀଙ୍କ ବିଷୟରେ କୁହାଯାଏ ଯେ, ସେମାନେ କଞ୍ଚା ମାନବ ମାଂସ ଖାଆନ୍ତି । ବାସ୍ତବରେ, ଅଧିକାଂଶ ଅଘୋରୀ ଶବଦାହରେ ରୁହନ୍ତି । ସେମାନେ ଅଧା ମୃତ ଶରୀରର ମାଂସ ଖାଆନ୍ତି । ସେମାନେ ମୃତ ଶରୀରକୁ ଅନେକ ଉପାୟରେ ବ୍ୟବହାର କରନ୍ତି ଏବଂ ବିଶ୍ୱାସ କରନ୍ତି ଯେ, ଏହା ସେମାନଙ୍କର ସିଷ୍ଟମ ଶକ୍ତିକୁ ମଜବୁତ କରେ । ଯାହା ସାଧାରଣ ଲୋକର ଆତ୍ମା ଏହିସବୁ ବିଷୟରେ ଚିନ୍ତା କରେ ନାହିଁ । ଅଘୋରୀ ମାନଙ୍କ ବିଷୟରେ କୁହାଯାଏ ଯେ, ସେମାନେ ଶବ ସହିତ ସମ୍ପର୍କ ସ୍ଥାପନ କରନ୍ତି । ଏହା ପଛରେ ଆଗୋରୀ ବାବାଙ୍କ ଯୁକ୍ତି ହେଉଛି ଏହା ସେମାନଙ୍କର ଶିବ ସାଧନାର ଏକ ଉପାୟ । ସେମାନେ ବିଶ୍ୱାସ କରନ୍ତି ଯେ, ଯଦି ସେମାନେ ମୃତ ଶରୀର ସହିତ ଶାରୀରିକ ସମ୍ପର୍କ ରଖିବା ସମୟରେ ମଧ୍ୟ ଶିବଙ୍କୁ ପୂଜା କରିପାରିବେ, ତେବେ ଏହା ସେମାନଙ୍କର ଆଧ୍ୟାତ୍ମିକ ଅଭ୍ୟାସର ଏକ ଉଚ୍ଚ ସ୍ତର ଅଟେ । କେବଳ ଏତିକି ନୁହେଁ, ଏହା ମଧ୍ୟ କୁହାଯାଇଛି ଯେ ଅଘୋରୀ ବାବା ଅନ୍ୟ ସାଧୁମାନଙ୍କ ପରି କିଛି ପାଳନ କରନ୍ତି ନାହିଁ, କିନ୍ତୁ ସେମାନେ ଋତୁସ୍ରାବ ସମୟରେ ମହିଳାଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଏହା ସେମାନଙ୍କର ଅଘୋର ବିଦ୍ୟାକୁ ମଜବୁତ କରେ ଏବଂ ସେମାନଙ୍କର ଶକ୍ତି ବୃଦ୍ଧି କରେ । ଏହା ବ୍ୟତୀତ ଆଉ ଏକ ଜିନିଷ ଅଛି ଯାହା ଅଘୋରୀମାନେ କୁକୁରମାନଙ୍କୁ ବହୁତ ଭଲ ପାଆନ୍ତି, ସେମାନେ କୁକୁରମାନଙ୍କୁ ସେମାନଙ୍କ ସହିତ ରଖିବାକୁ ପସନ୍ଦ କରନ୍ତି ।

## ଏହି ୪ଟି ଜିନିଷ ଥିବା ଲୋକ ହୋଇଥାନ୍ତି ଧନବାନ: ଚାଣକ୍ୟ

***କର୍ମ ହେଉଛି ଭଗବାନ, ଏହା କେବଳ ଏକ କଥା ନୁହେଁ ବରଂ ଏକ ସତ୍ୟ । ମଣିଷ ତାଙ୍କ ଚରିତ୍ର ଦ୍ୱାରା ନୁହେଁ ବରଂ ନିଜ କର୍ମ ଦ୍ୱାରା ମହାନ ହୋଇଯାଏ । ମଣିଷର କାର୍ଯ୍ୟ ତାଙ୍କ ଅବସ୍ଥା ଓ ଦିଗ ନିର୍ଣ୍ଣୟ କରେ । ଭଲ ଏବଂ ମନ୍ଦ କାର୍ଯ୍ୟର ଫଳ କେବଳ ବର୍ତ୍ତମାନ ନୁହେଁ ବରଂ ପରବର୍ତ୍ତୀ ଜୀବନରେ ମଧ୍ୟ ମିଳିଥାଏ । ଆଚାର୍ଯ୍ୟ ଚାଣକ୍ୟ ସେହି ଜିନିଷଗୁଡିକ ବିଷୟରେ ଉଲ୍ଲେଖ କରିଛନ୍ତି ଯାହା ସାଧାରଣ ପରିଶ୍ରମ ଦ୍ୱାରା କଦାପି ହାସଲ ହୋଇପାରିବ ନାହିଁ ।***

***ଯିଏ ଏହାକୁ ହାସଲ କରେ, ସେ କଠୋର ପରିଶ୍ରମ ଦେଇ ଗତି କରେ । ଚାଣକ୍ୟ କହିଛନ୍ତି ଯେ ଯେଉଁମାନଙ୍କର ଏହି ୪ଟି ଜିନିଷ ଅଛି ସେମାନଙ୍କୁ ଭାଗ୍ୟରେ ଧନୀ କୁହାଯାଏ । ଆସନ୍ତୁ ଜାଣିବା ଏହା କ'ଣ...***

ଜୀବନରେ ଏକ ବୁଦ୍ଧିମାନ ଓ ଗୁଣାବାନ ଜୀବନସାଥୀଙ୍କ ସୁଖ ସମସ୍ତଙ୍କ ଭାଗ୍ୟରେ ନଥାଏ । ପୂର୍ବ ଜନ୍ମରେ ବ୍ୟକ୍ତିର ଭଲ କାର୍ଯ୍ୟ ଆଧାରରେ ଏହି ସୁଖ ପ୍ରାପ୍ତ ହୁଏ । ଯେଉଁମାନଙ୍କର ଏକ ଭଲ ଜୀବନ ସାଥୀ ଅଛନ୍ତି ସେମାନଙ୍କୁ ଭାଗ୍ୟଶାଳୀ କୁହାଯାଏ । ଚାଣକ୍ୟ କହିଛନ୍ତି ଯେ ଯେଉଁମାନେ ମହିଳାଙ୍କୁ ସମ୍ମାନ କରନ୍ତି, ଯେଉଁମାନେ ତାଙ୍କୁ ପ୍ରତ୍ୟେକ ସୁଖ ଓ ଦୁଃଖରେ ସାଥିରେ ରୁହନ୍ତି ସେମାନେ ପ୍ରତ୍ୟେକ ଜନ୍ମରେ ଭଲ ଫଳ ପାଆନ୍ତି । ଟଙ୍କା ବିନା ଜୀବନ କଷ୍ଟସାଧ, ତେଣୁ ସମସ୍ତଙ୍କ ପାଖରେ ଟଙ୍କା ରହିବା ଉଚିତ୍ । କିଛି ଲୋକଙ୍କ ପାଖରେ କମ୍ ଅଛି ତ ଆଉ କିଛି ଲୋକଙ୍କ ପାଖରେ ଅଧିକ ଅଛି, କିନ୍ତୁ ପ୍ରତ୍ୟେକ ବ୍ୟକ୍ତିଙ୍କର ଅର୍ଥ ସଠିକ ଭାବରେ ବ୍ୟବହାର କରିବାର କଳା ନାହିଁ । ଅର୍ଥକୁ ସଠିକ ଭାବରେ ବ୍ୟବହାର କରିବାର ଗୁଣ କେବଳ ସେହିମାନଙ୍କ ପାଇଁ ଉପଲବ୍ଧ, ଯେଉଁମାନେ ଏହାର ମୂଲ୍ୟ ବୁଝନ୍ତି, ଯେଉଁମାନେ ଲକ୍ଷ୍ମୀଙ୍କୁ କେବେ ଅସମ୍ମାନ କରିନାହାଁନ୍ତି । ଯଦି ତୁମର ଟଙ୍କା ସଠିକ ଭାବରେ ପରିଚାଳନା କରିବା ପାଇଁ ତୁମର ଜ୍ଞାନ ନାହିଁ, ତେବେ ତୁମକୁ ସାରା ଜୀବନ ଲକ୍ଷ୍ମୀଙ୍କ ଆଶିର୍ବାଦ ପାଇଁ ସଂଘର୍ଷ କରିବାକୁ ପଡ଼ିବ । ଚାଣକ୍ୟ କହିଛନ୍ତି ଯେ ଯେଉଁମାନେ ଭଲ ଖାଦ୍ୟ ସହିତ ହଜମ କରିବାର ଶକ୍ତି ପାଇଛନ୍ତି ସେମାନଙ୍କୁ ବହୁତ ଭାଗ୍ୟବାନ କୁହାଯାଏ । ଆପଣ ଯେତେ ଭଲ ଖାଦ୍ୟ ଖାଆନ୍ତୁ ନା କାହିଁକି, ଯଦି ଆପଣ ଏହାକୁ ହଜମ କରିବାରେ ସକ୍ଷମ ନୁହଁନ୍ତି, ତେବେ ଶରୀର ନଷ୍ଟ ହେବାକୁ ଲାଗିବ, ରୋଗ ଆପଣଙ୍କୁ ଘେରି ରୁହେ । ଏକ ଆନ୍ତରିକ ହୃଦୟରେ କରାଯାଇଥିବା ଦାନ ମଧ୍ୟ ଗରିବ ଲୋକଙ୍କୁ ଧନୀ କରେ । ଚାଣକ୍ୟ କହିଛନ୍ତି ଯେ ଯେଉଁମାନଙ୍କର ଦାନ କରିବାର ଭାବ ଥାଏ ସେମାନେ ଜୀବନରେ ସର୍ବଦା ଅଗ୍ରଗତି କରନ୍ତି । ସେମାନେ ପ୍ରତ୍ୟେକ ପଦକ୍ଷେପରେ ଶୁଭଫଳ ପାଆନ୍ତି ।



## ରହସ୍ୟମୟୀ ଗାଁ: ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଅନ୍ଧ

**ବିଚିତ୍ର ଏ ବିଶ୍ୱ ବ୍ରହ୍ମାଣ୍ଡ ,ବିଚିତ୍ର ତାର ପରିକଳ୍ପନା । ଏଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଏବଂ ଘଟଣା । ଯାହା ବିଷୟରେ ଜାଣିଲେ ବୈଜ୍ଞାନିକମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ, ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ତେବେ ସେହିପରି ଏକ ଗାଁ ରହିଛି । ଯାହାକି ସମ୍ପୂର୍ଣ୍ଣ ରହସ୍ୟମୟ । ସେହି ଗାଁ ବିଷୟରେ ଏବଂ ସେଠାରେ ଥିବା ରହସ୍ୟ ବିଷୟରେ ଜାଣିବା ପାଇଁ ବୈଜ୍ଞାନିକମାନେ ଅନେକ ପ୍ରୟାସ କରିଛନ୍ତି । କିନ୍ତୁ ସବୁପରେ ମଧ୍ୟ ସେ ଏହି ଗାଁ ବିଷୟରେ କିଛି ବି ତଥ୍ୟ ପାଇ ନାହାନ୍ତି । ତେବେ ଆମେ ଆଜି ଆପଣମାନଙ୍କୁ ସେହି ଗାଁ ବିଷୟରେ ଜଣାଇବାକୁ ଯାଉଛୁ ଯାହା ଜାଣିଲେ ଆପଣମାନେ ମଧ୍ୟ ବିଶ୍ୱାସ କରି ପାରିବେ ନାହିଁ । ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ରହସ୍ୟମୟୀ ଗାଁ ବିଷୟରେ...**





ମେକ୍ସିକୋରେ ଏକ ଗାଁ ଅଛି ଯାହା ଦୁନିଆର ରହସ୍ୟମୟ ସ୍ଥାନ ମଧରେ ଅନ୍ତର୍ଭୁକ୍ତ । ଏହି ଗାଁରେ ପିଲାମାନେ ଜନ୍ମ ହେବାପରେ ଏପରି କିଛି ଘଟେ ଯାହାକୁ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ତେବେ ଏଠାରେ ପିଲାମାନେ ଜନ୍ମ ହୁଅନ୍ତି, ହେଲେ ଜନ୍ମର କିଛି ଦିନପରେ ସେମାନେ ଅନ୍ଧ ହୋଇଯାଆନ୍ତି । ଖାଲି ମଣିଷ ନୁହେଁ ପଶୁ ବି ଅନ୍ଧ ପାଲଟି ଯାଆନ୍ତି । ଯେଉଁଥିପାଇଁ ମେକ୍ସିକୋର ଏହି ଗାଁକୁ ଅନ୍ଧ ଗାଁ ମଧ୍ୟ କୁହାଯାଏ । ଯହାର ପ୍ରକୃତ ନାମ ହେଉଛି ଟିଲଟେପେକ । ତେବେ ଏହି ଅଦ୍ଭୁତ କାରଣରୁ ଏହି ଗାଁ ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଛି । ଯାହା ବିଷୟରେ ଶୁଣିଲେ କେହି ବି ସହଜରେ ବିଶ୍ୱାସ କରନ୍ତି ନାହିଁ । ଟିଲଟେପକ୍ ଗାଁ ଦୁନିଆର ସବୁଠାରୁ ରହସ୍ୟମୟ ଗାଁ ମଧ୍ୟରୁ ଅନ୍ୟତମ । କାରଣ ଏହି ଗାଁରେ କେବଳ ଅନ୍ଧମାନେ ହିଁ ବସବାସ କରନ୍ତି । କୁହାଯାଏ ଜାପୋଟେକ୍ ଜନଜାତି ମେକ୍ସିକୋର ଟିଲଟେପାକରେ ରୁହନ୍ତି । ଯେତେବେଳେ ସେଠାରେ ପିଲାମାନେ ଜନ୍ମ ହୁଅନ୍ତି ସେମାନଙ୍କର ଆଖି ସଂପୂର୍ଣ୍ଣ ଭଲ ଥାଏ । କିନ୍ତୁ ସମୟ ଗଡିବା ସହିତ ସେମାନଙ୍କର ଆଖି ନଷ୍ଟ ହୋଇଯାଏ । ଏହା କେବଳ ମଣିଷ ନୁହେଁ ପଶୁମାନଙ୍କ ସହ ମଧ୍ୟ ହୋଇଥାଏ । ସେପଟେ ଏହି ଗାଁରେ ବାସ କରୁଥିବା ଜନଜାତିର ଲୋକମାନେ ସେଠାରେ ଥିବା ଏକ ଅଭିଶାପିତ ବୃକ୍ଷକୁ ସେମାନଙ୍କର ଅନ୍ଧ ହେବାର କାରଣ ବୋଲି କୁହନ୍ତି । ସେମାନେ କହିଛନ୍ତି ଲାଭାଜୁଏଲା ନାମକ ଏକ ଗଛ ଅଛି । ଯାହାକୁ ଦେଖିବାପରେ ମଣିଷ ଠାରୁ ପଶୁ ଏବଂ ପକ୍ଷୀ ସମସ୍ତେ ଅନ୍ଧ ହୋଇଯାଆନ୍ତି । ତେବେ ଏହି ଗଛ ଗାଁରେ ବର୍ଷ ବର୍ଷ ଧରି ରହି ଆସିଛି । ସେପଟେ ଏହାକୁ କିଛି ଲୋକ ବିଶ୍ୱାସ କରୁଥିବା ବେଳେ ଅନେକ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି । ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହି ଗାଁରେ ବିଷାକ୍ତ ମାଛି ମଧ୍ୟ ଦେଖିବାକୁ ମିଳୁଛି । ଏହି ମାଛି କାମୁଡିବା ଦ୍ୱାରା ଲୋକମାନେ ଅନ୍ଧ ହେଇଯାଉଛନ୍ତି । ଏହା ଗାଁ ବିଷୟରେ ଜାଣିବାପରେ ମେକ୍ସିକୋ ସରକାର ଗ୍ରାମବାସୀଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ । ହେଲେ ସରକାର ମଧ୍ୟ କିଛି ସଫଳତା ପାଇଲେ ନାହିଁ । ପରବର୍ତ୍ତୀ ସମୟରେ ସରକାର ଏଜି ଜନଜାତିଙ୍କୁ ଅନ୍ୟତ୍ର ରହିବାକୁ କହିଥିଲେ । ହେଲେ ସେଠାର ଜଳବାୟୁ ସେମାନଙ୍କ ପାଇଁ ଅନୁକୂଳ ନଥିଲା । ଫଳରେ ସେହି ଲୋକମାନେ ସରକାର ଦେଇଥିବା ସ୍ଥାନରେ ରହି ପାରିଲେ ନାହିଁ । ଯାହାଫଳରେ ସେମାନେ ପୁନର୍ବାର ଟିଲଟେପକ୍ ଗାଁରେ ରହିବକୁ ଲାଗିଲେ । ତେବେ ଆଜି ବି ସେ ସ୍ଥାନରେ ଲୋକେ ଅନ୍ଧ ହୋଇ ଜୀବନ ବିତାଉଛନ୍ତି ।

## କେବଳ ସୁସ୍ୱାଦୁ ନୁହେଁ, ଅନେକ ଶାରୀରିକ ସମସ୍ୟାର ଏହି ଗୋଟାଏ ବାଟ : ଦୈନିକ ଖାଆନ୍ତୁ, ସୁସ୍ଥ ରୁହନ୍ତୁ





ଦିନକୁ ଦିନ ମଣିଷମାନଙ୍କ ଆୟୁ ହ୍ରାସ ପାଇ ପାଇ ଚାଲିଛି । ତାହାର ଏକ ପ୍ରମୁଖ କାରଣ ହେଉଛି ଖାଦ୍ୟ । ଆମେ ଯଦି ଆମ ଯୁବାବସ୍ଥାରେ ଉତ୍ତର ଖାଦ୍ୟ ନଖାଇବା ବୟସ ବଢ଼ିଲେ ନାନା ରୋଗ ମାଡ଼ି ବସିବ । ଖାଲି ବୟସ ବଢ଼ିଲେ କାହିଁକି, ଆଜି କାଲି ତ କମ୍ ବୟସର ପିଲାଙ୍କୁ ବି ବିଭିନ୍ନ ରୋଗ ମାଡ଼ି ବସୁଛି । ତେବେ ଏପରି କିଛି ଖାଦ୍ୟ ରହିଛି ଯାହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ଉପଶମ ମିଳିପାରେ ଓ ଅନେକ ରୋଗ ହେବାର ସମ୍ଭାବନା ବି ହ୍ରାସ ପାଏ । ଅଙ୍ଗୁରକୁ ଶୁଖାଇ କରି କିସ୍‌ମିସ୍ ତିଆରି କରାଯାଏ ବୋଲି ଏକଥା ପ୍ରାୟ ସମସ୍ତେ ଜାଣନ୍ତି । ମାତ୍ର କିସ୍‌ମିସ୍ ସଂପର୍କରେ ଆହୁରି ଗୁଡ଼ାଏ କଥା ଅଛି ଯାହା ହୁଏତ ଆପଣ ଜାଣନଥିବେ । କିସ୍‌ମିସ୍ ଖାଇବା ଦ୍ୱାରା ଉତ୍ତମ ହଜମ ହେବା ସହ କୋଷ୍ଠକାଠିନତା ବି ଦୂର ହୋଇଥାଏ । ଶରୀରରେ ଆଇରନ୍ ସ୍ତର ବଢ଼ାଇବା ପାଇଁ ଏହା ଅତ୍ୟନ୍ତ ଅବ୍ୟର୍ଥ ଖାଦ୍ୟ ଭାବେ କାର୍ଯ୍ୟ କରେ । ଥଣ୍ଡା, ଜ୍ୱର, କାଶ ଆଦି ରୋଗରେ ନିରାକରଣ ବି ଏଥିରେ ରହିଛି ବୋଲି ଗବେଷକମାନେ ମତ ଦେଇଛନ୍ତି । କେବଳ ସେତିକି ନୁହେଁ ଏହାର ସକରାତ୍ମକ ପ୍ରଭାବ ଆଖି, ଦାନ୍ତ କେଶ ଓ ହାଡ଼ ଆଦିରେ ପଡ଼ିଥାଏ । ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ପଟାସିୟମ୍, ଫସ୍‌ଫରସ୍ ଏବଂ ମାଗ୍ନେସିୟମ ଆଦି ରହିଛି । ଏହାବ୍ୟତୀତ ଏଥିରେ ଭିଟାମିନ, ସି, ଏ ଏବଂ ବି-୬ ମଧ୍ୟ ରହିଛି । ରାତିରେ ୪ଟି କିମ୍ବା ୬ଟି କିସ୍‌ମିସ୍‌କୁ ପାଣିରେ ଭିଜାଇ ଦିଅନ୍ତୁ । ସକାଳୁ ଉଠି ଦାନ୍ତ ଘସିବା ପରେ ଖାଲି ପେଟରେ ସେହି ପାଣି ମିଶା କିସ୍‌ମସ୍‌କୁ ଖାଇଦିଅନ୍ତୁ । ଯେଉଁମାନଙ୍କର ସ୍ୱାସ୍ଥ୍ୟ ସହଜରେ ଲାଗେ ନାହିଁ ସେମାନେ କିସ୍‌ମିସ୍ ଖାଇପାରନ୍ତି । ଏହା ଶରୀରରେ ଅତିରିକ୍ତ ଚର୍ବି ନବନାଇ ବ୍ୟକ୍ତିକୁ ମୋଟା ହେବାରେ ସହାୟ ହୋଇଥାଏ । କିସ୍‌ମିସ୍‌ରେ କର୍କଟ ରୋଗକୁ ପ୍ରତିରୋଧ କରିବାର କ୍ଷମତା ରହିଛି । ଏହାଛଡ଼ା ହୃଦ୍‌ରୋଗ, ମଧୁମେହ, ନିଦ୍ରାହୀନତା, ତ୍ୱଚା, କେଶ, କିଡନୀ ଜନିତ ରୋଗ ଆଦି ମଧ୍ୟ ଦୂର ହୋଇଥାଏ ଏହାକୁ ଖାଇବା ଦ୍ୱାରା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିରାମ ଓ ପ୍ରଭାବ...

ଅତି ଆଶ୍ଚର୍ଯ୍ୟଜନକ ଭାବରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ନୀତି କମିଟି ନୀତିଗତ ହାରରେ ଆଉ ଏକ ବୃଦ୍ଧିକୁ ଅଟକାଇ ଦେବାପରେ ଉପରୋକ୍ତ ପ୍ରଶ୍ନଗୁଡ଼ିକ ହିଁ ଅଧିକାଂଶ ବ୍ୟାଙ୍କ ଏବଂ ଅର୍ଥନୀତି ବିଶ୍ଲେଷକମାନଙ୍କ ମନରେ ଉଙ୍କି ମାରିବାକୁ ଆରମ୍ଭ କରିଛି । ଅର୍ଥାତ ଆରବିଆଇ ନେତୃତ୍ୱାଧୀନ ଏମ୍‌ପିସି ଆଶ କରାଯାଉଥିବା ରିପୋ ରେଟରେ ବୃଦ୍ଧିକୁ ହଠାତ୍ ସ୍ଥଗିତ କରିଦେଇ ଲୋକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛନ୍ତି । ଯଦିଓ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏକଥା ସ୍ପଷ୍ଟ କରି ଦେଇଛନ୍ତି ଯେ ଏହା ଏକ ସାମୟିକ ବିରାମ, ତଥାପି ଏହି ନିଷ୍ପତ୍ତି ଉଧାରକର୍ତ୍ତା ଏବଂ ପୁଂଜିନିବେଶକମାନଙ୍କ ମନରେ ଆନନ୍ଦ ଆଣି ଦେଇଛି । ଏହି ବିରାମ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି, କାରଣ ଏହା ଆର୍ଥିକ କର୍ତ୍ତୃପକ୍ଷମାନଙ୍କୁ ରିପୋ ରେଟ୍ ବୃଦ୍ଧିର ପ୍ରଭାବକୁ ସମୀକ୍ଷା କରିବାର ତଥା ଅତ୍ୟଧିକ ପରିମାଣରେ ନିୟନ୍ତ୍ରଣ କରିବାର ବିପଦକୁ ଏଡ଼ାଇ ଯିବା ପାଇଁ ସୁଯୋଗ ପ୍ରଦାନ କରିବ । ଏମପିସି ରିପୋ ରେଟ୍-ସୁଧ ହାର ଯାହା ବ୍ୟାଙ୍କମାନଙ୍କୁ କରଜ ଦେବା ପାଇଁ ଆରବିଆଇ ଧାର୍ଯ୍ୟ କରିଥାଏ-କୁ ଗତ ବର୍ଷଠାରୁ ଛଅ ଥରରେ ୨୫୦ ବେସିସ୍ ପଏଂଟ ବୃଦ୍ଧି କରିସାରିଛି- ଯାହା ମେ'୨୦୨୨ରେ ୪ ପ୍ରତିଶତରୁ ବର୍ତ୍ତମାନ ସୁଦ୍ଧା ୬.୫ ପ୍ରତିଶତରେ ପହଂଚି ସାରିଛି । ରାତିକିଆ ଦର ବା ଓଭରନାଇଟ୍ ରେଟ୍- ଯେଉଁ ହାରରେ ବ୍ୟାଙ୍କମାନେ ସ୍ୱଳ୍ପକାଳୀନ ଉଧାର ପାଇଁ ଯେଉଁ ସୁଧ ହାର ପ୍ରଦାନ କରିଥାନ୍ତି- ଗତ ବର୍ଷଠୁ ବୃଦ୍ଧି ପାଇ ହାରାହାରି ୩୨୦ ବେସିସ୍ ପଏଂଟରେ ପହଂଚିଛି, ଯାହାକୁ ବ୍ୟାଙ୍କମାନେ ଋଣ ହାରରେ ମିଶାଇଛନ୍ତି । ପରିଣତିରେ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ପରିବାରର ବଜେଟ୍ ଉପରେ ଏହା ବଡ଼ ଧରଣର ପ୍ରତିକୂଳ ପ୍ରଭାବ ପକାଇଛି । ଆରବିଆଇର ସାମ୍ପ୍ରତିକ ବିରାମ ପ୍ରାୟ ନିଶ୍ଚିତ ଭାବରେ ବୈଶ୍ୱିକ ସ୍ଥୂଳ ଅର୍ଥନୀତିକ ତଥା ଆର୍ଥିକ ଜଳବାୟୁରେ ଦେଖା ଦେଇଥିବା ଝଡ଼ ଭଳି ପରିସ୍ଥିତି ଦ୍ୱାରା ପ୍ରଚୋଦିତ ହୋଇଛି, ଯାହାକି ହଠାତ୍ ମାସେ ଦେଢ଼ମାସ ହେବ ଅବସ୍ଥା ଭିତରକୁ ପଶି ଆସିଛି, କିନ୍ତୁ ଏହି ବିରାମ, ଏବଂ, ଅଧିକାଂଶ ପରିମାଣରେ, ଆରବିଆଇର ଗଭର୍ଣ୍ଣର ଏବଂ ଏମପିସିର ବିବୃତି ଅନୁସାରେ ଏହା ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଏବଂ ଆର୍ଥିକ କ୍ଷେତ୍ର ଉପରେ ଆରବିଆଇର ଚିନ୍ତାଧାରା ସମ୍ପର୍କରେ ସୂଚନା ପ୍ରଦାନ କରୁଛି । ପ୍ରଥମେ ମୁଦ୍ରାସ୍ଫୀତି । ଫେବୃଆରୀ ମାସରେ ଏହା ଆରବିଆଇର ସର୍ବାଧିକ ସହ୍ୟ ସୀମାର ଫିତାଠାରୁ ଢ଼େର ଅଧିକ ୬ ପ୍ରତିଶତ ଉପରେ ଥିବାବେଳେ ଚଳିତ ବର୍ଷ ଏହା ହ୍ରାସ ପାଇବା ଆଶା କରାଯାଉଛି । ଏମପିସିର ନିଷ୍ପତ୍ତି ସମଗ୍ର ବର୍ଷରେ ଏହା ୫.୨ ପ୍ରତିଶତ ଏବଂ ବର୍ଷର ଚାରିଗୋଟିଯାକ ତ୍ରୈମାସିକ ଅବଧି ମଧ୍ୟରୁ ପ୍ରତ୍ୟେକଟିରେ ଏହା ଯଥାକ୍ରମେ ୫.୧, ୫.୪, ୫.୪ ଏବଂ ୫.୨ ପ୍ରତିଶତ ରହିବ ବୋଲି ଆଶା କରୁଛି । ଏ କ୍ଷେତ୍ରରେ ଦୁଇଗୋଟି ଜିନିଷ ବ୍ୟାଘାତ ସୃଷ୍ଟିକାରୀ ହେବାର ସମ୍ଭାବନା ରହିଛି । ଗୋଟିଏ ହେଉଛି ଅଶୋଧିତ ତୈଳ ଦର ଏବଂ ଅନ୍ୟଟି ହେଉଛି ସାମ୍ପ୍ରତିକ ପାଣିପାଗ ଅବସ୍ଥା ଦ୍ୱାରା ପ୍ରଭାବିତ ହୋଇ ଆଶା କରାଯାଉଥିବାଠାରୁ କମ୍ ପରିମାଣର ଶୀତ ଋତୁର ଫସଲ ଉତ୍ପାଦନ । ଦ୍ୱିତୀୟଟି ହେଉଛି, ଅଭିବୃଦ୍ଧି । ପ୍ରକୃତରେ ଏମପିସି ୨୦୨୩-୨୪ ପାଇଁ ଅଭିବୃଦ୍ଧିଜନିତ ଭବିଷ୍ୟବାଣୀକୁ ସାମାନ୍ୟ ପରିମାଣରେ ୬.୪ ପ୍ରତିଶତରୁ ୬.୫ ପ୍ରତିଶତକୁ ବୃଦ୍ଧି କରିଛି ଏବଂ ଆକଳନ କରିଛି ଯେ ବର୍ଷର ଚାରିଗୋଟିଯାକ ତ୍ରୈମାସିକ ଅବଧିରେ ଏହା ଯଥାକ୍ରମେ ୭.୮, ୬.୨, ୬.୧ ଏବଂ ୫.୯ ପ୍ରତିଶତ ରହିବ । ଏ କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକମାନ ଉଭା ହେବାର ସମ୍ଭାବନା ରହିଛି, ସେଗୁଡ଼ିକ ସବୁଯାକ ହେଉଛି ବୈଶ୍ୱିକ-ଭୂ-ରାଜନୀତିକ ଉତ୍ତେଜନା ଏବଂ ବୈଶ୍ୱିକ ଆର୍ଥିକ ବଜାରର ଉତ୍‌ଥାନ ପତନ । ତୃତୀୟରେ, ଆର୍ଥିକ ସ୍ଥିରତା । ଆମେରିକା ଏବଂ ୟୁରୋପୀୟ ବ୍ୟାଙ୍କ ବ୍ୟବସ୍ଥାରେ ସାମ୍ପ୍ରତିକ ସମୟରେ ଯେଉଁଭଳି ଧରଣର ଅସ୍ଥିରତା ଦେଖାଦେଇଛି, ତାହା ସମଗ୍ର ବୈଶ୍ୱିକ ଆର୍ଥିକ ବ୍ୟବସ୍ଥାରେ ଆଶଙ୍କାର ଲହରୀଟିଏ ଖେଳାଇ ଦେଇଛି । ତେଣୁ ଅନେକେ ବର୍ତ୍ତମାନ ୨୦୦୮ର ଆର୍ଥିକ ସଂକଟ ଅବସ୍ଥାକୁ ପ୍ରତ୍ୟକ୍ଷ କରିବାର ଆଶ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆରବିଆଇର ଗଭର୍ଣ୍ଣର ଯେଉଁ ପୁନରାଶ୍ୱାସନା ଯେ ସବୁକିଛି ଠିକ୍ ଅଛି, ତାହା ଅବଶ୍ୟ ସାମାନ୍ୟ ପରିମାଣରେ ଚିନ୍ତା ହ୍ରାସକାରୀ । ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ନେଇ ଶ୍ରୀଯୁକ୍ତ ଦାସ କହିଛନ୍ତି ଯେ ଏହା ସ୍ୱାଭାବିକ ଏବଂ ସୁସ୍ଥ ଅଛି; ଏହା ନିକଟରେ ବଳିଷ୍ଠ ପୁଂଜି ଏବଂ ନଗଦ ଅର୍ଥ ରହିଛି, ଯାହା ସମ୍ପତ୍ତିର ଗୁଣାତ୍ମକ ମାନକୁ ଅଧିକ ଉନ୍ନତ କରିବା ସଙ୍ଗେ ସଙ୍ଗେ ଉନ୍ନତ ଲାଭ ସହିତ ଅଧିକଙ୍କୁ ଏହାର ପରିସରଭୁକ୍ତ କରିବା ନିମନ୍ତେ ଏହା ନିକଟରେ ଉତ୍ତମ ବ୍ୟବସ୍ଥାମାନ ରହିଛି । ଉପରୋକ୍ତ ତିନୋଟିଯାକ କଥା ଭାରତୀୟ ବଜାର ବ୍ୟବସ୍ଥାକୁ ଆନନ୍ଦିତ କରିବା ଭଳି । ଏମିତି ଏକ ସମୟରେ ଏହା ଘଟିଛି, ଯେତେବେଳେ କି ଖୁଚୁରା ଋଣ ଗ୍ରହୀତାମାନଙ୍କୁ ଦ୍ରୁତ ଗତିରେ ସୁଧ ହାର ବୃଦ୍ଧି କଷ୍ଟ ଦେଉଥିଲା । ସେଥିରେ ସାମ୍ପ୍ରତିକ ବିରାମ ଅବଶ୍ୟ ଟିକିଏ ଶାନ୍ତିରେ ନିଃଶ୍ୱାସ ମାରିବାର ସୁଯୋଗ ପ୍ରଦାନ କରିଛି । ଏହା ହୁଏତ ଆଶ୍ଚର୍ଯ୍ୟଜନକ ହୋଇପାରେ, କିନ୍ତୁ ଆରବିଆଇର ସଦ୍ୟତମ ନିଷ୍ପତ୍ତି ଅତି ବିଜ୍ଞତାପୂର୍ଣ୍ଣ ଏବଂ ବ୍ୟବହାରବାଦୀ ବୋଲି କହିହେବ । ଯଦିଓ, ପରିସ୍ଥିତି ବାଧ୍ୟ କଲେ ପୁନଶ୍ଚ ନୀତିଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରବିଆଇ ଦ୍ୱାର ଖୋଲା ରଖିଛି, ତେବେ ବିଶ୍ଲେଷକମାନେ ବିଶ୍ୱାସ କରନ୍ତି ଯେ ଆଉ ଅଧିକ ସୁଧ ହାର ବୃଦ୍ଧି ପାଇଁ ସୀମା ଅତିକ୍ରମ ହୋଇସାରିଛି ଏବଂ ଏକ ଟଳମଳ ଅର୍ଥନୀତିକ ଅଭିବୃଦ୍ଧିକୁ ପରିଲକ୍ଷିତ କରୁଥିବା ଦେଶ ଦୀର୍ଘକାଳୀନ ବିରାମକୁ ପରିଲକ୍ଷିତ କରିପାରେ । ଯେ ପର୍ଯ୍ୟନ୍ତ ନାଟକୀୟ ଭାବରେ କିଛି ପ୍ରତିକୂଳ ପରିସ୍ଥିତି ନ ଉପୁଜିଛି, ଆରବିଆଇ ଅର୍ଥନୀତିକ ଅଭିବୃଦ୍ଧିକୁ ସମର୍ଥନ ବଜାୟ ରଖିବାବେଳେ ମୁଦ୍ରାସ୍ଫୀତିଜନିତ ପ୍ରତ୍ୟାଶାର ଗତିରୋଧ କରିବାପାଇଁ ସବୁ ପ୍ରକାରର ବିକଳ୍ପ ଖୋଲା ରଖିବ ।



# ନିରାପଦ ମାତୃତ୍ୱ: ଆଜିର ଆହ୍ୱାନ

### ଡାକ୍ତର କାନ୍ତୀ ନାୟକ

ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ । ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତ୍ତା, ଶିଶୁ ଜନ୍ମ ପରେ ମାଆର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଏପ୍ରିଲ ୧୧ ତାରିଖ କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ ଏହାକୁ ମାତୃତ୍ୱ ଦିବସ ଭାବେ ପାଳନ କରିବା ଲାଗି ଭାରତ ସରକାର ୨୦୦୩ରେ ନିଷ୍ପତ୍ତି ନେଇଥିଲେ । ଏହି ଦିବସ ପାଳନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ । ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ । ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ । ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ । ଏହାଦ୍ୱାରା ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ । ଆଜିକା ସମୟରେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି । ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି । ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା । ଖୁବ୍ କମ ବୟସ ବେଳୁ ବିବାହ କରିବା ସମସ୍ୟା ଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି । ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍ ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ । ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ । କେବଳ ମାତୃ ମୃତ୍ୟୁହାର ନୁହେଁ କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବାପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ । ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍ଣ ସମସ୍ୟାକୁ ସାମ୍ନା କରିଥାଏ । ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା । ସନ୍ତାନଟି ଗର୍ଭସ୍ଥ ହେବାପରେ ସଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟୀକା ଗ୍ରହଣ ଜରୁରୀ । ଗର୍ଭବତୀ ମାଆଟି ପାଇଁ ତା ଶରୀର ଓ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହିପରି ଅନେକ ସମୟରେ ଡାକ୍ତରୀ ଚିକିତ୍ସା ବା ପରାମର୍ଶ ଅପେକ୍ଷା ଘର ବଇଦ ଚିକିତ୍ସାକୁ ଆପଣାଇ ଅନେକ କ୍ଷେତ୍ରରେ ଗର୍ଭବତୀମାନେ ଗୁରୁତର ହୋଇପଡ଼ିଥାନ୍ତି ।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗଟିକୁ ଅତ୍ୟନ୍ତ ଗୁରୁତ୍ୱ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ସେମାନଙ୍କ ପାଖରେ ଡାକ୍ତରୀ ପରାମର୍ଶ, ଉତ୍ତମ ସୁଷମ ଖାଦ୍ୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି । ସରକାରୀ ବ୍ୟବସ୍ଥାରେ ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ପ୍ରଦାନ କରାଯାଉଛି । ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା, ଔଷଧପତ୍ର, ଡାକ୍ତରୀ ପରାମର୍ଶ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ଯାହାଦ୍ୱାରା ନିରାପଦ ମାତୃତ୍ୱ ଏକ ବଡ଼ ସୁନିଶ୍ଚିତ ହୋଇପାରୁଛି । ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ, ଉପାନ୍ତ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି । ଗର୍ଭବତୀ ମାନଙ୍କ ପାଖରେ ଡାକ୍ତରୀଦଳ ଓ ପରୀକ୍ଷା ନିରୀକ୍ଷା ଟିମ୍ ଉପଲବ୍ଧ କରାଯାଉଛି । ତେବେ ଏତେ ସବୁ ଭିତରେ ମଧ୍ୟ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହୃତ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟ ମାନଙ୍କ ସଠିକ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି । କେନ୍ଦ୍ର ସରକାର ମଧ୍ୟ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି । ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ କେବଳ ଦାୟିତ୍ୱ ସରକାର ବା ଗର୍ଭବତୀଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ । ଆମ୍ଭ ମାନଙ୍କ ଭିତରେ ସଚେତନତା ଏ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ । ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଞ୍ଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହାରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା । ଆସନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଏହି ଦାୟିତ୍ୱର ସହଭାଗୀତାରେ ସମସ୍ତଙ୍କୁ ସାମିଲ କରି ଏକ ସୁନ୍ଦର ଓ ଉତ୍ତମ ଶିଶୁ ଯେ କି ଆଗାମୀ ଭବିଷ୍ୟତର ପ୍ରତୀକ ଏହାକୁ ବିବେଚନା କରି ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବଜାୟ ରଖିପାରିବା ।

+ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

# ପାକ୍‌ର ପରାଜୟରୁ ଛାୟାସନ୍ତ୍ରାସ

### ସୌମେନ୍ଦ୍ର ଜେନା

୧୯୪୭ରେ ପାକ୍ ଗଠନ ପରଠାରୁ ୧୯୭୦ ପର୍ଯ୍ୟନ୍ତ ପାକ୍ ନେତାମାନେ ସରିଆ ଆଧାରିତ ଇସଲାମିକ ରାଷ୍ଟ୍ର କିମ୍ବା ଆଧୁନିକ ବିକଶିତ ରାଷ୍ଟ୍ରଗଠନର ଦ୍ୱନ୍ଦ୍ୱରେ ରହିଆସିଥିଲେ । ଏହି ଦ୍ୱନ୍ଦ୍ୱ ଚାଲିଥିବା ମଧ୍ୟରେ ୧୯୭୧ରେ ବଙ୍ଗଳାଦେଶ ପାକିସ୍ତାନଠାରୁ ଅଲଗା ହେଲା । ସେଥିପାଇଁ ସଂଗଠିତ ଯୁଦ୍ଧରେ ପାକ୍ ସେନା ପରାସ୍ତ ହୋଇଥିଲା । ବଙ୍ଗଳାଦେଶର ଲୋକମାନଙ୍କ ଉପରେ ପାକ୍‌ସେନା ପକ୍ଷରୁ ବର୍ବର ପ୍ରାୟ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା । ବଙ୍ଗଳାଦେଶ ସ୍ୱାଧୀନତା ପାଇଁ ସଂଗ୍ରାମରତ ଲୋକମାନଙ୍କୁ ଅମାନବୀୟ ଭାବେ ଗଣହତ୍ୟା କରାଯାଇଥିଲା । ବଙ୍ଗଳାଦେଶ ମଧ୍ୟରେ ଏଭଳି ବର୍ବରତାରୁ ମୁକ୍ତି ପାଇବା ପାଇଁ ଲକ୍ଷଲକ୍ଷ ଲୋକ ଜୀବନ ବିକଳରେ ଭାରତକୁ ଚାଲିଆସିବା ପରେ ଭାରତ ସରକାର ଶରଣାର୍ଥୀଙ୍କ ଚାପରେ ପାକ୍ ସରକାରଙ୍କୁ ଚାପଗ୍ରସ୍ତ କରିବା ପାଇଁ ପୂର୍ବବଙ୍ଗର ଶାନ୍ତିବାହିନୀକୁ ସମର୍ଥନ ଦେବାପରେ ପରିଦୃଶ୍ୟ ବଦଳିଥିଲା । ହେଲେ ସେ ମଧ୍ୟରେ ପାକ୍ ସେନା ଓ ଜମାତ ସଂଗଠନ ମିଶି ଦେଶବ୍ୟାପି ଗଣହତ୍ୟା ଚଳାଇଲେ । ପାକ୍ ଗଣତନ୍ତ୍ରର ଦୁଇଟି ସ୍ତମ୍ଭ ପାକ୍ ସେନା ଓ ଜମାତ ଲୋକ ହୋଇଥିଲେ । ବଙ୍ଗଳା ଦେଶରେ ଅସନ୍ତୋଷ ବୃଦ୍ଧି ପାଇ ଶେଷରେ ଯେଉଁ ଗୃହଯୁଦ୍ଧ ହୋଇଥିଲା ସେଥିରେ ଭାରତର ସେନା ହସ୍ତକ୍ଷେପ କରିବା ସହ ପାକ୍ ସେନାକୁ ବଙ୍ଗଳାଦେଶରୁ ତଡିବା ପାଇଁ ବ୍ୟବସ୍ଥା କରିଥିଲେ । ଶେଷରେ ୯୦ହଜାରରୁ ଅଧିକ ପାକଯବାନ ଆତ୍ମସମର୍ପଣ କରିବା ପରେ ବଙ୍ଗଳାଦେଶ ସ୍ୱାଧୀନତା ଲାଭ କରିଥିଲା । ୧୯୬୫ରେ ଜାତିସଂଘର ସୁରକ୍ଷା ପରିଷଦରେ ଭାଷଣ ଦେଇ ତତ୍‌କାଳୀନ ପାକ୍ ବିଦେଶମନ୍ତ୍ରୀ ଜୁଲଫିକର ଅଲ୍ଲି ଭୁଟ୍ଟୋ ଭାରତ ବିରୁଦ୍ଧରେ ୧୦୦୦ ବର୍ଷ ପାଇଁ ଯୁଦ୍ଧ ଘୋଷଣା କରିଥିଲେ । ୧୯୭୧ ଯୁଦ୍ଧରେ ପାକ୍ ପରାସ୍ତ ହେବାପରେ ଭୁଟ୍ଟୋ ରାଷ୍ଟ୍ରପତି ହୋଇଥିଲେ । ପାକ୍ ସରକାରଙ୍କ ଆଣବିକ କାର୍ଯ୍ୟକ୍ରମ ୧୯୭୨ରେ ଇରାନ-ସାଉଦିଆରବରେ ଆର୍ଥିକ ସହଯୋଗ,ଚୀନ ଓ ଉତ୍ତର କୋରିଆର ମାର୍ଗଦର୍ଶନରେ ଆରମ୍ଭ ହୋଇଥିଲା । ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଭାରତର ଆଣବିକ ବୋମା ପରୀକ୍ଷା ପାଇଁ ଅନୁମତି ଦେଲାପରେ ୧୮ମଇ ୧୯୭୪ରେ ରାଜସ୍ଥାନର ପୋଖରାନରେ ଅପରେସନ ସ୍ମାଇଲିଂ ବୁଦ୍ଧ ପ୍ରକଳ୍ପରେ ପ୍ରଥମେ ସଫଳତାର ସହ ଆଣବିକ ପରୀକ୍ଷା ହୋଇଥିଲା । ଢେର ପୂର୍ବରୁ ଆଣବିକ କାର୍ଯ୍ୟକ୍ରମ ଘୋଷଣାକରି ୧୯୭୬ସୁଦ୍ଧା କାହୁଟାଠାରେ ଆଣବିକ ବିକାଶ କେନ୍ଦ୍ର ଖୋଲିବାକୁ ପାକ୍ ସକ୍ଷମ ହୋଇଥିଲା । ତେବେ ୧୯୭୩ ବେଳକୁ ଭୁଟ୍ଟୋ ପାକ୍‌ର ଇସଲାମୀକରଣ କରିବାକୁ ରାଜନୀତିକ ସ୍ତରରେ କାର୍ଯ୍ୟାରମ୍ଭ କଲେ । କିନ୍ତୁ ୫ ଜୁଲାଇ ୧୯୭୭ରେ ତତ୍‌କାଳୀନ ସେନାମୁଖ୍ୟ ଜେନେରାଲ ଜିଆ ଉଲ-ହକ ଭୁଟ୍ଟୋଙ୍କୁ କ୍ଷମତାରୁ ହଟାଇ ଦେଇ ତାଙ୍କ ବିଚାର ଚଳାଇଲେ । ଶେଷରେ ଭୁଟ୍ଟୋଙ୍କ ଫାସୀ ପରେ ଜିଆ ପାକ୍ ସମ୍ବିଧାନରେ ଇସଲାମିକ ଆଇନ ଭରିବା ସହ ଶିକ୍ଷାନୁଷ୍ଠାନଗୁଡିକର ଇସଲାମୀକରଣ କରିବାକୁ ଲାଗିଲେ । ପରେ ଦେଶରେ ଇସଲାମିକ ଧାର୍ମିକ ଶିକ୍ଷାକୁ ଅନୁଷ୍ଠାନ ବୋଲି ସେନା, ପ୍ରଶାସନ, ବିଚାରରେ ଏହାକୁ ପ୍ରବେଶ କରାଇଲେ । ଏହି କାର୍ଯ୍ୟକ୍ରମ ଜାରିରହିବା ପରେ ସାଧାରଣ ଲୋକେ ମୌଳବାଦୀ ହେଲେ ଏବଂ ଅଧିକ ସକ୍ରୀୟ ଲୋକେ ସନ୍ତ୍ରାସବାଦୀ ହେଲେ । ଯେହେତୁ ସୋଭିଏତ ରୁଷିଆ ବିରୁଦ୍ଧରେ ଲଢିବା ପାଇଁ ଏହି ଇସଲାମିକ ସେନା ଆମେରିକାକୁ ସାହାଯ୍ୟ କରିଆସୁଥିଲା, ତେଣୁ ସେମାନେ ତାକୁ ଗୁରୁତ୍ୱ ଦେଲେ ନାହିଁ, ବରଂ ପାକ୍‌ର ସନ୍ତ୍ରାସପ୍ରତି ଆଖିବୁଜି ରହିଲେ ।

ଭୁଟ୍ଟୋ ପାକର ପରାଜୟକୁ ଆଖିରେ ଦେଖିଥିଲେ । ପାକ୍ କିପରି ଭାରତରୁ ଅଲଗା ହେଲାପରେ ବାରମ୍ବାର ପେଣ୍ଡୁଲମ୍ ଘଣ୍ଟାପରି ଅସ୍ଥିର ସରକାର ହାତକୁ ଯାଉଥିଲା ତାହା ମଧ ଦେଖିଥିଲେ । ତେଣୁ ସେ ଆଣବିକ କେନ୍ଦ୍ର ସ୍ଥାପନ ଚୀନ ସହ ବନ୍ଧୁତା, ମୌଳବାଦ ମାର୍ଗରେ ପାକର ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେଲେ । କାରଣ ସମ୍ମୁଖ ଯୁଦ୍ଧରେ ଭାରତକୁ ପରାସ୍ତ କରାଯାଇପାରିବ ନାହିଁ ବୋଲି ଜାଣିବା ପରେ ସେ ଅନେକ ସ୍ଥାନରେ କ୍ଷତ ସୃଷ୍ଟି ପାଇଁ ଚିନ୍ତା କଲେ, ୧୦୦୦ କ୍ଷତ ସୃଷ୍ଟି କରିବା କଥା କହିଲେ । ଜମାତେ ଇସଲାମୀକୁ ଏଥିପାଇଁ ବ୍ୟବହାର କରିବାର ଲକ୍ଷ୍ୟ ରଖିଲେ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ମୁଖ୍ୟମନ୍ତ୍ରୀଙ୍କ ଜାପାନ ଗସ୍ତ

### ସୁବ୍ରତ କର



ଗତ ଦୁଇ ତିନିବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ତିନିଥର ବିଦେଶ ଗସ୍ତ କରିଛନ୍ତି । ପ୍ରଥମେ ଇଟାଲି ପରେ ଦୁବାଇ ଏବଂ ଏବେ ଜାପାନ ଗସ୍ତରେ ଅଛନ୍ତି । ଆମ ପାଇଁ ଖୁବ୍ ଭଲ କଥା କାରଣ ରାଜ୍ୟର ମୁଖିଆ ରାଜ୍ୟ ପାଇଁ ଏବଂ ରାଜ୍ୟବାସିଙ୍କ ପାଇଁ କରିବେ ନାହିଁ ତ କିଏ କରିବ? ବେଶ୍ କିଛି ବର୍ଷ ହେବ ଖାଲି ଦେଶ ବାହାରେ ନୁହଁ ସେ ଦେଶ ମଧ୍ୟରେ ଏବଂ ବିଭିନ୍ନ ବଡ଼ ବଡ଼ ସହରମାନଙ୍କରେ ଖୁବ୍ ନାମିଦାବି ପୁଞ୍ଜିପତିମାନଙ୍କ ସହିତ ମଧ୍ୟ ଦେଖା ସାକ୍ଷାତ କରିଛନ୍ତି । ସେମାନେ ମଧ୍ୟ ଆମ ମୁଖ୍ୟମନ୍ତ୍ରୀଙ୍କୁ ଭଲ ଭାବରେ ଆଶ୍ୱସନା ଦେଇଛନ୍ତି ଯେ ସେମାନେ ନିଜ ନିଜ କ୍ଷେତ୍ରରେ ଓଡ଼ିଶାରେ ପୁଞ୍ଜି ବିନିଯୋଗ କରିବା ପ୍ରସ୍ତୁତ ଅଛନ୍ତି । ସବୁଠୁ ବଡ଼ କଥା ହେଲା ଏ ପର୍ଯ୍ୟନ୍ତ କେଉଁ କେଉଁ କ୍ଷେତ୍ରରେ ଏବଂ କେଉଁ କେଉଁ ଜିଲ୍ଲାରେ ଶିଳ୍ପମାନ ଗଢ଼ି ଉଠିବ ତାର ହିସାବ ଦେଇନାହାନ୍ତି । ଏମିତି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବାବୁ ମଧ୍ୟ ଆମ ରାଜ୍ୟରେ ୧୦୦୦ଦିନରେ ୧୦୦ ଶିଳ୍ପ ବିଭିନ୍ନ ଜିଲ୍ଲାରେ ସ୍ଥାପନ ହେବ ବୋଲି କହିଥିଲେ । କିଛିଟା ହେଲା ମଧ । ଆମ ଜିଲ୍ଲା ମଧ ବାଦ ପଡ଼ି ନଥିଲା । କିଛି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରାୟ ଅନେକ ଶିଳ୍ପାନୁଷ୍ଠାନ ବନ୍ଦ ହୋଇଯାଇଛି ବା ସୁସ୍ଥତା ମଧ୍ୟରେ ଚାଲି ନାହାନ୍ତି । କିଛି ମଧ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲାଣି । ଏହିଥିରୁର ଶିକ୍ଷା ଲାଭ କରିବା କଥା ସବୁ ପ୍ରକାରର ଶିଳ୍ପ ଆମ ରାଜ୍ୟ ପାଇଁ ନୁହଁ । ଶିଳ୍ପ ପାଇଁ ଦରକାର ପଡୁଥିବା ଖଣିଜ ପଦାର୍ଥ ବା କଞ୍ଚାମାଲ କେତେ ପରିମାଣରେ ଗଚ୍ଛିତ ଅଛି ଏବଂ ତାର ବିକ୍ରି ଅବସ୍ଥା କେମିତି ସହଜରେ ହୋଇପାରିବ ସେଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବା ଉଚିତ ।

ଆମେ ଜିଲ୍ଲା କଥା ଚିନ୍ତା କରିବା ଯେଉଁ ସବୁ ବଡ଼ ବଡ଼ ବା ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ହୋଇଥିଲା ପ୍ରାୟ ସବୁ ବନ୍ଦ ବା ଧୁକ୍ ଧୁକ୍ ହୋଇ ଚାଲିଛି । ବାଲେଶ୍ୱର ଲେଅଏସ, ଇମାମି, ସୁଫୁ, ଗ୍ରାଫ ଗ୍ରାନାଇଟ, ପୋଲାର ଲେଟେକ୍ସ ଭଳି ଶିଳ୍ପମାନ ସବୁ ବନ୍ଦ ହୋଇ ପଡ଼ିଛି । ଏକମାତ୍ର ପ୍ଲାଷ୍ଟିକ ଜାତୀୟ ଏବଂ ସାମୁଦ୍ରୀକ ମାଛର ପ୍ରକ୍ରିୟାକରଣ ଭଳି ଚାଲିଛି ଏବଂ ଚାଲି ପାରିବ ବୋଲି ଏହା ପ୍ରମାଣିତ ହୋଇଛି । ଇଟାଲି, ଦୁବାଇ ବା ଜାପାନକୁ ଉଚ୍ଚସ୍ତରୀୟ ଅଫିସରଙ୍କ ଗସ୍ତ ଆମ ଜିଲ୍ଲାରେ ଶିଳ୍ପକରଣ ଉପରେ ବିଶେଷ କିଛି ପ୍ରଭାବ ପକାଇବାର ସମ୍ଭାବନା ନାହିଁ । ଖାଲି ଆମ ଜିଲ୍ଲା ନୁହଁ ଭଦ୍ରକ ଏବଂ ମୟୂରଭଞ୍ଜ ଜିଲ୍ଲାର ମଧ ଏକା ଅବସ୍ଥା । ବହୁବର୍ଷ ପରେ ଆମ ଜିଲ୍ଲାରେ ଭାରତ ସରକାରଙ୍କ ଦୟାଳୁ ଟଙ୍କାଛପା ପାଇଁ ଦରକାର ପଡୁଥିବା କାଗଜ ତିଆରି ପାଇଁ ଏକ ଶିଳ୍ପ ପଡ଼ି ଉଠିବାର ସମ୍ଭାବନା ଦେଖା ଦେଇଛି । ଏହା ହିଁ ବୋଧହୁଏ ବାଲେଶ୍ୱରକୁ ମୁଖ୍ୟମନ୍ତ୍ରୀଙ୍କ ଦାନ ।




## ଝରକା ଫାଙ୍କରେ ଜହ୍ନ

### ଉମ୍ବରୁଧର ବେହେରା

ସତେ !
ମୁଁ ବସିଛି
ଏକା ଏକା
ଏକ ଅଜଣା
ଇଲାକାରେ
ନିର୍ଜନ କୋଠରୀରେ
ହଠାତ୍ ଦେଖା ଗଲା
ଝରକା ଫାଙ୍କରେ...

ରୂପା ଚାଦର ଢ଼ଙ୍କା
ରୂପେଲି ଜହ୍ନ ଆଲୁଅ
ବିଛେଇ ହୋଇ ପଡ଼ିଛି
ଘର ବାହାରେ
ଦାଣ୍ଡ ମଝିଟାରେ
ନିରବତାର ରାତିକୁ
ଅତିକ୍ରମ କରି
ସ୍ୱପ୍ନ ଦେଖିଲା ଭଳି
ଆକାଶର ତାରା ଗୁଡ଼ିକ
ଯେପରି ଝୁଲୁଥାଏ
ବାହାଘର ମଣ୍ଡପ ଉପରେ
ଲିଟୁ ଲାଇଟର ମିଞ୍ଜି ମିଞ୍ଜି
ଅଙ୍କାବଙ୍କା ଗତିରେ
ଯାହାକୁ କି ଚେଷ୍ଟାକଲେ ବି,
ଲିଭାଇ ହେବ ନି
କଳା ରଙ୍ଗର ଭେଲଭେଟ ରାତିର
ଅନ୍ଧାରର ଜହ୍ନ ଆଲୁଅକୁ
ଝରକା ଫାଙ୍କରେ
ହାତ ବଢ଼ାଇ
ଆକାଶର ସୁଇଚ ବୋର୍ଡକୁ,...
ଝରକା ଫାଙ୍କରେ ଜହ୍ନକୁ......!!

+ସୁରଳ (ଗଞ୍ଜାମ)

## ମହର୍ଘ

### ଦିଲିପ କୁମାର ତ୍ରିପାଠୀ

ତମେ ଯଦି ଟଙ୍କା ଦେଇ
ମୋତେ କିଣିବାକୁ ଚାହୁଁଛ
ତେବେ ସାରା ଜୀବନର
ସଂଚୟ କମ୍ ପଡିବ

ସମ୍ପର୍କର ବାହାନାରେ
ବାନ୍ଧି ଦେବାକୁ ଚାହଁ
ମୋ ପାଦ, ହାତ
ଲୁଟିବାକୁ ଚାହଁ କୁମାରୀତ୍ୱ
ତେବେ ହାଡ଼, ମାଂସ, ରକ୍ତର
ଏଇ ଦେହରେ ଘାଣ୍ଟି ହବ ସିନା
ମୋତେ ପାଇବନି
ତୁମ ଚାରିପାଖରେ ଥାଇ ବି
ଏମିତି ହଜିଯିବି ଯେ
ପତ୍ତା ମିଳିବନି

ଯଦି ଫୋପାଡି ଦିଅ ଶାଢୀ ଖଣ୍ଡେ
କାଚ କି ସିନ୍ଦୂର ଫରୁଆଟେ
ଅବା କେବେକେବେ ନେକ୍ଲେସ୍‌ଟେ
ସ୍ତୀର ମର୍ଯ୍ୟାଦା ଦବା ଆଳରେ
ତେବେ ମୁଁ ବି ଫୋପାଡି ଦେବି
ମୋ ଦେହ, ଯୌବନ,
ସାବିତ୍ରୀ ଅମାବାସ୍ୟାରେ
ମାଗିଆଣି ଥିବା ବୟସ
ଦାୟିତ୍ୱର ଆଳରେ

ହଁ,
ଯଦି କିଛି ଲୁଟି ନେବାର
ହୀନ ମାନସିକତାର ଉର୍ଦ୍ଧ୍ୱରେ ରହି
ତୁମ ଅମୃତ ପ୍ରେମରୁ
ସିଂଚିଦିଅ ମୋ ଲୋମ ମୂଳେ
ତେବେ, ଜିଇଁ ଉଠିବି
ସତେଜ୍ ହୋଇଯିବି
ବାସି ଉଠିବି ଗଙ୍ଗଶିଉଳି ପରି
ଆଉ ମୋ ଦେହର ରଙ୍ଗ ବଦଳି
ହେଇଯିବ, ଗୋଲାପୀ

କାହିଁକି ନା ମୁଁ ଖାଲି
ଗୋଟେ ଦେହ ନୁହେଁ,
ମନ କରିବା ପାଇଁ
ମନଟେ ବି ଅଛି ପରା
ସେଇ ଦେହରେ !!

+ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ
ମୋ: ୯୭୭୮୧୦୬୧୦୫

## ମୁଖା

### କୀର୍ତ୍ତନ ସାହୁ

ମୁଁ ତ ଗୋଟେ ମୁଖା
ମୋ ଦେହରେ
ମୁଖା କୋଉଠୁ
ପାଇବ ଯେ !
ଅନେକ ସୌନ୍ଦର୍ଯ୍ୟର
ଫୁଲ ବନ ମୁଁ ଗଢିଛି
ଛୁଟେଇ ଦେଇଛି
ମହ ମହ ବାସ୍ନା ଭରା
ମଳୟ ତମ ପାଇଁ
ତମେ ତ ବେଶ୍
ଆହ୍ଲାଦିତ ହେଇଛ
ମୋ ସାଥେ
ତମେ ତୋଳି ପାରିଛ
ତାରା ଫୁଲ
ଅନେକ ବସନ୍ତ ବୈଭବ
କଳାହାଣ୍ଡିଆ ରୂପ ସିନା
ଶୁଷ୍କ ମେଘ
କୋଉଠୁ ବରଷନ୍ତା
ତମେ ଶୀତଳ
ସ୍ପର୍ଶ ପାଆନ୍ତ
ଯାହା ବରଷିଲା
ଗଢା ମରୁଡିର
ଆଦ୍ୟ ପର୍ବ
ଆବଦ୍ଧ ପୁଷ୍କରିଣୀ
କେମିତି ଚିରସ୍ରୋତା
ନଈ ପାଲଟନ୍ତା
ତମେ ପଦ୍ମ ହେଇ
ଫୁଟି ପାର ପଙ୍କରେ
ତମେ ତ ସେଇଥିରେ
ଗଢା ମୂଳରୁ
ନିର୍ମଳ ମନ
ମଧୁର ଭାବ
ମୁହଁରେ କପଡ଼ା ବାନ୍ଧି
ଚିହ୍ନା ଚିହ୍ନି ଖେଳ ହେଉ
କି ବାଘ କି ହାତୀର
ମୁଖା ପିନ୍ଧି ନାଟକ
କରିବା ହେଉ
ବୁଲି ହେଉଥିଲା
ସ୍ୱଚ୍ଛ ରାଇଜରେ
ଗାଇ ହେଉଥିଲା
ହୃଦୟ ସଙ୍ଗୀତ
ଏବେ ତ
ମୁଖା ମଣିଷ
ପିନ୍ଧିଛି ଗୋଟେ
ଭଲ ମଣିଷ ମୁଖା
ଅଭିନୟ ମୋର ପକ୍କା ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ହେଲା ଚଇତ ମାସ

### ଜଗଦୀଶ ସାହୁ

ବଢୁଛି ଖରା ତାତୁଛି ଧରା
ହେଲା ଚଇତ ମାସ
ଦହି ପଖାଳ କାକୁଡି ଫାଳ
କିଏ ଖାଇବ ଆସ !!
ସୁନାରୀ ଫୁଲ ଦିଶୁଛି ଭଲ
ହେଲା ଚଇତ ମାସ
ଅଶୋକାଷ୍ଟମୀ ରାମନବମୀ
କିଏ ଦେଖିବ ଆସ !!
ମଲ୍ଲୀ ଫୁଟିଲା ବାସ ଛୁଟିଲା
ହେଲା ଚଇତ ମାସ
ସୁରେଇ ଜଳ ଲାଗେ ଶୀତଳ
କିଏ ପିଇବ ଆସ !!
ମନ୍ଦାର ହସେ ଘଟଗାଁ ବାସେ
ହେଲା ଚଇତ ମାସ
ଚଇତି ମେଳା ଭକତ ଭେଳା
କିଏ ଦେଖିବ ଆସ !!
ମଳୟ ବହେ ମନକୁ ମୋହେ
ହେଲା ଚଇତ ମାସ
ଲିମ୍ବ ଚକୁଳି ଗୁଣରେ ବଳି
କିଏ ଖାଇବ ଆସ !!

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

# କବିତାମାଳା



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୧ ଏପ୍ରିଲ, ମଙ୍ଗଳବାର, ୨୦୨୩

## ମହାଶୂନ୍ୟ
### ନିରଞ୍ଜନ ସାହୁ

ଏଠି ଆଞ୍ଜୁଳା ଆଞ୍ଜୁଳା ଲୁହ ପିଇ
ବଞ୍ଚିବାକୁ ହୁଏ
ପୁଣି କାନ ଡେରି ଶୁଣିବାକୁ ହୁଏ
ହୃଦୟର ଛାତିଫଟା କୋହର
ଆର୍ତ୍ତ ଚିତ୍କାର ।

ଏଠି ଲୁହକୁ ପିଇ ଯାଉଥାଏ ଓଠ
ଲହୁ ସବୁ ଧାରଧାର ହୋଇ
ନିଗିଡ଼ି ପଡୁଥାନ୍ତି ଝାଳ ହୋଇ
ମନର ଆଶା ମନରେ ଯାଉଥାଏ ମରି
କଥା ସବୁ ଅଟକନ୍ତି କଣ୍ଠ ସେପାଖରେ
ମରିମରି ଆସୁଥାଏ ବଞ୍ଚିବାର ଦୁର୍ବାର
ଆଶା
ଜୀବନ ଲାଗୁଥାଏ ଭୀତସ୍ତତ୍ର
ଦିନକୁ ଦିନ ହଜି ଯାଉଥାନ୍ତି ସ୍ୱପ୍ନ

କଳ୍ପନା ପାଲଟୁଥାଏ ମରୀଚିକା
ସମ୍ଭବ ପାଲଟୁଥାଏ ଅସମ୍ଭବ ।

ଏଠି ପ୍ରତି ମୁହୂର୍ତ୍ତରେ ବହୁଥାଏ
ଦୀର୍ଘଶ୍ୱାସ
ଶୁଖିଶୁଖି ଆସୁଥାଏ ଜୀବନ ଯମୁନା
ଅଶାନ୍ତିର କୁହୁଡ଼ି ଘୋଡାଇ ଦିଏ ଶାନ୍ତିର
ସୂର୍ଯ୍ୟଙ୍କୁ
ବାଧାବିଘ୍ନର ବିରାଟ ପାଚେରୀ
ଛିଡା ହୋଇଥାଏ ଦମ୍ଭ ଦେଖାଇ
ହତାଶାବୋଧ ଦେଖାଏ ରାଜତ୍ୱପଣ
ନୈରାଶ୍ୟର ଛାୟା ବିସ୍ତାର କରେ
କାୟା
ଉପହାସ କରୁଥାଏ ଭାଗ୍ୟ
ଆଉ ଈଶ୍ୱର ଥାଆନ୍ତି ନିର୍ବିକାର ।

ଏଠି କେମିତି ବଞ୍ଚିବ ଯେ ? ?
ଜୀବନ ତ ଅସହଣୀ ଯନ୍ତ୍ରଣା ଭିତରେ
ବେଦନା ଯେ କିଏ ଏଠି ବୁଝେ
ଯିଏ ପଦେ ଆହା କହେ ଲାଗେ
ମିଛିମିଛି
ସ୍ୱାର୍ଥକୁ ଆଗରେ ରଖି ଦିଆଯାଏ
ନ୍ୟାୟ
ଅସତ୍ୟର ଅଟ୍ଟାହାସ୍ୟ ଶୁଣି
ପଛଘୁଞ୍ଚା ଦେଉଥାଏ ସତ୍ୟ
କରୁଣା ହୁଅଇ ଊଣା ନିତ୍ୟ ନିରନ୍ତର
ଆସୁରିକ ପ୍ରବୃତ୍ତିରେ ଜର୍ଜରିତ
ଏହି ଜୀବନର ପରିଧି ଭିତର ।

ଜୀବନଟା ଅଛି ବୋଲି
ଅଛି ଲୋଭ , ମୋହ , ମାୟା
ଆସକ୍ତିର ବନ୍ଧନରେ ବନ୍ଧା
ମୁଁ , ତୁମେ , ଏମାନେ , ସେମାନେ
ନିରସତା , ଅସହାୟତା ଭିତରେ
ଜୀବନ ଲାଗୁଥାଏ ଆକ୍ତାମାକ୍ତା
ମରିବାକୁ ଇଚ୍ଛା ଥାଇ ବି
ମଣିଷ ବଞ୍ଚିଥାଏ ବାଧ୍ୟବାଧକତାରେ
ଭାବୁଥାଏ ସିଏ ଚାଲିଗଲେ
ଉଜୁଡିଯିବ ତାହାର ସଂସାର
ଭାସିଯିବେ ପରିବାର
କେଉଁ ଭଗବାନ ଅବା ହୋଇବ
ସଦୟ
ଯେ ଲେଖିଛି କପାଳକୁ ହୋଇକି
ନିର୍ଦ୍ଦୟ ।

ଜୀବନର ସ୍ୱାଦ ଲାଗେ ଭାରି
ପାଣିଚିଆ
ରସହୀନ,ରଙ୍ଗହୀନ ଜୀବନକୁ ନେଇ
ମଣିଷ କାଟୁଥାଏ ଦିନ
ବଞ୍ଚିଥାଏ ହୋଇକରି ହୀନ
ଭାଗ୍ୟକୁ ଆଦରି ବଞ୍ଚେ ସିନା
ଜୀବନଟା ଲାଗୁଥାଏ ତାକୁ
ଶୂନ୍ୟ -- ଶୂନ୍ୟ --- ମହାଶୂନ୍ୟ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ :୯୯୩୮୭୪୧୫୮୩

## ରକ୍ତମନ୍ଦାରର ମାଜଣା
### ଅନୀତା ପାଣି



ଜଗତରେ ମୋର ଆପଣାର ହୋଇ
କେମିତି କହିବି କେହି ମୋର ନାହିଁ,
ତୁହି ମା ଗୋ ଅଛୁ
ଜଗତ ପାଳୁଛୁ
ହିଙ୍ଗୁଳା ନାମଟି ବୋହି ।

ହେ ଅନଳ ରୂପା ତାଳଚେର ରାଣୀ
ଗୋପାଳଗଡ଼ର ସୁଖ ଶିରୋମଣି
କରୁଣା ପଣତ
ଘୋଡାଇଛୁ ମାତ
ରହିଚି ତୋ ପାଦେ ଋଣୀ ।

ନ ଜାଣନ୍ତୁ କେହି ମୋର ପରିଚୟ
ତୋ ମହିମା ହେଉ ମୋ ପାଇଁ କି ଶ୍ରେୟ
ତୋ ସେବକ ବୋଲି
ଜାଣୁ ଧୂଳିବାଲି
ତୋ ପଣତ ଶାନ୍ତି ଆଳୟ ।

ବାରବାର କ୍ଷମା କରିଛୁ ଲୋ ମାତ
ଅବସାଦ ବେଳେ ଧରି ନେଲୁ ହାତ,
ପାପ ତାପ ଜାଳି
ସୁନା ସମ ଝାଳି
ଆଣିଦେଲୁ ନବ ପ୍ରଭାତ ।

ବରୁଣ ପତରେ ଶୁଦ୍ଧ ଶ୍ରଦ୍ଧା ଦିଏ
ରକ୍ତମନ୍ଦାରର ମାଳାରେ ସଜାଏ
ହୃଦୟେ ଅକ୍ଷତ
ବସିଥା ସାକ୍ଷାତ
ମାୟାରେ ଦିଅନା ଭୁଲାଇ ।

ପଦ୍ମେଶୟ, ସୌଭାଗ୍ୟ ନଗର,
ଅନୁଗୋଳ,
ଫୋ,୮୩୨୭୭୦୫୯୭୦

## ରେଳ ଯାତ୍ରୀ ଆଳାପ
### ସୁଶ୍ରୀ କାଦମ୍ବରୀ ମହାଖୁଡ

ଏମନ୍ତ ସେମନ୍ତ କରନ୍ତି ଆଳାପ
ଯେମନ୍ତ ପୂର୍ବୀୟ ନିଜର ବନ୍ଧୁ
ବହୁଦିନ ଅନ୍ତେ ଦେଖା ଓ ଆଳାପ
ଖୋଲନ୍ତି ପର୍ଯ୍ୟାପ୍ତ ଗପର ସିନ୍ଧୁ ।

ନିଜଠୁ ନିଜର ସମ୍ପର୍କ ଯେମନ୍ତ
ଚାଲଇ ସହରର ଚର୍ଚ୍ଚା ଯାଦୁ
ସେମନ୍ତ ସେତିକି ଶେଷ ନ କରନ୍ତି
ମିଶି ତସ୍କର ଠକ ଠାରୁ ସାଧୁ ।

ରାଜଧାନୀ ଠାରୁ ରାଜନୀତି ସ୍ଥିତି
ଶୁଣାନ୍ତି ଗଭୀର ବାଣୀ ଏମନ୍ତ
ନବ ନିର୍ବାଚିତ ସତେକି ଯେମନ୍ତ
କରନ୍ତି ଆଳାପ ଠାଣି ସେମନ୍ତ ।

ଗାଁ ରୁ ସହର ଓ ସହରରୁ ଦେଶ
ସାଧୁଠାରୁ ବଳି ସନ୍ଥ ଯେମନ୍ତ
ଲୁଚାକୁଚା ଠାରୁ ଚକଚକିଆ ବେଶ
ରେଳ ଯାତ୍ରୀର ଆଳାପ ସେମନ୍ତ ।

ବାଉରୀ କ୍ରିକେଟ ସ୍କୁଲ ପଢ଼ିଆରୁ
କଥା ବିରାଟ କୋହିଲି ପର୍ଯ୍ୟନ୍ତ
ରେଳ ଡବା ନୁହଁ ବହୁମୁଖୀ ସେବା
ସାଥେ ତାସ ର ପତା ନିମନ୍ତ ।

ବେକାରିଆଠାରୁ ଚାକିରିଆ ଯେନ୍ତେ
ଦାତା ଠାରୁ ବଳି ଗ୍ରହୀତା ସେନ୍ତେ
ପ୍ରସ୍ଥାନ ଜାଗାରୁ ଆଉ କି ଉଠନ୍ତେ
ଡାକେ ରେଳ ସିଟି ମାରି ଏମନ୍ତେ ।

ବାକି କିଛି ଜନ ସେମନ୍ତ ଚାଁହାନ୍ତି
ଯେମନ୍ତ ସେମନ୍ତ କିଛି ନ ବୁଝନ୍ତି
ରେଳର ଆଳାପ ଶେଷ ନ ହୁଅନ୍ତି
ନିରୀହ ଯାତ୍ରୀ ବି ମୁରୁକି ହସନ୍ତି ।
ଶୁଣି ନିରୀହ ଯାତ୍ରୀ ମୁରୁକି
ହସନ୍ତି.....

+ ଗୁଡ଼ିଆନାଳୀ,
ଢ଼େଙ୍କାନାଳ୭୫୯୦୦୧
ମୋ: ୮୯୦୮୪୧୪୯୭୯

## ମହାନଦୀ ନୁହେଁ ମାଆ ତ ସିଏ
### ରତ୍ନାକର ରାଉତ



ମହାନଦୀ ନୁହେଁ ମାଆ ତ ସିଏ
କେତେ କାଳ ଧରି ତା ସ୍ନେହ ଶ୍ରଦ୍ଧାରେ
ବାନ୍ଧି ରଖିଥିଲା କହିବ କିଏ
ସୁନା ଫସଲରେ ହସୁଥିଲା କ୍ଷେତ ତା କୃପାବଳେ
ଜାତିର ଗାରିମା ଗଢୁଥିଲା ସିଏ
ତାର ଅକୁଣ୍ଠ ଦାନେ ।

ଆଜି ହତଶିରୀ ତାହାର ବୁକୁ
ମାଆକୁ କରନ୍ତି କି କଳବଲ
ଦେଖିବ ଚାଲ,
କିଏ କେତେ ସବୁ
ପେଂଚ ପାଂଚ କରି ଖେଳନ୍ତି ଖେଳ
ବେଳକୁ ବେଳକୁ ମାଡ଼ି ଆସୁଅଛି
ବିପଦ ଘୋର
ସଭିଙ୍କ ଅବସ୍ଥା ଖରାପ ହେଉଛି ଦିନକୁ ଦିନ
ସଭିଏଁ ହେଲେଣରି ଦେଖ ବେହାଲ
ଶିଳିପ ଗଢ଼ିବା ସପନ ଦେଖେଇ
ନେଇଗଲେ ଛଳେ
ଏ ରାଇଜୁ ଜମି ଜଳ ଜଙ୍ଗଲ
ବଣିକ ଦଳ ।

ରାତି ସରିଗଲା ସପନ ସଇଲା
ରାଇଜ ଯାକରେ ପଡ଼େ ଚହଳ
ମହାନଦୀ ଛାତି ଶୁଖିଲା ପଡ଼ିଛି
ଶୁଖିଛି ଜଳ
ଯେଉଁ ଭରାନଦୀ କୂଳ ଖାଉଥିଲା
କିଏ କରିଅଛି ତା ପାଣି ଚୋରି
ସବୁଆଡ଼େ ଏବେ ପଡ଼ିଛି ହୁରି
ମିଳୁନାହିଁ ପାଣି ଜୀବଜନ୍ତୁଙ୍କର ଶୁଖୁଛି ତଣ୍ଟି
ପାଣି ଅଭାବରୁ ସବୁଠୁ ଶୁଭିଛି ହାହାକାର
ଶିଳିପ ଗଢ଼ିବା ସପନ ଦେଖେଇ
ନେଇଗଲେ ଛଳେ
ଏ ରାଇଜୁ ଜମି ଜଳ ଜଙ୍ଗଲ
ବଣିକ ଦଳ ।

ମହାନଦୀ ପାଣି ଭାରି ବଢ଼ିଆ
ବିକିଦେଲେ ତାକୁ ଅଣ ଓଡ଼ିଆ
ଓଡ଼ିଆ ପୁଅର ଭାଙ୍ଗୁନି ନିଦ
ଯେଉଁ ନୀର ବହେ ଧମନୀରେ ତାର
ହୋଇ ଶୋଣିତ ସ୍ରୋତ
ମହାନଦୀ ମାତା ଗରଭୁ ଗଲାଣି ସେ ନୀର ଶୁଖି
ଜଳଜଳ ହୋଇ ଚାହିଁଛି ଜଳକା ପାରୁନି ଦେଖି
ଶିବସେନା ମାଆ ନିରିମାଖି ତାର ଶୁଖିଛି ମୁହଁ
ଉଚ୍ଛୁର ହେଉଛି ଗଡ଼ିଯାଏ ବେଳ ଉଠରେର ଉଠ
ପତିତ ଭୂଇଁରେ ପରିଣତ ହେବା ଆଗରୁ
ନଦୀର ଧାର
ନିଜର ସୁରକ୍ଷା ପାଇଁ ଏବେଠାରୁ ହୁଅ ସଜାଗ
ଶିଳ୍ପ ଗଢ଼ିବା ସପନ ଦେଖେଇ
ନେଇଗଲେ ଛଳେ
ଏ ରାଇଜୁ ଜମି ଜଳ ଜଙ୍ଗଲ
ବଣିକ ଦଳ ।

ଆଉ ଡେରି କଲେ
ଉଜୁଡ଼ି ଯିବ ଏ ରାଇଜ ଶିରୀ
ସେତେବେଳେ ତୁମେ ଭାଳି ହେଲେ ଯେତେ
କିଏ ସେ ଶୁଣିବ ତୁମ ଗୁହାରି
ଜାତିର ଦୁର୍ଦ୍ଦିନ ଆସୁଛି ଭୀଷଣ ମାଡ଼ି
ଇଚ୍ଛା ନାହିଁ ତେଣୁ ଦେଖି ପାରୁନାହିଁ
କିପରି ବିପଦ ଆସେ ଘନେଇ
ଦେଖ ଥରେ ଆଖି ଖୋଲି
ଦେଖିବ କିପରି ଚଂଚକତା କରି
ଏ ରାଇଜୁ ଜମି ଜଳ ଜଙ୍ଗଲ
ଲୁଟି ନେଉଛନ୍ତି ଦିନ ଦ୍ୱିପ୍ରହରେ
ଚତୁର ବେପାରି ଦଳ ।

ଭୁବନେଶ୍ୱର

## ବିଜେତା
### ଆନନ୍ଦ କୁମାର ମାଇତି



ତୁମ ପ୍ରସଙ୍ଗ ଉକୁଟି ଆସେ
ମୋ ଜୀବନ ର ସମସ୍ତ କାର୍ଯ୍ୟରେ ।
ମୁଁ ଆହତ ବି ହୁଏ
ତୁମର ମଧୁ ବୋଳା ସ୍ପର୍ଶ ରେ ।

ମୁଁ କେବେଠୁ ଭୁଲି ଯାଇଛି
ବିଜେତାର ମୁଖ କୃତିକୁ
ଆଜି ଆଉ ସ୍ମରଣରେ ଧରଦେଉନି ।
ସେଇ ପରାଜିତ ବେଳେ
କାପୁରୁଷ ବ୍ୟବହାର କିପରି
ଦୁଇ ବାହୁକୁ ଟେକି ପରାଜିତର
ନିର୍ଦ୍ଦେଶ ଦେଉଥିଲା
ମୁଁ ଭୀରୁଟେ ପରି ନତ ମସ୍ତକ ହୋଇ
କ୍ଷମା ଭିକ୍ଷରେ ଥିଲି ।

ମୁଁ ଭୁଲି ଯାଇଛି ମୋର ସମସ୍ତ ପରାକ୍ରମ
ସଂଗ୍ରାମ
ବିଦ୍ରୋହର ଆନ୍ଦୋଳିତ କଣ୍ଠସ୍ୱର
ଆଉ ଭାବି ବିଜୟର ଅଫୁରନ୍ତ ଉଲ୍ଲାସ ।

ଆଜି ତୁମ ସ୍ମୃତିରେ ବଞ୍ଚିଛି କେବଳ
କେବଳ ଗୋଟେ ଜଖମର ଯନ୍ତ୍ରଣାକୁ
ସାଥୀ କରି ।
କେହି ସେହି ଜଖମର କ୍ଷତକୁ ଆଦର
କରୁନି
କରିଥିଲେ ହୁଏତ
ଅନାରୋଗ୍ୟ ହୁଅନ୍ତା
ସଜ କ୍ଷତଟି ମୋର ।

ଯାହାବି ହେଉ
ତୁମ ପ୍ରଣୟରେ ମୁଁ ବିସ୍ମୃତ ହୋଇଛି
କେବଳ ତୁମ ଅବର୍ତ୍ତମାନରେ
ଏଇ ଆସନ୍ନ ବିଭୀଷିକା ଭଳି ଯେତେ
ତାପ ମଦିରା
ମୋତେ ଯନ୍ତ୍ରଣା ଦିଏ
ତୁମ ଅନାଦରରେ ମୋ ପୁନଃ ପତିତ
ପ୍ରତ୍ୟାଶା ଚିହ୍ନରେ
ଖୋଜିବୁଲେ ବିଜୟ ଅଶାର ଆଲୋକ
ନିକ୍ଷିପ୍ତ ତାରକା ବାଜି,
ବିକ୍ଷିପ୍ତ ଓ ପତନ୍ମୋଖ ଯେତେ ବସ୍ତୁ
ନିଚୟ ।
ଶେଷ କଥା
ସବୁରି ଭିତରେ ତୁମ ଅସ୍ତିତ୍ୱ କୁ ମୁଁ
ଖୋଜିବୁଲେ ।

ଅଡ଼ାସାହି, ବଗଡ଼ା, କେନ୍ଦ୍ରାପଡ଼ା
ମୋ - ୯୪୩୯୦୭୭୩୯୫

## ଚିଠି ଓ ଠିକଣା
### ପ୍ରଭାତ କୁମାର ନାୟକ



॥ ଚିଠି ॥

ସଂସାରର ମୋହରେ ମାୟାରେ
ଭୁଲି ହୋଇ ଯାଏ ତୁମ
ସୁମଧୁର ରୂପ ଛାୟା
ଅଜ୍ଞାନର ଘନ ଅନ୍ଧକାରେ,
ନିଜକୁ ଲୋଚାଇ ଦେଇ
ମଦମତ୍ତ ଖୋଳପା ଭିତରେ
ଏ ମଣିଷ ଚିନ୍ତା କରେ ଭାଙ୍ଗି ଦେବ
ପୃଥିବୀକୁ,
ବାନ୍ଧି ଦେବ ଚନ୍ଦ୍ର ସୂର୍ଯ୍ୟ ହାତ
ପାପୁଲିରେ ।

କିଏ ଜାଣେ.. ?
ଜୀବନର ଲଫାପାରେ
ନିତି ଲେଖା ହେଉଥାଏ
ସବୁ କର୍ମାକର୍ମ, ହସ ଲୁହ, ସ୍ମୃତି
ବିସ୍ମୃତିର
ଧାଡି ସବୁ ଅଦୃଶ୍ୟ ଅକ୍ଷରେ ,
କିଏ ଜାଣେ.. ?
ଜୀବନର କେତେ ଭଲ କେତେ ମନ୍ଦ
ପାପ ପୂଣ୍ୟ
ନିତି ସେ ତଉଲୁ ଥାଏ
ଧର୍ମ ନିକିତିରେ... ।

ସବୁ ଜାଣି କିଛି ନଜାଣିବାର
ବିଚିତ୍ର ବାହାନା ତୋର
ସବୁ ଦିନେ ନିଷ୍ଫଳ ହୋଇବ,
ଯେ ଦିନ ଦୁଆରେ ତୋର ମହାକାଳ
ଡାକ ବାଲା ବେଶେ ଆସି
କରାଘାତ ଦେବ ।

ସୁକର୍ମ ଦୁଷ୍କର୍ମ ତୋର
ହିସାବ ଖାତାରେ ତାର
ନିତି କଷୁଥାଇ ,
ପୂଣ୍ୟ ଆତ୍ମା ଚିଠି ତକ ପହଞ୍ଚିବ
ବୈକୁଣ୍ଠରେ
ପାପ ଆତ୍ମା ଫେରିଯିବ,ହଜିଯିବ
ଆଉ କିଛି ଘୁରୁଥିବ କାଳ ଚକ୍ର
ଆବର୍ତ୍ତରେ
ଠିକଣା ହଜାଇ........ ।

॥ ଠିକଣା ॥

କେହି ଏଠି ବସାଏ ତୁମକୁ ନେଇ
ମନ୍ଦିରରେ, ମସଜିଦ୍ ଅବା
ଗୁରୁଦ୍ୱାରେ,
କେହି ପୁଣି କହୁଥାଏ ତୁମରି ଠିକଣା
କାଳେ ବୈକୁଣ୍ଠ ବାସରେ ।

କେହି ପୁଣି ତୁମକୁ ବିଭାଗ କରି
ରକ୍ତ ନଦୀ ବହିଦିଏ ଏଇ
ଦୁନିଆରେ,
କେହି ଲୋଟୁ ଥାଏ ତୁମ ନାମ
ମୋହର ଲଗାଇ
ଅଧର୍ମର ଅନ୍ଧାରୀ ଗଳିରେ ।

ତୁମେ ତ ରହିଛ ବ୍ୟାପି
ଜଳସ୍ଥଳ,ନଭ ଅବା ନୀଳ
ବନାନୀରେ,
ମୂଢ ମନ କିପରି ଜାଣିବ ତାହା !
ହେ ଈଶ୍ୱର ହେ ଈଶ୍ୱର କୁହାଟ
ମାରିଲେ ଯେତେ,
ତୁମେତ ରହିଛ ବ୍ୟାପି
ହୃଦୟର ନିବୁଜ କୋଣରେ ।

ଯୁଗ ପରେ ଯୁଗ ତୁମେ ଆସ
ନବ ରୂପ ନବ ଆଲୋକରେ,
ତଥାପି ଏ ମୂଢମତି
ତୁମକୁ ଚିହ୍ନେନା ଆହା !
ମୃତ୍ୟୁର ଆଡ଼କୁ ଧାଏ
ଅଜ୍ଞାନର ଅମଡା ବାଟରେ ... ।

+ ମଧୁପୁର, ଭଦ୍ରକ,ଓଡ଼ିଶା
ମୋ: ୮୧୨୨୮୦୩୨୪୬

## ସମୟ ଓ ଜୀବନ
### ନୀଳମଣି ଚାନ୍ଦ



ସମୟ ଯାଉଛି ତା' ବାଟରେ ନିତି
ଜୀବନକୁ ସଙ୍ଗେ ଧରି
ଜୀବନ ତ ଚାଲେ ନିର୍ଦ୍ଦେଶରେ ତା'ର
ଆଜ୍ଞାଧୀନ ଛାତ୍ର ପରି ।

ଜୀବନର କିଛି ଚାରା ତ ନ ଥାଏ
ସଦା ସେ ନିରବ ରହେ
ସମୟ ଯାତନା ତାଡନା ସବୁ ସେ
ବର୍ଷ ବର୍ଷ ଧରି ସହେ ।

ଦୁନିଆ ମଞ୍ଚରେ ଅବତୀର୍ଣ୍ଣ ହୁଏ
ଜୀବନ ଚରିତ୍ର ହୋଇ
ସମୟ ଭୂମିକା ନିର୍ଦ୍ଦେଶକ ପରି
ସଦା ଜୀବନର ପାଇଁ ।

ଯେତେବେଳେ ଯେଉଁ ଚରିତ୍ର ମିଳଇ
ମଥାପାତି ସିଏ କରେ
ଶୁଣିଛ କି କେବେ କରିଛି ଅବଜ୍ଞା
ଭୂମିକାରେ ଥାଇ ଥରେ ?

ସମୟ ତ କହେ ସିଏ ବଳବାନ
ଜୀବନଟି ଶକ୍ତିହୀନ
ପ୍ରମାଣିତ ହେଲା ଦୁହିଁଙ୍କ ଭିତରୁ
ସମୟ ଯେ ଭାଗ୍ୟବାନ ।

ସିଏତ ସମୟ ଇଏତ ଜୀବନ
ଏ ତ ତାଙ୍କ ଇତିହାସ
ଭାବିନେବା ସବୁ ଦର୍ଶନର କଥା
ନକରିରେ ପରିହାସ ।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ଡର
### ଦୀପକ କୁମାର ମିଶ୍ର

ଫେରି ଚାହିଁଲେ ମୃତ୍ୟୁ
ଆଗକୁ ବଢ଼ିଲେ ଜୀବନ
ଅଟକିଯିବା କେବଳ
ଅଭିନୟ ମାତ୍ର ।

ଯିବାକୁ ଅଛି ପାହୁଣ୍ଡ ପାହୁଣ୍ଡ
ଆସୁ ଝଡ଼, ଆସୁ ପ୍ରତିରୋଧ
ଆକାଶକୁ ଚିରି
ସମୁଦ୍ରକୁ ଡେଇଁ
ପାତାଳକୁ ଭେଦି
ଗଢ଼ିବା ନିଜର ଏକ କ୍ଷୁଦ୍ର ଇତିହାସ
କାରଣ ସବୁ ବିଡ଼ମ୍ବନା ପରେ
ନିଶ୍ଚିତ ଅଛି ସମ୍ଭାବନାର
ଏକ ସୁନ୍ଦର ଚିତ୍ର ।

କାନ୍ଥ ଏପଟେ ଅନ୍ଧାର
ଆରପଟେ ଆଲୁଅ
ଶିଉଳିଭିଜା ସମୟର ଅତିକ୍ରମଣ
ହିଁ ତ ବାସ୍ତବ ଜୀବନ ।

ଝଅଝଅଝଭୁବନେଶ୍ୱର
(ମୋ) ୮୨୮୦୨୧୧୦୦୦

## ସପନ ସହରେ ଦିନେ
### ଶ୍ରୀ ସତ୍ୟବ୍ରତ ସାହୁ

ସପନ ସହରେ ଦିନେ ପ୍ରିୟା ସହ ଦେଖାହେଲା
ତା ମନର ନିଶା ତା ଓଠର ଭାଷା ଆଖି କହି ଦେଉଥିଲା ।(୦)

ପ୍ରୀତିର ଚେନାଏ ହସ ଅଧରୁ ତା ଝରିଗଲା
କବରିରେ ଗୁନ୍ଥା ଫୁଲେ ସତେଜତା ଖେଳିଗଲା
ତା ବାହୁ ବନ୍ଧନ ତା ହୃଦ ସ୍ପନ୍ଦନ କେତେ କଥା କହୁଥିଲା ।
ସପନ ସହରେ ଦିନେ ...(୧)

ନାଲି ଟୁକୁ ଟୁକୁ ବେଶେ ଆସିବ ସେ ବଧୂ ହୋଇ
ସୀମନ୍ତେ ଦେଲି ସିନ୍ଦୁର ଏହି ପ୍ରତିଶ୍ରୁତି ଦେଇ
ଯେବେ ନିଦ ଭାଙ୍ଗିଲା ମୋ' ସପନ ଗଲା ଅନ୍ଧାର ମୋ' ସାଥି ଥିଲା ।
ସପନ ସହରେ ଦିନେ...(୨)

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୮୯୧୭୨୭୩୫୪୫

## ତୁ ଅଛୁ ବୋଲି ମୋର ବିଶ୍ୱାସ
### ତୁଲେଶ୍ୱର କୁମାର ସାହୁ



ଦୁଃଖ ନୁହେଁ ତୁ ସୁଖ ଦେଇଥିଲୁ
ଗଛ ନୁହେଁ ତୁ ଛାଇ ଦେଇଥିଲୁ
ଜଳ ନୁହେଁ ତୁ ଜୀବନ ଦେଇଥିଲୁ
ମୋ ପାଇଁ ଆଜି ଦୁଃଖ,ଗଛ ,ଜଳ
ଅଛି
ତଥାପି ନାହିଁ ସେ ବାଣ୍ଟିଥିବା ସୁଖ,
ଛାଇ, ଓ ଜୀବନ ।

ତୁ ଗୋଟେ ବିହଙ୍ଗ ନୁହଁ ଯେ
ପବନ ଉଡେଇ ନେଲେ ଉଡିଯିବୁ
ତୁ ଗୋଟେ ନିଆଁ ନୁହଁ ଯେ
ଜଳ ଢାଳି ଦେଲେ ତୁ ଲିଭି ଯିବୁ
ତୁ ଗୋଟେ ଗଛ ନୁହଁ ଯେ
ହାଣି ଦେଲେ ମରିଯିବୁ

ତୁ ଗୋଟେ ଭଅଁର ଫୁଲ ର
ଓଠରେ ଓଠ ମିଶାଇବାକୁ ଯାଇଛୁ
ଏବେବି ମୋର ବିଶ୍ୱାସ
ତୁ ଅଛୁ,ଥିବୁ,ରହିଥିବୁ
ଶ୍ରୁତି ହୋଇ ଏ ନୀଳ
ଆକାଶର ପାଦ ତଳେ
ମାଟି ମା'ର କୋଳେ
ଝରଣାର ଗୁଣୁଗୁଣୁ ଶବ୍ଦ ଭିତରେ

ଥବିର କହୁଥିଲା ତତେ ଦିନେ
ଭାଗିରଥି ପାର୍କ ଭିତରେ ଦେଖିଛି.....

ରେଗଡା, କର୍ଲାମୁଣ୍ଡା,
କଳାହାଣ୍ଡି

## ତୁମେ ଓ ମୁଁ
### ପ୍ରଣତି ଆଚାର୍ଯ୍ୟ ମିଶ୍ର



ତୁମେ ନିଳ ଆକାଶର
ତୋଫା ଜହ୍ନ ରାତି
ଲୁଚିଛ ତାରକା ମେଳେ
ମୁଁ ଯେ ଉତ୍ତଳ ତରଙ୍ଗ ନିଳ ଉର୍ମିମାଳା
ଚନ୍ଦ୍ରାତପର ତଳେ ।

ତୁମେ ନୀରସ ଜୀବନ ଗାଳ୍ପିକ ତୁଳୀର
ନିର୍ମଳ ହୃଦୟ ଗନ୍ଧ
ମୁଁ ଯେ ବିଦଗ୍ଧ ବେଳାର ନିଷ୍ପାପ ନିବିଡ
କବିର କବିତା ଅଙ୍କ ।

ତୁମେ ବତୁରା ମାଟିର ପ୍ରଥମ ସୁଗନ୍ଧ
ଆଣ ସାଥେ ସବୁଜିମା
ମୁଁ ଯେ ବୟସୀ ଋତୁର ମୌସୁମୀ
ବରଷା
ଲତା ଓଠେ ଦିଏ ଚୁମା ।

ତୁମେ ଫୁଲ ଶରେ ବିଦ୍ଧ ଯୌବନର
ତେଜ
କନ୍ଦର୍ପ ସଦୃଶ କାନ୍ତି
ମୁଁ ଯେ ପାହାନ୍ତି ର ଲାଜ ଧରି ହସୁଥିବା
ସଜ ଫୁଟା ଫୁଲ ରତି ।

ତୁମେ ମଧୁ ଛନ୍ଦ ର ସଂଗୀତ ର ତାନ
କୋକିଳର କୁହୁ ଡାକ
ମୁଁ ଯେ ଚୋରା ବସନ୍ତ ର ମଳୟ
ରାଗିଣୀ
ପ୍ରିତି ପାଖୁଡାର ପିକ ।

ତୁମେ ଗୋଧୂଳି ବେଳ ର ଦକ୍ଷୀଣା
ପବନ
ମୋହିତ ବଇଁଶୀ ଧ୍ୱନି
ମୁଁ ଯେ ଶିତୁଆ ଜାଡର ମଞ୍ଜ ଥରା
ଶିତେ
ଶର୍ବରୀ ଅନଳ ଧୁନି ।

ତୁମେ ଅକୁହା କାହାଣୀ ନିକାଞ୍ଚନ
ଦେଶେ
ସଞ୍ଜ ବେଳ ର ସ୍ୱପ୍ନ
ମୁଁ ଯେ ଆରକ୍ତ ଅଧର ମାଦକତା
ଭରା
ତୃଷିତ ଯାମିନୀ ମନ ।

ତୁମେ ମନ ଗହନର ଚାରୁ ଚିତ୍ରପଟ
ଲେଖାଥିବା ସ୍ମୃତି କିଛି
ମୁଁ ଯେ ଖିଆଲି ଆଖିର ଅଶ୍ରୁମାରି
ଆଶା
ଗଭୀର ହୃଦୟେ ଅଛି ।

ନୟାଗଡ଼
ମୋ: ୯୪୩୭୬୪୨୯୪୭

# ଆଣ୍ଟେଇଛି ମାଳ ମାଳ ପ୍ରକଳ୍ପ : ବିରୋଧୀଙ୍କ ଆନ୍ଦୋଳନ ପ୍ରଭାବଶୂନ୍ୟ

ରାଉରକେଲା, ୧୦/୦୪ (ନି.ପ୍ର): ବିରୋଧୀଙ୍କ ନୀରବତାରୁ ସହରର ମାଳ ମାଳ କେନ୍ଦ୍ର ଓ ରାଜ୍ୟ ପ୍ରକଳ୍ପ ଆଣ୍ଟେଇଛି। କେଉଁଠ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ କାମ ଆଗଉନି। ଅନ୍ୟ କେଉଁଠି ଟଙ୍କା ପଡିଥିଲେ ପ୍ରକଳ୍ପର ନାଁ ଗନ୍ଧ ନାହିଁ। ପ୍ରଶାସନିକ ଅଧିକାରୀ, ବିଭାଗର ଅବହେଳାକୁ ଦାୟୀ କରି ଉଭୟ ବିଜେପି ଓ କଂଗ୍ରେସ ପ୍ରତିବାଦର ସ୍ୱର ଉଠାଉଛନ୍ତି। ମାତ୍ର ଏମାନଙ୍କ ବିରୋଧର ସ୍ୱର ପ୍ରଭାବଶୂନ୍ୟ ରହିଛି। ଯାହାର ଫାଇଦା ଉଠାଉଛନ୍ତି ଉଭୟ ବିଭାଗୀୟ ଅଧିକାରୀ ଓ କାମ ନେଇଥିବା ଠିକା ସଂସ୍ଥା। କାହିଁକି ଆଗଉ ନାହିଁ, ଥରୁଟିଏ ଉଭୟ ବିଜେଡି କିମ୍ବା ବିଜେପି ମୁହଁ ଖୋଲୁ ନାହାନ୍ତି। ଯାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୩୪୦ କୋଟିର ସ୍ୱରେଜ ପ୍ରକଳ୍ପ ଦୁଇ ବର୍ଷରେ ସରିବା କଥା। ବିତିଗଲାଣି ୪ ବର୍ଷ। ତଥାପି ୨୫% କାମ ବାକି ଅଛି। ପ୍ରାୟ ୨୮ ହଜାର ଘରକୁ ପାଇପ୍ ସଂଯୋଗ କରିବାକୁ ଟାର୍ଗେଟ ରହିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ମାତ୍ର ସିଭିଲଟାଉନସିପର ୪୦୦ରୁ ୫୦୦ ଘରକୁ ସଂଯୋଗ ହୋଇପାରିଛି। ଏଥିରୁ ଏହି ପ୍ରକଳ୍ପ କେତେଦୂର ସହରବାସୀଙ୍କ କାମରେ ଲାଗୁଛି, ତାହା ବି ସନ୍ଦେହ।



ଜିଲ୍ଲାର ଅର୍ଥନୈତିକ ବିକାଶରେ ବାଧକ ସାଜିଛି ୬ଟି ରେଳ ଲାଇନ ସଂଯୋଗକରଣ କାମ। ରେଳ ବୋର୍ଡ ପକ୍ଷରୁ ଏ ବାବଦରେ କୋଟି କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଜମି ଅଧିଗ୍ରହଣ ସମସ୍ୟା ଓ ଇଚ୍ଛାଶକ୍ତି ଅଭାବରୁ ଏସବୁ କେବଳ ସର୍ଭେରେ ଅଟକିଛି। ରକ୍ସି-ବାଂଶପାଣି ଭାୟା କୋଇଡା (୫୭.୫ କି.ମି.) ପାଇଁ ୧୭୪୬.୨୯ କୋଟି, କିରିବୁରୁ-ବଡ଼ବିଲ (୨୪.୨ କି.ମି.) ୭୦୫.୧୭ କୋଟି, କଲୁଙ୍ଗା-ଲାଠିକଟା ( ପ୍ରାୟ ୧୫ କି.ମି. ) ପାଇଁ ୧୫୦ କୋଟି ବ୍ୟୟ ବରାଦ ହୋଇଛି ଅନେକ ଆଗରୁ। ଗତ ୨୦୧୮ ମେ' ୩ରେ କୋଇଡା-ବଡ଼ବିଲ୍ ଲାଇନ ସର୍ଭେ କରି ରେଲୱେ ବୋର୍ଡକୁ ପ୍ରସ୍ତାବ ଦିଆଯାଇଥିଲା। ସେମିତି ଝାରସୁଗୁଡା-ଅମ୍ବିକାପୁର, କିରିବୁରୁ-ଗୋଆ ରେଳ ଲାଇନ ପାଇଁ ମଧ୍ୟ ସର୍ଭେ ହୋଇଥିଲା। ମୋଟାମୋଟି ଭାବେ ୨୦୨୩-୨୪ ସୁଦ୍ଧା ଏସବୁ ରେଳ ଲାଇନ କାମ ଶେଷ ହୋଇ ପାରିବା କଥା। କିନ୍ତୁ ସେଦିଗରେ ଆନ୍ତରିକତା ଦେଖିବାକୁ ମିଳୁନାହିଁ।

ଅନୁରୂପ ଭାବେ ବହୁ ଦିନର ଦାବି ତାଳଚେର- ବିମଳାଗଡ ରେଳ ଲାଇନ କାମ ମଧ୍ୟ କଚ୍ଛପ ଗତିରେ ଚାଲିଛି। ସୁନ୍ଦରଗଡ ଜିଲ୍ଲାରେ ରାଜ୍ୟର ଷ୍ଟିଲ ହବ୍ ହେବାକୁ ଯାଉଛି। ବନ୍ଦ ପଡିଥିବା ଖଣିଗୁଡ଼ିକ ନିଲାମ ହୋଇ ପୁଣି ସେଠାରୁ ଲୌହ ପଥର ଉତ୍ତୋଳନ ଆରମ୍ଭ ହେବ। ଏସବୁ ଦୃଷ୍ଟିକୋଣରୁ ଏହି ୬ଟି ରେଳ ପ୍ରକଳ୍ପ ଶେଷ ହେବା ନିହାତି ଆବଶ୍ୟକ। ଲାଠିକଟା-କଲୁଙ୍ଗା ଷ୍ଟେସନ ପାଖରେ କୌଣସି ସ୍ଥାନରେ ରେଲୱେ ସାଇଡିଂ ନିର୍ମାଣ କରାଗଲେ ସ୍ମାର୍ଟ ସିଟି ରାଉରକେଲାର ଟ୍ରାଫିକ ସମସ୍ୟା ଅନେକାଂଶରେ ଦୂର ହୋଇପାରନ୍ତା। ରେଳ ବିଭାଗ ଜିଲ୍ଲାରୁ ଆହୁରି କୋଟି କୋଟି ଟଙ୍କା ଅଧିକ ରାଜସ୍ୱ ପାଇପାରନ୍ତା। ଜିଲ୍ଲା ପ୍ରମୁଖ ସମସ୍ୟା ପ୍ରତି ରାଜନୈତିକ ଦଳ ଓ ସଙ୍ଗଠଗୁଡ଼ିକ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ।

ପାନପୋଷ ବାଲୁଘାଟ ହୋଲସେଲ୍ କୃଷକ ବଜାର ଅଧପନ୍ତରିଆ ପାଚେରୀରେ ସୀମିତି। ପ୍ରଥମ ପର୍ଯ୍ୟାୟରେ ୯୨ କୋଟି ଟଙ୍କା ମଞ୍ଜୁରି ହୋଇଥିଲା। ଟଙ୍କା ପଡିଛି କିନ୍ତୁ କାମ ଆଗଉନି। ସେମିତି ସେକ୍ଟର-୨୦ ହମିରପୁରସ୍ଥ କୋଏଲ ବ୍ୟାରେଜ୍। ଗତ ୨୦୧୩ରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ୩୧୩ କୋଟି ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଠିକା ସଂସ୍ଥା ସର୍ଭେ କାମ ସାରି ଚୁପ୍ ବସିଛି। କେବେ କାମ ଆରମ୍ଭ ହେବ ବିଭାଗୀୟ ଅଧିକାରୀଙ୍କ ପାଖରେ ଉତ୍ତର ନାହିଁ। ବେଲ୍‌ଡିହିର ୧୨ରେ ଜାଗାରେ ପ୍ରାୟ ୩୦୦ କୋଟିରେ ନିର୍ମାଣ ହେବାକୁ ଥିବା ଟ୍ରାନ୍ସପୋର୍ଟ ନଗରରେ ମଧ୍ୟ ସେହି ସମାନ ସ୍ଥିତି। ପୂର୍ବତନ ପରିବହନ ମନ୍ତ୍ରୀ ଜାଗା ଚିହ୍ନଟ କରି ନିର୍ମାଣ କାମ ଆଗେଇ ନେବାକୁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଇଟା ଖଣ୍ଡିଏ ମଧ୍ୟ ପଡିପାରିଲା ନାହିଁ। ମେଗା ପାନୀୟ ପ୍ରକଳ୍ପ ସ୍ଥିତି ଆହୁରି ସାଂଘାତିକ। ୩ ବର୍ଷ ମଧ୍ୟରେ ମାତ୍ର ୫୦% କାମ ସରିଛି।

ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ବହୁ ପ୍ରତୀକ୍ଷିତ ଝୁଲାପୋଲ କାମ ରାଜ୍ୟ ସରକାରଙ୍କ ଅନୁମତିରେ ଅଟକିଛି। ବ୍ୟୟ ଅଟକଳ ଥିଲା ୨୫ କୋଟି। କେନ୍ଦ୍ର ସରକାର ମଞ୍ଜୁର କରିଥିବା ୧୨ କୋଟି ଟଙ୍କା ପଡିଛି। କାମ ଆରମ୍ଭ ହେଉ ନଥିବାରୁ ପୂର୍ବତନ କେନ୍ଦମନ୍ତ୍ରୀ ଦିଲୀପ ରାୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏଠି ମଧ୍ୟ ସେହି ସମାନ ସ୍ଥିତି ଉପୁଜିଛି। ଯେ ପର୍ଯ୍ୟନ୍ତ ବିରୋଧୀ ଦଳ ଭାବେ ଉଭୟ କଂଗ୍ରେସ ଓ ବିଜେପିର ଭୂମିକା ଏମିତି ରହିବ, ସହରବାସୀଙ୍କ ବର୍ଷ ବର୍ଷ ଧରି ଏମିତି ଦହଗଞ୍ଜ ହେଉଥିବେ।

# ଦୁର୍ଗମ ଅଂଚଳକୁ ସରକାରୀ ଯୋଜନା ସାତସପନ : ଖୋଲା ଆକାଶ ତଳେ ବିତୁଛି ଆଦିବାସୀଙ୍କ ଜୀବନ

ହରିଚନ୍ଦନପୁର, ୧୦/୦୪ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଅପହଂଚ ଇଲାକାରେ ଆଦିବାସୀଙ୍କ ବିକାଶ ପାଇଁ ବାର୍ଷିକ ଯୋଜନା ଉପରେ ଯୋଜନା ପ୍ରଣୟନ କରିଛନ୍ତି । ହେଲେ ବାସ୍ତବରେ ସବୁ ଯୋଜନା ଆଦିବାସୀ ଅଧ୍ୟୁଷିତ ଅଂଚଳର ପାହାଡ ଚଢ଼ି ପାରୁଛି କି ନାହିଁ, ତାହା ଦେଖିଲେ ଜଣାପଡୁଛି । ଆଦିବାସୀ ଅଂଚଳ ଗୁଡିକ ଦେଖିଲେ ମନେ ହୁଏ, କେବଳ କାଗଜ କଲମରେ ଯେମିତି ସୀମିତ ହୋଇ ରହିଯାଇଛି ସବୁ ବିକାଶ ଯୋଜନା । ସତେ ଯେମିତି ଦୁର୍ଗମ ଆଦିବାସୀ ଅଂଚଳରେ ଯୋଜନା ସବୁ ଅଟକି ଯାଇଛି । ସ୍ୱାଧୀନତାର ୭୫ ବର୍ଷ ପରେ ବି ମୌଳିକ ସୁବିଧାରୁ ବଂଚିତ ହୋଇ ଲୋକେ ବିଭିନ୍ନ ସମସ୍ୟାରେ ଘାଣ୍ଟି ହେଉଛନ୍ତି । ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ପିଠାଗୋଳା ଗ୍ରାମ ପଂଚାୟତ ଅଧିନସ୍ଥ ଖରବା ଗ୍ରାମର ବରଗୋଡା ସାହିରେ ଏପରି ଦୁର୍ଦ୍ଦଶା ଦେଖିବାକୁ ମିଳିଛି । ସାହିଟି ସବୁ କ୍ଷେତ୍ରରେ ଅବହେଳିତ ହୋଇ ସ୍ୱାସ୍ଥ୍ୟ,ପାନୀୟଜଳ, ବିଦ୍ୟୁତ ଭଳି ଅନ୍ୟାନ୍ୟ ସରକାରଙ୍କ ମୌଳିକ ସୁବିଧା ଏଠି ଅପହଂଚ । ସାଧାରଣତଃ ଗାଁକୁ ଭଲ ରାସ୍ତାଟିଏ ନାହିଁ, ନା ଜରୁରୀକାଳୀନ ଗାଡି ଯାଇପାରୁଛି, ନା ରୋଗୀକୁ ଆମ୍ବୁଲାନ୍ସ ସେବା ମିଳିପାରୁଛି । ଗର୍ଭବତୀ ମା ହୁଅନ୍ତୁ କି ବୃଦ୍ଧ, ରୋଗଗ୍ରସ୍ତ ହେଲେ ହସ୍ପିଟାଲ ଯିବା ନିମନ୍ତେ ଖଟିଆ କିମ୍ବା ଭାର ହିଁ ଏକ ମାତ୍ର ଭରସା । ସାହି ପାଖରେ ବିଦ୍ୟାଳୟ କି ଅଙ୍ଗନୱାଡ଼ି କେନ୍ଦ୍ର ନଥିବାରୁ ଦୀର୍ଘ ୩ କିମି ଜଙ୍ଗଲ ରାସ୍ତାରେ ଚାଲି ଚାଲି ଖରବା ଗାଁରେ ପହଁଚିଲେ ପିଲା ପାଠ ପଢିବା ସହିତ ଅଙ୍ଗନୱାଡ଼ି କେନ୍ଦ୍ରର ସୁବିଧା ପାଇଥାନ୍ତି । ଗାଁରେ ପିଇବା ନିମନ୍ତେ ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ । ନାଳର ଚୁଆ ହିଁ ଏଠାକାର ଲୋକଙ୍କ ଜୀବନ ବଂଚାଉଥିବା ଦେଖିବାକୁ ମିଳେ । ଏହି ସାହିରେ ମହ୍ଲାର, ମହାକୁଡ଼, ମହାନ୍ତ, ପଲେଇ ସମ୍ପ୍ରଦାୟର ୨୫ରୁ ଉର୍ଦ୍ଧ୍ୱ ପରିବାର ରହିଛନ୍ତି । ପଂଚାୟତ ଠାରୁ ସାହିର ଦୂରତା ୯ କିମି । ଦୁଃଖର ବିଷୟ ସାହିବାସୀ ଦୀର୍ଘ ଦିନର ବାସିନ୍ଦା, କେବଳ ଭୋଟ ଦେଇ ଆସୁଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ ଘର କିମ୍ବା ରାସନ୍ କାର୍ଡଟିଏ ମିଳିପାରୁନି । ଏବେ ସାହିର ଅନେକ ପରିବାର ଖୋଲା ଆକାଶ ତଳେ ଭାଡ଼ି ମାରି ରହୁଥିବା ବେଳେ ଆଉ କେହି ପର ବାରଣ୍ଡାରେ ପିଲା ଛୁଆଙ୍କୁ ନେଇ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି । ଆଜି ପର୍ଯ୍ୟନ୍ତ ଲୋକଙ୍କ ପାଖରେ ଜବକାର୍ଡ ନଥିବାରୁ କାମ ନ ପାଇ ଜଙ୍ଗଲରୁ ଆଳୁ, ମହୁ, ଝୁଣା ସଂଗ୍ରହ କରି ତାହାକୁ ବିକ୍ରି କରି ପରିବାର ଚଳାଉଛନ୍ତି । ଖୋଲା ଆକାଶ ତଳ, ଗଛ ମୂଳ ହିଁ ସେମାନଙ୍କ ଘର ଆଉ ପଖାଳ ସାଙ୍ଗରେ ସାରୁପତ୍ର ସେମାନଙ୍କ ଦୈନନ୍ଦିନ ଖାଦ୍ୟ । ବିଦ୍ୟୁତ୍ ସମସ୍ୟା କହିଲେ ନ ସରେ ଜଙ୍ଗଲି ହିଂସ୍ର ଜୀବଜନ୍ତୁଙ୍କ ଭୟ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରିଲା ନାହିଁ, ଫଳରେ ରାତି ହେଲେ ଜହ୍ନ ଆଲୋକ ହିଁ ଲୋକଙ୍କ ସାହା ଭରଷା । ସାହିରେ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ବାବୁଙ୍କ ପାଦ ପଡ଼ି ନାହିଁ । ଅନ୍ୟପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜୟ ମହାକୁଡ଼ଙ୍କୁ ଘର ମିଳିଥିବା ବେଳେ ପଂଚାୟତ ଅଧିକାରୀଙ୍କ ମୋବାଇଲକୁ ୱାର୍ଟସଅପରେ ଫଟୋ ପଠାଇ କିଛି ବିଲ କରିଥିବା ବେଳେ ବର୍ତ୍ତମାନ ବାକି ବିଲ ଟଙ୍କା ଅଟକି ରହିଥିବା କହିଛନ୍ତି । ଏ ଘଟଣା ବାବଦରେ ହରିଚନ୍ଦନପୁର ବ୍ଲକ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଧୁଭୂଷଣ ଜେନାଙ୍କୁ ପଚାରିବାରୁ ଘଟଣା ବାବଦରେ ବର୍ତ୍ତମାନ ସୂଚନା ପାଇଲି, ଅନୁଧ୍ୟାନ ପରେ ଆବଶ୍ୟକ ଅନୁଯାୟୀ ଯାହା ହୋଇପାରିବ ସେ ସବୁକୁ ଗୁରୁତ୍ୱ ଦିଆଯିବାକୁ କହିଥିଲେ । ସେପଟେ ସାହିର ମାଧ ମହ୍ଲାର, କୁଳମଣି ମହାକୁଡ଼, ବିଜୟ ମହାକୁଡ଼, ଅଜୟ ମହାକୁଡ଼, ସୁକାନ୍ତି ମହାକୁଡ, ସୁଷମା ମହାକୁଡ଼, ବକ ମହ୍ଲାର, ପେଚି ମହ୍ଲାର, ଆଙ୍କୁଲି ମହ୍ଲାର ପ୍ରମୁଖଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି ।

# ଲିଜ୍‌ଧାରୀଙ୍କ ନିୟନ୍ତ୍ରଣରେ ପରିବେଶ ବିଭାଗ: ପ୍ରାକୃତିକ ସମ୍ପଦ ଧ୍ୱଂସ ଚାଲିଛି, କାର୍ଯ୍ୟାନୁଷ୍ଠାନ ନାହିଁ



ଯାଜପୁର/ଚଢେଇଧରା , ୧୦/୦୪ (ନି.ପ୍ର): ପରିବେଶ ସୁରକ୍ଷା ସହିତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବିଶ୍ୱବ୍ୟାପୀ ଗୁରୁତ୍ୱ ଦିଆଯାଉଛି। ଅଥଚ ପ୍ରାକୃତିକ ସମ୍ପଦରେ ଭରପୂର ଯାଜପୁର ଜିଲ୍ଲାରେ ବିକାଶ ନାମରେ ପରିବେଶ ଧ୍ୱଂସ ଚାଲିଛି।

ବଣଜଙ୍ଗଲ, ପାହାଡ଼ପର୍ବତ, ନଦୀନାଳରୁ ଲଘୁ ଖଣିଜ ସମ୍ପଦ ବାଲି, ଗୋଡ଼ି, ମାଟି ଓ ପଥର ଅନିୟନ୍ତ୍ରିତ ଭାବେ ଖନନ ହୋଇ ଚୋରାଚାଲାଣ ହେଉଛି। ବାଲି ମାଫିଆଙ୍କ ପାଇଁ ନଦୀରେ ସୃଷ୍ଟି ହୋଇଥିବା ଗଣ୍ଡ ଓ ପଥର ବେପାରୀଙ୍କ ପାଇଁ ପାହାଡ଼ ଓ ପାଦଦେଶରେ ସୃଷ୍ଟି କରିଥିବା ବିରାଟ ବିରାଟ ଗହ୍ୱରରେ ବନ୍ୟଜନ୍ତୁ ସହିତ ଗୃହପାଳିତ ପ୍ରାଣୀ ଓ ମଣିଷ ପଡ଼ି ମୃତ୍ୟୁବରଣ କରିଚାଲିଛନ୍ତି। ଜିଲ୍ଲାରେ ସୃଷ୍ଟି ହୋଇଥିବା ଶହଶହ ମୃତ୍ୟୁଯନ୍ତାକୁ ପୋତିବ କିଏ? ଜିଲ୍ଲାର ଧ୍ୱଂସ ପାଉଥିବା ପରିବେଶକୁ ସୁରକ୍ଷିତ ରଖାଯିବ କିପରି? କୋଟିପତି ଲିଜ୍‌ଧାରୀଙ୍କ ନିୟନ୍ତ୍ରଣରେ ଜିଲ୍ଲାର ପ୍ରାକୃତିକ ପ୍ରାଚୁର୍ଯ୍ୟ ଓ ପରିବେଶ ବନ୍ଧାପଡ଼ିଛି। ଏପରିକି ପରିବେଶ ଆଇନ ମଧ୍ୟ ଲିଜ୍‌ଧାରୀଙ୍କ ନିର୍ଦ୍ଦେଶରେ ସିଆରେ ପରିବର୍ତ୍ତନ ହୋଇଯାଉଛି। ଯାହାକି ଆରୁହା ପାହାଡ଼ରେ ମନୋଜ ସାମଲଙ୍କୁ ଲିଜ୍ ଦେବାରେ ସିଆ (ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ)ର କେଲେଙ୍କାରୀ ପଦାରେ ପଡିଯାଇଛି। ଆରୁହା ପାହାଡ଼ର ୩ଟି ଖାଦାନ ପାଇଁ ୪୨ହଜାର ଲେଖାଏଁ ଘନମିଟର ଖନନ ପାଇଁ ଧର୍ମଶାଳା ତହସିଲ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଶ୍ରୀ ସାମଲ ଖଣି ଓ ପରିବେଶ ବିଭାଗର ସିଆକୁ ପ୍ରଭାବିତ କରି ବର୍ଷକୁ ୪୨ହଜାର ଘନମିଟର ପରିବର୍ତ୍ତେ ମାତ୍ର ୧୪ହଜାର ଘନମିଟର ଖନନ ପାଇଁ ଅନୁମତି ଆଣିଥିଲେ। ଏହି ବାବଦରେ କୋଟି କୋଟି ଟଙ୍କା ସରକାର ରାଜସ୍ୱ ହରାଇଲେ। ଗତ ଜୁନ୍‌ରେ ଏହି ଚୁକ୍ତି ହୋଇଥିବାବେଳେ ବର୍ଷେ ପୂରଣ ନହେଉଣୁ ଶ୍ରୀ ସାମଲ ଅନୁମତିଠାରୁ ୧ଲକ୍ଷ ୩୯ହଜାର ଘନମିଟର ଅଧିକ କଳାପଥର ଖୋଳି ଚାଲାଣ କରିଛନ୍ତି ବୋଲି ତହସିଲର ମାପଚୁପରୁ ଏବେ ଧରାପଡ଼ିଛି। ଯାହାକି ତାଙ୍କର ଚୁକ୍ତିର ୫ବର୍ଷ ଧାର୍ଯ୍ୟର ୨ଗୁଣ ହୋଇଯାଇଛି। ଶ୍ରୀ ସାମଲ କେବଳ ପରିବେଶ ଓ ଖଣି ବିଭାଗ ଆଇନକୁ ଉଲ୍ଲଂଘନ କରିନାହାନ୍ତି। ମାପଚୁପ ହୋଇଥିବା ସମସ୍ତ ଲିଜ୍‌ଧାରୀ ପରିବେଶ ଓ ଖଣି ଆଇନ୍ ଖୋଲା ଉଲ୍ଲଂଘନ କରି ନିଜ ଚୁକ୍ତିକୁ ଅବଜ୍ଞା କରି ପରିବେଶକୁ ଧ୍ୱଂସ କରିଛନ୍ତି। ତେବେ ସିଆ ଓ ଖଣି ବିଭାଗ ଅନୁମତି ପ୍ରହସନରେ ପରିଣତ ହୋଇଛି। ସିଆଠାରୁ ଅନୁମତି ମିଳିନଥିବାରୁ ବର୍ଷ ବର୍ଷ ଧରି ଅନେକ ଖାଦାନ ପାଇଁ ତହସିଲ ଚୁକ୍ତି ନକରି ପକାଇ ରଖିବା ଫଳରେ ମାଫିଆରାଜ ସୃଷ୍ଟି ହୋଇଛି।

ଏହାଉପରେ ଏବେ ଉଚ୍ଚସ୍ତରୀୟ ସମୀକ୍ଷା କରି କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲର ଦାବି ହେଉଛି।

# ୧୦ ବୃହତ୍ ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରି : ଉପକୃତ ହେବ ୪ଟି ଜିଲ୍ଲାର ୧୩ଟି ବ୍ଲକ୍

ଭୁବନେଶ୍ୱର : 'ଜଳ ଜୀବନ ମିସନ୍' ଯୋଜନାରେ ୧୦ଟି ବୃହତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ରବିବାର ଦିନ କ୍ୟାବିନେଟ୍ ? ଅନୁମୋଦନ ମିଳିଛି। କୋରାପୁଟ, ନବରଙ୍ଗପୁର, କଟକ ଓ ବଲାଙ୍ଗୀର ଜିଲ୍ଲାରେ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ। ୨୪ ମାସ ଭିତରେ ସବୁଗୁଡ଼ିକ ପ୍ରକଳ୍ପର କାମ ଶେଷ ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

ବଲାଙ୍ଗୀର ଜିଲ୍ଲାରେ ମୋଟ୍ ୬ଟି ପାନୀୟ ଜଳଯୋଗାଣ ପ୍ରକଳ୍ପ କରାଯିବ। ଏଥିରେ ୮ଟି ବ୍ଲକ୍‌ର ୬୭ଟି ଗ୍ରାମପଞ୍ଚାୟତର ୩୬୧ଟି ଗ୍ରାମର ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ତୁରେଇକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ୍‌ରେ ହେବାକୁ ଥିବା ଦୁଇଟି ପ୍ରକଳ୍ପ ପାଇଁ ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ସଂସ୍ଥା ଯୋଗ୍ୟ ବିବେଚିତ ହୋଇଛି। ଏଥିପାଇଁ ଖର୍ଚ୍ଚ ହେବ ୨୦୫ କୋଟି ୩୧ ଲକ୍ଷ ଟଙ୍କା। ସେହିପରି ବଲାଙ୍ଗୀର, ପୁଇଁତଲା, ଅଗଲପୁର, ଲୋଇସିଂହା ଓ ଦେଓଗାଁ ବ୍ଲକ୍‌ରେ ହେବାକୁ ଥିବା ୪ଟି ପ୍ରକଳ୍ପ ପାଇଁ ହାଇଦ୍ରାବାଦର ଏନ୍‌ସିସି ଲିମିଟେଡ୍ ଯୋଗ୍ୟ ବିବେଚିତ ହୋଇଛି। ଏହି ଚାରିଟି ପ୍ରକଳ୍ପରେ ପାଖାପାଖି ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ।

 କୋରାପୁଟ ଓ ନବରଙ୍ଗପୁରରେ ହେବାକୁ ଥିବା ତିନିଟି ପ୍ରକଳ୍ପରେ ୪ଟି ବ୍ଲକ୍ ଅଧୀନରେ ଥିବା ୫୨ଟି ପଞ୍ଚାୟତର ୩୭୫ଟି ଗ୍ରାମର ଲୋକ ନିରାପଦ ପାନୀୟ ଜଳ ପାଇବେ। ଏହି ବ୍ଲକ୍‌ଗୁଡ଼ିକ ହେଲା କୋରାପୁଟର ଲମତାପୁଟ ଓ କୋରାପୁଟ, ନବରଙ୍ଗପୁରର ଡାବୁଗାଁ ଓ ଝରିଗାଁ। ଠିକା ସଂସ୍ଥା ଏଲ୍ ଆଣ୍ଡ୍ ଟି ୪୭୯ କୋଟି ୫୦ ଲକ୍ଷ ଟଙ୍କାରେ ଏହି କାମ କରିବା ପାଇଁ ଟେଣ୍ଡରରେ ଯୋଗ୍ୟ ବିବେଚିତ ହୋଇଛି। କଟକ ଜିଲ୍ଲାରେ ହେବାକୁ ଥିବା ପ୍ରକଳ୍ପରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧୀନରେ ଥିବା ୨୩ଟି ପଞ୍ଚାୟତର ୧୪୯ଟି ଗ୍ରାମର ଲୋକ ଉପକୃତ ହେବେ। ପ୍ରକଳ୍ପ ପାଇଁ ୧୫୩ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି କାମ ପାଇଁ ଠିକା ସଂସ୍ଥା ଅହମଦାବାଦର ଦୀନେଶଚନ୍ଦ୍ର ଆର ଅଗ୍ରୱାଲ ଇନ୍‌ଫ୍ରାକନ୍ ଓ ଭୁଗାନ୍ ଇନ୍‌ଫ୍ରାକନ୍ ଯୁଗ୍ମ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି।



କୃଷକ ଉତ୍ପାଦନ ସଂଗଠନ ଯୋଜନାକୁ ସହାୟତା ନିମନ୍ତେ ପାଣ୍ଠି ବ୍ୟବସ୍ଥା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ରାଜ୍ୟ ଯୋଜନା ଅନ୍ତର୍ଭୁକ୍ତ କୃଷକ ସଂଗଠନକୁ ସହାୟତା ନିମନ୍ତେ ରାଜ୍ୟ ସରକାର ୨୦୨୩-୨୪ରୁ ୨୦୨୭-୨୮ ମଧ୍ୟରେ ୩୧୩.୬୧ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିଛନ୍ତି।

## ମୀରପାଟଣାରେ ବଚପନ୍ ପ୍ଲେ ସ୍କୁଲ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୧୦/୦୪ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ମୀରପାଟଣା ଲକରୋଡ ରେ ବଚପନ୍ ପ୍ଲେ ସ୍କୁଲ ରବିବାର ଉଦ୍‌ଘାଟିତ ହୋଇ ଯାଇଛି । ପୌରାଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛୋଟ ଛୋଟ ଶିଶୁମାନଙ୍କ ପାଇଁ ଏଠାରେ ଅତ୍ୟାଧୁନିକ ଖେଳନା, ଡିଜିଟାଲ ବୋର୍ଡ ପ୍ରଭୃତି ସାମଗ୍ରୀ ପିଲା ମାନଙ୍କ ଶିକ୍ଷା ପାଇଁ ବ୍ୟବସ୍ଥା କରାଯାଇ ଥିବା ଜଣାପଡିଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଦିଲ୍ଲୀ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଡିସି ରୟ ଏବଂ ସ୍କୁଲର ମୁଖ୍ୟ ପରିଚାଳକ ସୌମ୍ୟଶାନ୍ତ ଦାସ, ମାଧବୀ ଦାସଙ୍କ ସହିତ ସ୍ଥାନୀୟ କାଉନସିଲର ଉପସ୍ଥିତ ଥିଲେ।

# ମଇ ମାସ ପ୍ରଥମ ସପ୍ତାହରେ ମାଲକାନଗିରି ଜିଲ୍ଲାରେ ସୁଟିଂ ହେବ ପୁଷ୍ପା -୨ ଫିଲ୍ମ

ମାଲକାନଗିରି, ୧୦/୦୪ (ନି.ପ୍ର): ସାରାଦେଶରେ ଚଳଚ୍ଚିତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଦକ୍ଷିଣ ଭାରତର ପ୍ରସିଦ୍ଧ ସିନେମା ପୁଷ୍ପାର ଦ୍ୱିତୀୟ ଭାଗ କେବେ ଆସିବ ସେନେଇ ଦର୍ଶକ ଅପେକ୍ଷା କରିଥିବା ବେଳେ ଏହି ଚଳଚିତ୍ରର ସୁଟିଂ ପାଇଁ ମାଲକାନଗିରି ଜିଲ୍ଲାକୁ ମନୋନୀତ କରିଛନ୍ତି ଏହାର ପ୍ରଯୋଜକ ଟିମ୍ । ପ୍ରଯୋଜକ ସଂସ୍ଥା ମୈତ୍ରୀ ମୁଭି ମେକର ପକ୍ଷରୁ ପୁଷ୍ପା -୧ ର ଅପୂର୍ବ ସଫଳତା ପରେ ପୁଷ୍ପା -୨ ଚଳଚ୍ଚିତ୍ର ନିମନ୍ତେ ଏହି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୁଟିଂ କାର୍ଯ୍ୟ ଜାରି ରହିଥିବା ବେଳେ ଏହି ସଂସ୍ଥା ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳ ଓ ସପ୍ତଧାରା ନଦୀର ବିଭିନ୍ନ ଜାଗାରେ ସୁଟିଂ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି ।

ମାଲକାନଗିରି ଭଳି ଜିଲ୍ଲାରେ ଏପରି ସୁପରହିଟ୍ ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ ସୁଟିଂ ହେବା ଜିଲ୍ଲା ପାଇଁ ଗର୍ବର ବିଷୟ ହୋଇଥିବା ବେଳେ ଏନେଇ ଗତକାଲି ଏହି ପ୍ରଯୋଜକ ଟିମ୍ ମାଲକାନଗିରି ଜିଲ୍ଲାପାଳ ବିଶାଳ ସିଂ ଓ ଆରକ୍ଷୀ ଅଧିକ୍ଷକ ନିତେଶ ୱାଧ୍ୱାନୀଙ୍କୁ ଲିଖିତ ଭାବେ ସୁଟିଂ ଅନୁମତି ପାଇଁ ଆବେଦନ କରିଛନ୍ତି । ଚଳଚ୍ଚିତ୍ର ନିର୍ମାଣ ସଂସ୍ଥାର ଏକ ଟିମ୍ ଗତ ଏକ ମାସ ଧରି ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନ ବୁଲିଥିବା ବେଳେ ଶେଷରେ ସ୍ୱାଭିମାନ ଅଂଚଳର ଝୁଲା ପୋଲ, ହନ୍ତାଳଗୁଡା ଘାଟି ଓ ଚିତ୍ରକୋଣ୍ଡା ସ୍ଥିଲବାଇ ନିର୍ମାଣାଧୀନ ପୋଲ ନିକଟରେ ସୁଟିଂ କରିବା ନିମନ୍ତେ ଯୋଜନା କରିଛନ୍ତି ।

ଏଥିନେଇ ମୈତ୍ରି ମୁଭି ମେକର ସଂସ୍ଥା ପକ୍ଷରୁ ଫାଇଟ୍ ମାଷ୍ଟର ପିଟର ହାଇନସ୍, କଳା ନିର୍ଦ୍ଦେଶକ ରାମକ୍ରିଷ୍ଣା, ଫାଇଟ ମାଷ୍ଟର ଡ୍ରାଗନ ପ୍ରକାଶ, ସହକାରୀ ପ୍ରଯୋଜକ ସୁବ୍ରମଣ୍ୟମ୍, ସହ ନିର୍ଦ୍ଦେଶକ ପ୍ରସାଦ ମାରିସେଟି, କ୍ୟାମେରାମ୍ୟାନ୍ ଦେବରାଜ ପ୍ରମୁଖ ଗତକାଲି ଓ ଆଜି ସ୍ୱାଭିମାନ ଅଂଚଳର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ । ତେବେ ଆସନ୍ତା ମଇ ମାସ ପ୍ରଥମ ସପ୍ତାହରେ ଏହି ସୁଟିଂ କରିବା ନିମନ୍ତେ ଦିନ ଧାର୍ଯ୍ୟ କରିଥିବା ଜଣାପଡିଛି । ଚଳଚିତ୍ର ସୁଟିଂ ବିଷୟରେ ସ୍ଥାନୀୟ ଲୋକେ ଜାଣିବା ପରେ ବେଶ ଖୁସିବ୍ୟକ୍ତ କରିବା ସହ ଉତ୍ସାହର ସହ ଏହାକୁ ଅପେକ୍ଷା କରି ରହିଛନ୍ତି ।

# କେନ୍ଦ୍ରାପଡା ବ୍ଲକସ୍ତରୀୟ ତୈଳିକ ବୈଶ୍ୟସମାଜର ବୈଠକ

କେନ୍ଦ୍ରାପଡ଼ା, ୧୦/୦୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପ ।ୟତର ସୁଜାନଗର ଗ୍ରାମର ମଦନ ମୋହନ ମନ୍ଦିର ପରିସରରେ କେନ୍ଦ୍ରାପଡାର ପୂର୍ବତନ ପୌରପାଳ ଧିରେନ ସାହୁଙ୍କ ସଭାପତିତ୍ୱରେ ତୈଳିକ ବୈଶ୍ୟ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକର ବିଭିନ୍ନ ସ୍ଥାନରୁ ତୈଳିକ ବୈଶ୍ୟସମାଜର ବହୁ ସଦସ୍ୟ ଆସି ଯୋଗ ଦେଇଥିଲେ । ତୈଳିକସମାଜର ଇଷ୍ଟଦେବତା ଏହି ଗ୍ରାମରେ ଥିବା ମଦନ ମୋହନଜୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ମନ୍ଦିରର ବିଗତଦିନର ଆୟବ୍ୟୟ ଉପରେ ଆଲୋଚନା କରାଯାଇଥିଲା । ଏଥିସହିତ ମଦନମୋହନ ଜିୟୁଙ୍କ ସମ୍ପତି ରେଳବାଇ ବିଭାଗ ଅଧିଗ୍ରହଣକରିଥିବାରୁ ସେଥିରୁ ମିଳିଥିବା ଅର୍ଥ କିଭଳି ଠାକୁରଙ୍କ ଖାତାକୁ ଆସିବ ତାହାଉପରେ ବିସ୍ତୃତ ଭାବେ ଆଲୋଚନା କରଯାଇଥିଲା । ଏହି ବୈଠକରେ କୁମାରେଶ ସାହୁ, କୂଳମଣି ନାୟକ,ରଘୁନାଥ ସାହୁ, ମନୋଜ କୁମାର ସାହୁ, ପଦ୍ମନାଭ ସାହୁ, ଗଣେଷ ପ୍ରସାଦ ସାହୁ,ମୃତ୍ୟୁଞ୍ଜୟ ସାହୁ, ଦୀନବନ୍ଧୁ ସାହୁ,ସରୋଜ କୁମାର ସାହୁ, ବସନ୍ତ କୁମାର ସାହୁ,ରମାକାନ୍ତ ସାହୁ,ରବିନ୍ଦ୍ର ସାହୁ, ଦେବାଶିଷ କୁବେର, ନଳିନୀ କାନ୍ତ ନାୟକ, ବାନାମ୍ବର ନାୟକ,ପ୍ରକାଶ କୁମାର ନାୟକ, ହରେକୃଷ୍ଣ ନାୟକ, ବୀରେନ ସାହୁ, ପ୍ରତାପ ମୋହନ ସାହୁ, ବାସୁଦେବ ସାହୁ ପ୍ରମୁଖ ଶତାଧିକ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ ମାସ ପୂର୍ଣ୍ଣମି ତିଥିରେ ବୈଠକ ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ବୈଠକ

ଜୟପୁର, ୧୦/୦୪ (ନି.ପ୍ର): ଅଲ୍ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ର ଏକ ବୈଠକ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଆସୋସିଏସନ୍ ସଭାପତି ଶ୍ରୀ ନଳିନୀ ରଥ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଭାପତି ପ୍ରକାଶ କରିଥିଲେ ଯେ ସାରା ଦେଶରେ ଅବସରପ୍ରାପ୍ତ ଇପିଏଫ ପେନସନଧାରୀ ଶ୍ରମିକ କର୍ମଚାରୀ ମାନଙ୍କ ଲଗାତାର ଆନ୍ଦୋଳନ ର ଫଳ ସ୍ୱରୂପ କେନ୍ଦ୍ର ସରକାର ଏନ୍ ପି ଏସ୍ ର ବର୍ଦ୍ଧିତ ହାରରେ ସଂଶୋଧନ କରିବା ପାଇଁ ଅର୍ଥ ମନ୍ତ୍ରାଳୟର ସଚିବଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଏନ୍ ପି ଏସ୍ ଅନ୍ତର୍ଗତ ପେନସନ ଧାରୀ କେନ୍ଦ୍ରର ମୋଦୀ ସରକାର ପ୍ରତି ଆହ୍ୱାନ ସୃଷ୍ଟି କରିଛନ୍ତି । ଏଣୁ ଆନ୍ଦୋଳନ କୁ ଆହୁରି ଜୋରଦାର୍ ଓ ମଜବୁତ୍ କରିବା ପାଇଁ ସର୍ବଭାରତୀୟ ସ୍ତରର ଇପିଏଫ ପେନସନର୍ସ ଆସୋସିଏସନ୍ ଡାକରା ଦେଇଛି । ଅନ୍ ଲାଇନ୍ ଫର୍ମ ନେବା ପାଇଁ ସେବା କାଗଜ କଳ ର ମ୍ୟାନେଜମେଂଟ ମନା କରୁଥିବାରୁ ଆବଶ୍ୟକ ସ୍ଥଳେ ସଂଘ ପକ୍ଷରୁ ଅଧିକାରୀଙ୍କୁ ମିଶିବା ପାଇଁ ସ୍ଥିର ହୋଇଛି । ଆଗାମୀ ମାସରେ ଆସୋସିଏସନ୍ ର ସାଧାରଣ ସଭା କରି କର୍ମକର୍ତ୍ତା ନିର୍ବାଚନ ହେବ । ସର୍ବଭାରତୀୟ ସ୍ତରରେ ଇପିଏଫ ପେନସନର୍ସ ଆସୋସିଏସନ୍ ସର୍ବନିମ୍ନ ୯୦୦୦/ ଟଙ୍କା ମାସିକ ପେନସନ ସ୍ଥିର କରିବା ସହ ସେଥିରେ ମହଙ୍ଗା ଭତା ଯୋଡିବା ତଥା ସ୍ୱାସ୍ଥ୍ୟ ବୀମା ହିତାଧିକାରୀ ତାଲିକା ରେ ଯୋଗ କରିବା ପାଇଁ ଦାବି କରିଛନ୍ତି । ଆଜିର ସଭାରେ ସର୍ବଶ୍ରୀ ଉମାକାନ୍ତ ରଥ , ବୈଜୟନ୍ତୀ ପଣ୍ଡା , ଅଞ୍ଜନା ସାହୁ , ରାମଶଙ୍କର ପଟ୍ଟନାୟକ, ଦଣ୍ଡପାଣି ପାତ୍ର , କଳ୍ପତରୁ ବିଷୋୟୀ, ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ସଭା ଶେଷରେ ରାମଶଙ୍କର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୂମିଜ ଜନଜାତିଂକ ପାରମ୍ପାରିକ ବାଆ ବଂଗା ପର୍ବରେ ଅଭିନବ ବାଲ୍ୟବିବାହ ନିଷେଧ ସଚେତନତା



ନୀଳଗିରି, ୧୦/୦୪ (ନି.ପ୍ର): ଆଜି ନୀଳଗିରିଗିର ଜନଜାତି ଅଧୁଷିତ ଡମ୍ବରୁଘାଟି ଗ୍ରାମରେ "ଭୁମିଜ ଜନଜାତିଂକ ପାରମ୍ପରିକ ଦିଶୁମ୍ ବାଆ ବଂଗା ପରବ୍" ପାଳିତ ହୋଇଯାଇଛି । ଏହି ପର୍ବରେ ନୀଳଗିରିର ଡମ୍ବରୁଘାଟି, ଶାଳବଣୀ, କୁଆନାଳି, ମହିଷାପଟା ସମେତ ମୟୁରଭଂଜ ଜିଲ୍ଲାର ନୂଆସାହି ଓ କଳିଆପଦା ଗ୍ରାମର ଶତାଧିକ ଭୁମିଜ ନୃତ୍ୟ ଶିଳ୍ପୀ ଓ ଭୁମିଜ ଜନଜାତିର ଲୋକମାନେ ଅଂଶଗ୍ରହଣ କରିଛନ୍ତି । ଭୁମିଜ ଜନଜାତିର ଲୋକମାନେ ପ୍ରକାଶ କରିଛନ୍ତି କି ସାଧାରଣତଃ ଆମ୍ବ ବାଉଳିବା, ମହୁଲ ଫୁଲ ଫୁଟିବା ଓ ଶାଳ ଫୁଲ ଫୁଟିବା ସମେତ ବଣ ପାହାଡରେ ଗଛରେ ନୂଆ ନୂଆ ଫଳପୁଷ୍ପ ଚୈତ୍ର ମାସରେ ଆସିଲେ ଏହି ବାଆ ବଂଗା ପର୍ବ ଆଦିବାସୀ ମାନଂକ ଦ୍ୱାରା ପାଳନ କରାଯାଇ ସେହି ନୂଆ ଫୁଲ ଫଳ ସବୁକୁ ବାଆ ବଂଗା ଦେବତାଂକୁ ଅର୍ପଣ କରାଗଲା ପରେ ସେଗୁଡିକୁ ଖାଇଥାନ୍ତି । ଆହୁରି ମଧ ବାଆ ବଂଗା ଦେବତାଂକୁ ପୁଜା କରିବା ଦ୍ୱାରା ଗାଁ ସୁରକ୍ଷିତ ରହିବା ସହିତ ଗୃହ ପାଳିତ ପଶୁପକ୍ଷୀ ଓ ଲୋକମାନେ ବର୍ଷ ତମାମ୍ ନିରୋଗ ରହିଥାନ୍ତି । ପ୍ରକାଶ ଥାଉକି, ଏହି ବାଆ ବଂଗା ପାଳନ ଅବସରରେ ଭୁମିଜ ଜନଜାତି ସମାଜ ଓ ବଣ ଧୂଳିର ଫୁଲ ଅନୁଷ୍ଠାନ ସଂଗଠନ ତଥା ଜୈବ ବୈଜ୍ଞାନିକ ଡା: ସିଦ୍ଧାର୍ଥ ପତି ଓ ବିଶିଷ୍ଟ ଚିତ୍ର ଶିଳ୍ପୀ କେଶୁଦାସ ପ୍ରଭୃତିଂକ ସମିଳିତ ଉଦ୍ୟମରେ ଏକ ଅଭିନବ ଉପାୟରେ "ଶିଶୁ ମାନଂକୁ ସୁରକ୍ଷା ଦେବାକୁ ପ୍ରାଥମିକତା ଦେବା ଏବଂ ବାଲ୍ୟବିବାହକୁ ନାଁ ଓ ବିଦ୍ୟାଳୟ ଯିବାକୁ ହଁ" ଉପରେ ଉପସ୍ଥିତ ଜନଜାତିର ପୁରୁଷ ଓ ମହିଳା ମାନଂକ ମଧ୍ୟରେ ଅଲୋଚନା ଓ ନାରବାଜୀ କରାଯାଇ ସଚେତନତା ସୃଷ୍ଟି କରାଯାଇଥିବା ପରିଲକ୍ଷିତ ହୋଇଥିଲା । ଆଗାମୀ ଦିନରେ ଏହି ସଚେତନା କାର୍ଯ୍ୟକ୍ରମ ସମେତ ସରକାରଂକ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମର ବାର୍ତ୍ତା ସବୁକୁ ବିଭିନ୍ନ ପାରମ୍ପରିକ ଉତ୍ସବରେ ପ୍ରଚାର କରାଯିବାର ପନ୍ଥା ଗ୍ରହଣ କରାଯିବ ବୋଲି ମଧ ମତ ପ୍ରକାଶ ହୋଇଛି ।

## ଗୋପୀମୋହନପୁର ପଂଚାୟତରେ ଆଇପିଏଲ ଢାଞ୍ଚାର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଜଳେଶ୍ୱର, ୧୦/୪(ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋପୀମୋହନପୁର ପଂଚାୟତ ସରସୀଦା ଗ୍ରାମରେ ସରସୀଦା ପ୍ରିମିୟର ଲିଗ ସିଜିନ୍-୨ ଆଜି ଉଦ୍‌ଘାଟିତ ହୋଇଛି । ଜଳେଶ୍ୱର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଏହାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରି ଏଣିକି ଖେଳ କେବଳ ଯୁବ ଶକ୍ତି ମଧ୍ୟରେ ସୀମିତ ନୁହେଁ, ଆବାଳ ବୃଦ୍ଧ ବନିତା ଏହାର ଶ୍ରେୟ ନେଇ ପାରନ୍ତି ବୋଲି କହିଥିଲେ । ସରସୀଦା ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମୂଲ୍ୟ ସେନାପତି, ସୁକାନ୍ତ ପାତ୍ର, ମନୋରଂଜନ ଦତ୍ତ, ସମାଜସେବୀ ହରିଶ୍ଚନ୍ଦ୍ର ପରିଡା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଏହି ଖେଳ ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ସରସୀଦା ଇଣ୍ଡିଆନ୍ସ୍, ସରସୀଦା ରୟାଲ ୟାରିଅରସ୍, ସରସୀଦା ସୁପର କିଙ୍ଗସ୍, ସରସୀଦା ଷ୍ଟାର ଇଲେଭେନ୍ ଭାଗ ନେଇଥିବା ବେଳେ ଏଥିରେ ବିଜେତା ଦଳକୁ ପୁରସ୍କୃତ କରାଯିବ ବୋଲି କହିଛନ୍ତି ।

## ଅଜଣା ମହିଳାଙ୍କ ମୃତ ଦେହ ଉଦ୍ଧାର

ନୀଳଗିରି, ୧୦/୦୪ (ନି.ପ୍ର): ବିଲ ମଝିରେ ଏକ ଅଜଣା ମହିଳାର ମୃତ ଦେହ ପଡ଼ିଥିବା ବେଳେ ତାକୁ ବିଭିନ୍ନ ଜନ୍ତୁ ଖାଉଥିବାର ଦେଖିବାକୁ ମିଳିଛି । ଏହି ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ.ଏ.ସି. ୭ନଂ. ୱାର୍ଡ ବାଲିଗୋହିରୀ ଦାସସାହି ନିକଟରେ ଥିବା ବିଲ ମଝିରେ ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ପୋଲିସ ପହଂଚି ତଦନ୍ତ ଜାରି ରଖିଛି । ସୋମବାର ସକାଳୁ ସ୍ଥାନୀୟ ଲୋକେ ବିଲକୁ ଯାଇଥିବା ବେଳେ ପଚା ଦୁର୍ଗନ୍ଧ ବାସ୍ନା ପାଇଥିଲେ । ପରେ ବିଲ ମଝିରେ ଏକ ଅଚିହ୍ନା ଗଳିତ ମରଶରୀର ଦେଖିବାକୁ ପାଇଥିଲେ । ତେବେ ୭/୮ ଦିନ ପୂର୍ବରୁ ଉକ୍ତ ଗଳିତ ଶବ ପଡ଼ିଥିବା ବେଳେ କୁକୁର ଶିଆଳ ତାର ଶରୀର କିଛି ଅଂଶ ଖାଇବାକୁ ଦେଖିବାକୁ ମିଳିଛି ।ତେବେ ଗଳିତ ଶବଟି ଏହା ଏକ ମହିଳାର ଗଳିତ ଶବ ବୋଲି ଜଣାପଡ଼ିଛି । ପୋଲିସ ଗଳିତ ଶବଟିର ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଓଡିଶା ପରିବାର ନିର୍ଦ୍ଦେଶାଳୟ....

ଶ୍ରୀ ମନ୍ଦିରର ସୁରକ୍ଷା ଆଜି ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରତ୍ନଭଣ୍ଡାରର ଚାବି ଆଜି ପର୍ଯ୍ୟନ୍ତ ଖୋଜି ବାହାର କରିପାରିଲେ ନାହିଁ । ଲକ୍ଷାଧିକ ଭକ୍ତଙ୍କ ସ୍ୱାର୍ଥ ଓ ହିତ ଦୃଷ୍ଟିରୁ ପୁରୀରେ ଆବଶ୍ୟକୀୟ ଭିତିଭୂମି, ସୁବିଧା ସୁଯୋଗ ଯୋଗାଇ ଦେବା ହେଉଛି ପ୍ରାଥମିକତା । ଏହା ନକରି ବିଦେଶରେ ଥିବା ଜଗନ୍ନାଥ ମନ୍ଦିର ପାଇଁ ଚିନ୍ତା କରିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଓଡ଼ିଆ ପରିବାର ନିର୍ଦ୍ଦେଶାଳୟ ଖୋଲି ଆଉ କିଛି ଅସନ୍ତୁଷ୍ଟ ବିଜେଡି ନେତାମାନଙ୍କୁ ଥଇଥାନ କରାଇ ଓଡ଼ିଶାର ଗରୀବ ଓ ଖଟିଖିଆ ଅର୍ଥରେ ଟୁର କରି ମଉଜ୍ ମଜଲିସ କରିବାକୁ ଆଉ ଏକ ମସୁଧା କରୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ବାବୁ ଓଡ଼ିଶା ଭାଷାର ବିକୃତ ଉଚ୍ଚାରଣ କରି ଓଡ଼ିଆ ଭାଷା ଓ ସଂସ୍କୃତିକୁ ଅପମାନିତ କରିଛନ୍ତି, ଯାହାକି ପ୍ରବାସୀ ଓଡ଼ିଆମାନଙ୍କୁ ବେଶ୍ ଜଣା । ଓଡ଼ିଶା ଭାଷା ଆଇନକୁ କଡାକଡି ଭାବେ ଆଇନ ଥିଲେ ମଧ ଓଡ଼ିଶା ରାଜ୍ୟରେ ବିଭିନ୍ନ ପ୍ରତିଷ୍ଠାନଗୁଡିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖାନହେବା ରାଜ୍ୟ ସରକାରଙ୍କର ଓଡ଼ିଶା ଭାଷାପ୍ରତି ଏହା ହେଉଛନ୍ତି ଆନ୍ତରିକତା । "ଓଡିଶା ପରିବାର" ନାଁରେ ନିର୍ଦ୍ଦେଶାଳୟ ଖୋଲି ରାଜନୀତି କରିବା ବନ୍ଦ କରନ୍ତୁ । ଓଡ଼ିଶାର ଭାଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା କିଭଳି ବଜାୟ ରହିବ ତାପ୍ରତି ଧ୍ୟାନ ଦେବା ଉଚିତ୍ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ପାକ୍‌ର ପରାଜୟରୁ...

(ପୃଷ୍ଠା ୪ର ଅବଶିଷ୍ଟ) ଭାରତ ବିରୁଦ୍ଧରେ ଛାୟାଯୁଦ୍ଧ ଜାରି ରଖିବାକୁ ଆହ୍ୱାନ ଦେଲେ । କାଶ୍ମୀର ନାମରେ ବିଶ୍ୱବ୍ୟାପି ଭାରତ ବିରୋଧୀ ପ୍ରଚ୍ଛଦଯୁଦ୍ଧ ପାଇଁ ବହୁ ପରିମାଣର ଅର୍ଥ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଲବିଂ ସଂସ୍ଥାମାନଙ୍କୁ ଦେବାଲାଗି ବ୍ୟବସ୍ଥା କଲେ । ଭୁଟ୍ଟୋଙ୍କ ପରେ କ୍ଷମତା ଦଖଲ କରିଥିବା ଜିଆ ଉଲହକ୍ ୧୧ବର୍ଷ ଧରି ଭୁଟ୍ଟୋଙ୍କ ଯୋଜନାକୁ ସଫଳ କରିବା ପାଇଁ ପାକ୍‌କୁ ଇସଲାମିକ ରାଷ୍ଟ୍ରରେ ପରିଣତ କରିବାକୁ ସମସ୍ତ ଉଦ୍ୟମ କଲେ । ଆଫଗାନିସ୍ଥାନରେ ସୋଭିଏତ୍ ରୁଷିଆର ଆକ୍ରମଣ ଏଥିପାଇଁ ସୁଯୋଗ ସୃଷ୍ଟିକଲା । ରୁଷିଆସେନା ସହ ଲଢିବା ପାଇଁ ଆମେରିକାର ଆଗ୍ରହରେ ଧର୍ମଯୋଦ୍ଧା ବା ମୁଜାହିଦ୍ଦୀନ ସୃଷ୍ଟି କରିବା ପାଇଁ ଜିଆ କାର୍ଯ୍ୟ କଲେ । ଭାରତ କୈନ୍ଦ୍ରୀକ ସଂଘର୍ଷକୁ ବ୍ୟାପକ କରିବା ପାଇଁ ଏବଂ କାଶ୍ମୀରରେ ଅଶାନ୍ତି ସୃଷ୍ଟିଲାଗି ସେ 'ଅପରେସନ ଟୁପାକ' ଆରମ୍ଭ କଲେ ।

୧୯୬୦ ଦଶକରୁ ଭାରତ ବିରୋଧୀ ପାକ୍‌ର ସାମରିକ, ଗୋଇନ୍ଦା ତଥ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିଥିଲା,ଯାହା ୧୯୮୮ରେ ଅପରେସନ ଟୁପାକର ନାମ ଗ୍ରହଣ କଲା । ୧୯୬୫ରେ ପାକ୍‌ସେନାର ପରାଜୟର ପ୍ରତିଶୋଧ ନେବାକୁ ଏହାର ଉଦ୍ଦେଶ୍ୟ ତିନିପ୍ରକାର ରହିଥିଲା ,(କ) ଭାରତକୁ ଚତୁର୍ଦ୍ଦିଗରୁ ଘେରିରଖିବା , (ଖ) ବିଘଟନ କାର୍ଯ୍ୟ କରିବାକୁ ଗୋଇନ୍ଦା କାର୍ଯ୍ୟ ପରିବ୍ୟାପ୍ତ କରିବା, (ଗ) ନେପାଳ ଏବଂ ବଙ୍ଗଳାଦେଶର ସୀମାରେ ସେନାର ଗତିବିଧିକୁ ବୃଦ୍ଧି କରି ଅପରେସନ ଚଳାଇବା ଏବଂ କାର୍ଯ୍ୟ କେନ୍ଦ୍ର ସ୍ଥାପନ କରିବା, (ଘ) ଭାରତରେ ସକ୍ରୀୟଥିବା ସନ୍ତ୍ରାସବାଦୀ, ବିଚ୍ଛିନ୍ନତାବାଦୀ ଏବଂ ଇସଲାମିକ ସଂଗଠନଗୁଡିକୁ ଅର୍ଥ ଓ ଶସ୍ତ୍ର ଯୋଗାଇଦେବା ।

ଅପରେସନ ଟୁପାକକୁ ସ୍ୱୀକୃତି ମିଳିବା ପରେ ପରେ ଆମେରିକା ଏବଂ ଭାରତର କାଶ୍ମୀରରେ ଅନେକ ଉଗ୍ରବାଦୀ ସଂଗଠନ ମୁଣ୍ଡ ଟେକିଲେ । ଜମାତେ ଇସଲାମୀର ଉଗ୍ରବାଦୀ ଶାଖା ହିଜବୁଲ ମୁଜାହିଦ୍ଦୀନ (୧୯୮୦) ଓ ଲସ୍କର ଇ ତୈବା (୧୯୯୦) ଗଠନ ହେଲା । ଠିକ ସେହି ସମୟରେ ଅନେକଗୁଡିଏ ସମାନ୍ତରାଳ ସଂଗଠନ ଭାରତ ବାହାରେ ଆମେରିକା, ବ୍ରିଟେନ ଏବଂ କାନାଡାରେ ମଧ ମୁଣ୍ଡ ଟେକିଲେ ।

ଜମାତର ସଂଗଠନ ଇସଲାମିକ ସର୍କଲ ଅଫ ନର୍ଥ ଆମେରିକା (ଇସନା) ଏହାର ଆନ୍ତର୍ଜାତିକ ପତ୍ରିକା 'ଦି ମେସେଜ୍ ଇଣ୍ଟରନେସନାଲ' (୧୯୯୦) ପ୍ରକାଶ କଲା । ଛତୁ ଫୁଟିଲା ପରି ଅନେକ ସଂଗଠନ ଆମେରିକା ଏବଂ ବ୍ରିଟେନରେ ଗଢି ଉଠିଲା । ୧୯୯୦ରେ ଦୁଇଟି ପ୍ରମୁଖ ସଂଗଠନ ୱାର୍ଲଡ କାଶ୍ମୀର ଫ୍ରିଡମ୍ ମୁଭମେଣ୍ଟ ଆଇଏସ୍‌ଆଇର ଏଜେଣ୍ଟ ମୁହମ୍ମଦ ଅୟୁବ ଠାକୁର ଏବଂ କାଶ୍ମୀର ଆମେରିକାନ କାଉନସିଲ ଘୁଲାମ ନବି ଫାୟି ଦ୍ୱାରା ପଞ୍ଜିକୃତ ହେଲା । ଜିଆ ଉଲ୍ ହକ୍ ଠିକ୍ ସେହି ସମୟରେ କେ-୨ ନାମରେ ଉଭୟ କାଶ୍ମୀର ଏବଂ ଖଲିସ୍ଥାନ ଆନ୍ଦୋଳନକୁ ବ୍ୟାପକ କରି ପଞ୍ଜାବ ସହ କାଶ୍ମୀରକୁ ଅସ୍ଥିର କରିବା ଉଦ୍ଦେଶ୍ୟରେ ପ୍ରୟାସ କଲେ । ଖାଲିସ୍ଥାନ ସମର୍ଥନକାରୀ ସଂଗଠନ ଭାରତ ବାହାରେ ଛତୁ ଫୁଟିଲା ପରି ଗଢି ଉଠିଲେ । ୧୯୮୯ରେ ଆମେରିକାରେ ଏକ ସଂଗଠନ ଶିଖ୍ ୟୁଥ ଅଫ୍ ଆମେରିକା ମୁଣ୍ଡ ଟେକିଲା । ତାର ଦାୟିତ୍ୱରେ ଆଇଏସ୍‌ଆଇର ଜମାତ ସଂଗଠନ ଇସନାର ଭଜନସିଂହ ଭିଣ୍ଡର ରହିଲା । କାର୍ଯ୍ୟକୁ ସହଯୋଗ କରିବା, କୌଶଳ ଅନୁଯାୟୀ ଦୁଇଟି ସଂଗଠନ ମଧ୍ୟରେ ତାଳମେଳ ରଖିବା ପାଇଁ ଜଷ୍ଟିସ ଫର ଅଲ୍ ନାମକ ଅନ୍ୟ ଏକ ସଂଗଠନ ଗଠନ କରାଗଲା । ଏସବୁର ମୂଳଲକ୍ଷ୍ୟ ରହିଲା ଭାରତକୁ ବିରୋଧ କରିବା ।

ପାକ୍‌ର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧୯୮୦ ପରଠାରୁ ହ୍ରାସ ପାଇବାରେ ଲାଗିଥିଲା । ଏହି ସମୟରେ ଅପରେସନ ଟୁପାକ ସମେତ ତିନୋଟି ଅପରେସନ ପାକିସ୍ଥାନ ଆରମ୍ଭ କରିଥିଲା, ପାକ୍‌ର ଭାରତ ବିରୋଧୀ ଷଡଯନ୍ତ୍ର ଏହି ସମୟରେ ଥିଲା ସର୍ବାଧିକ । ଅପରେସନ ଟୁପାକ ଦୁଇଟି କ୍ଷେତ୍ରରେ ଲଢୁଥିଲା । ସୀମାପାର ଆତଙ୍କବାଦ ଏବଂ ଭାରତରେ ସନ୍ତ୍ରାସବାଦ । ଏହି ଦ୍ୱିମୁଖୀ ସନ୍ତ୍ରାସବାଦ ଗୋଟିଏ ସମୟରେ ଭାରତକୁ ସଣ୍ଢୁଆସୀ ଆକ୍ରମଣ କଲେ । ଦେଶ ଭିତରେ ଥିବା ଟୋପିବାଜ୍- ପଗଡିବାଜ୍ ମେଣ୍ଟ ଏବଂ ଦେଶ ବାହାରେ ଥିବା ପାକ୍‌ର ଚରଣଚଟା ପଗଡିବାଜୀ ଗୋଷ୍ଠୀ ଏବଂ ସନ୍ତ୍ରାସବାଦୀମାନେ ଭିନ୍ନ ଭିନ୍ନ ସ୍ଥାନରେ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଲେ । ସେଥିପାଇଁ ସ୍ୱତନ୍ତ୍ର ସନ୍ତ୍ରାସୀ ପ୍ରଶିକ୍ଷଣ ଶିବିରରେ ସେନାଧିକାରୀମାନେ ପ୍ରଶିକ୍ଷଣ ଦେଲେ । ବିଦେଶର ଅନେକ ଗୁରୁଦ୍ୱାର ମଧ୍ୟରେ ସନ୍ତ୍ରାସବାଦୀମାନେ ପ୍ରବନ୍ଧକ କମିଟିର ସମର୍ଥନ,ସହଯୋଗ, ପାକ୍‌ର ଯୋଜନାରେ ଭାରତ ବିରୋଧୀ ଷଡଯନ୍ତ୍ରର ଜାଲ ବୁଣିଲେ ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ଚାନ୍ଦିପୁର ଲୁଣାବନ୍ଧ ଧୋଇଯିବା ଘଟଣା : ନିମ୍ନମାନ ପ୍ରକଳ୍ପ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ଦାବି

ବାଲେଶ୍ୱର, ୧୦/୦୪ (ନି.ପ୍ର): ସହର ସମେତ ବାଲେଶ୍ୱର ଜିଲାରେ ଆଞ୍ଚଳିକ ଉନ୍ନତି ତଥା ବିକାଶ ନାମରେ ହେଉଥିବା କୋଟି କୋଟି ଟଙ୍କାର ପ୍ରକଳ୍ପର ନିମ୍ନମାନର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଯୁବ ସଂଗଠକ ବିକ୍ରମ ପଣ୍ଡା ଓ ସାଥୀମାନେ । ସ୍ଥାନୀୟ ଫାଣ୍ଟାସି ହୋଟେଲ ପରିସରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପଣ୍ଡା କାର୍ଯ୍ୟ ସମ୍ପାଦନ କରୁଥିବା ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ ତଥା ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ ଜିଲାର ବିକାଶ ପାଇଁ ଖର୍ଚ୍ଚ ହେଉଥିବା ସରକାରୀ ଅନୁଦାନର ସୁବିନିଯୋଗ ପରିବର୍ତ୍ତେ ବ୍ୟାପକ ଆତ୍ମସାତ କରାଯାଉଛି । ସମସ୍ତେ ଦେଖୁଛନ୍ତି, ମାତ୍ର କହିବାକୁ କେହି ନାହିଁ । ୱାର୍କସ ଡିପାର୍ଟମେଣ୍ଟରେ ପିସିର ମାତ୍ରା ଏତେ ବଢ଼ି ଯାଇଛି ଯେ, କୌଣସି ପ୍ରକଳ୍ପ ଅଟକଳ ମୂଲ୍ୟରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ପିସି କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ପଦସ୍ଥ ଅଧିକାରୀ, ପ୍ରଶାସନିକ ଅଧିକାରୀ ଏମିତିକି ଲୋକପ୍ରତିନିଧିଙ୍କ ମଧ୍ୟରେ ଭାଗବଣ୍ଟରା ହେଉଛି ବୋଲି ଶ୍ରୀ ପଣ୍ଡା ଆରୋପ ଉଠାଇଛନ୍ତି । ପିସି ପରିମାଣ ବୃଦ୍ଧି ଯୋଗୁଁ ପ୍ରାୟ ସବୁ ପ୍ରକଳ୍ପ କାର୍ଯ୍ୟ ନିମ୍ନ ମାନର ହେଉଛି । ଏହାର ନିଚ୍ଛକ ପ୍ରତିଫଳନ୩୦ କୋଟି ଟଙ୍କାର ଚାନ୍ଦିପୁର ବେଳାଭୂମି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପରୁ ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି । ୬ ମାସ ପୂର୍ବରୁ ନିର୍ମାଣ ହୋଇଥିବା ଚାନ୍ଦିପୁର ବେଳାଭୂମି ସୁରକ୍ଷା ପ୍ରାଚୀର ବା ଲୁଣାବନ୍ଧ ଧୋଇଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ଏହି ଘୋଟାଲାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଜିଲାର ବୁଦ୍ଧିଜୀବୀ ଯୁବଗୋଷ୍ଠୀ ତଥା ସଚେତନଶୀଳ ବ୍ୟକ୍ତିମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଂଜନ ନାୟକ, ଗଜେନ୍ଦ୍ର ମାଝୀ, ସୁଶାନ୍ତ ରଣା, ଜ୍ଞାନେନ୍ଦ୍ର ମହାନ୍ତି, ସୁଶୀଳ ଜେନା, ହ୍ରିତିକ ନାୟକ, ଶେଖ ହବିବୁଲାର, ଶେଖ ଅରଫାନ, ସାହିବା ଅକ୍ତର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ନାଇକୁଡ଼ି ଠାରେ ଭାରତୀୟ ଜନତାପାର୍ଟିର କର୍ମୀ ସମାବେଶ



ବାଲେଶ୍ୱର, ୧୦/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ନାଇକୁଡ଼ି ପଞ୍ଚାୟତ ଅନ୍ତର୍ଗତ ନାଇକୁଡ଼ି ଠାରେ ଭାରତୀୟ ଜନତାପାର୍ଟିର କର୍ମୀ ସମାବେଶ ସମାଜସେବୀ ଖଗେନ୍ଦ୍ର ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି ।ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଉପସ୍ଥିତ ହୋଇ ଆଗାମୀ ୨୦୨୪ ନିର୍ବାଚନ ରେ ଭାରତୀୟ ଜନତାପାର୍ଟିର ପଦାଧିକାରୀ ବରିଷ୍ଠ କର୍ମୀ ମାନଙ୍କ ସହଯୋଗ ରେ ସମସ୍ତ ଭୋଟରଙ୍କୁ ଏକଜୁଟ କରାଇ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗରିବ ଲୋକଙ୍କ ପାଇଁ କରିଥିବା ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ସାଧାରଣ ଲୋକଙ୍କ ଘରେ ଘରେ ପହଞ୍ଚାଇ ମୋଦୀଙ୍କ ହାତକୁ ଟାଣ କରିବା ସମ୍ପର୍କ ରେ ଉପସ୍ଥିତ କର୍ମୀ ମାନଙ୍କୁ ଉଦବୋଧନ ମାଧ୍ୟମରେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଯୁବନେତା ଖଗେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ବସ୍ତା ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା, ବାଲିଆପାଳ ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ବିକାଶ ଗିରି, ଶୋଭନା ମହାନ୍ତି, ଅଜୟ ସାହୁ, ନବକୃଷ୍ଣ ଦାସ, ରବିନ୍ଦ୍ର ଜୈନ, ମାଳତୀ ନାୟକ, ସୂର୍ଯ୍ୟ ନାରାୟଣ ସାହୁ, ରାଧା ପଙ୍କଜ ମଣ୍ଡଳ, କଇନଗରୀ ସରପଞ୍ଚ ରାଧା ବଲ୍ଲଭ ମଣ୍ଡଳ, ସାଉଡି ସରପଞ୍ଚ ଧରଣୀଧର ମଲ୍ଲିକ, ଜଗବନ୍ଧୁ ମଲ୍ଲିକ, ରାମଚନ୍ଦ୍ର ସାନ୍ତରା, କାର୍ତ୍ତିକ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ହାତୀ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କଲେ ଜଳେଶ୍ୱର ବିଜେପି ଟିମ୍ : ସହାୟତା ଜରୁରୀ



ଜଳେଶ୍ୱର, ୧୦/୪(ନି.ପ୍ର) : ରାଇବଣିଆର ଶ୍ୟାମନଗର ଓ ଖୁଆଡ ପଂଚାୟତରେ ଗତ ୭ ତାରିଖରେ ୨୨ଟି ହାତୀ ବ୍ୟାପକ ଅଂଚଳ କ୍ଷତି ଘଟାଇଥିଲେ । ଏହା ସମଗ୍ର ବାଲେଶ୍ୱର ଜିଲାରେ ଆଲୋଚ୍ୟର ବିଷୟ ହୋଇଥିବା ବେଳେ ଆଜେ ବିଜେପିର ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ପ୍ରାୟ ୧୦୦ ଜଣ ଚାଷୀଙ୍କର ଶତାଧିକ ଏକର ଜମିର ଧାନଚାଷ ଉଣାଅଧିକେ କ୍ଷତି ହୋଇଥିବା ସେମାନେ ପ୍ରାଥମିକ ଭାବେ ଆକଳନ କରିଛନ୍ତି । ସ୍ଥାନୀୟ ତଳସିଲଦାର, ରାଜସ୍ୱ ନିରିକ୍ଷକ, କୃଷି ସହ ଅଧିକାରୀ, ରେଞ୍ଜରଙ୍କ ସହିତ କ୍ଷୟକ୍ଷତି ସଂପର୍କରେ ସେମାନେ ଆଲୋଚନା କରି ଅତିଶୀଘ୍ର ବିଭିନ୍ନ ସହାୟତା ଦେବାକୁ ଦାବି କରିଛନ୍ତି । ଇମ୍ପୁଟ ସବସିଡି, ଆସନ୍ତା ଦିନପାଇଁ ବିହନ, ସାର, କୀଟ ନାସକ ଯୋଗାଇବା ସହ ବନ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସହାୟତା ଲାଗି ସେମାନେ ଦାବି ଜଣାଇଛନ୍ତି । ଏଥିରେ ରାଷ୍ଟ୍ରିୟ ପରିଷଦ ସଦସ୍ୟ ସମୀର ପାତ୍ର, ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ସଦନ ସାସମଲ, ସୁଷମା ମହାନ୍ତି, ସଂଗ୍ରାମ ଜେନା, ଦୁଲା ମୁର୍ମୁ, ଦୁର୍ଗାଶଂକର ମାରାଣ୍ଡି, ମେଘନାଥ ମହାନ୍ତ, ହରିଶ୍ଚନ୍ଦ୍ର ସାସମଲ, ଆଲୋକ ପ୍ରଧାନ ପ୍ରମୁଖ ଏହି ପ୍ରତିନିଧି ଦଳରେ ଯାଇ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିଛନ୍ତି ।

## ଯୋଗ ଓ ପରିବେଶ ସୁରକ୍ଷା ଲାଗି ୨୮ ରାଜ୍ୟ ପରିଭ୍ରମଣ ଲକ୍ଷ୍ୟ : ୭ ରାଜ୍ୟରେ ସଚେତନତା ଶେଷ



ଜଳେଶ୍ୱର, ୧୦/୪(ନି.ପ୍ର) : ସମଗ୍ର ଦେଶରେ ପ୍ରତ୍ୟେକଙ୍କୁ ସୁସ୍ଥ ଶରୀର ପ୍ରଦାନ ଏବଂ ପରିବେଶ ସୁରକ୍ଷା ଲାଗି ଜନୈକ ଯୁବକ ପାଦରେ ଚାଲିଚାଲି ୨୮ ରାଜ୍ୟ ସଚେତନତା କରିବାର ଲକ୍ଷ୍ୟ ନେଇ ଅଦ୍ୟାବଧି ୭ ରାଜ୍ୟ ପରିଭ୍ରମଣ ଶେଷ କରିଛନ୍ତି । ଆଗାମୀ ଦେଢ ବର୍ଷ ମଧ୍ୟରେ ଅନ୍ୟ ୨୧ଟି ରାଜ୍ୟ ସଚେତନତାର ବାର୍ତ୍ତା ବୁଣିବାର ଲକ୍ଷ୍ୟ ସଂପର୍କରେ ଆଜି ଏଠାରେ ସୂଚନା ଦେଇଛନ୍ତି । ଆନ୍ତର୍ଜାତୀକ ଯୋଗ ଶିକ୍ଷକ କର୍ଣ୍ଣଟକ ରାଜ୍ୟ ମହିଶୂର ଜିଲାର ଉଦ୍‌ବୁରୁ ନାମକ ସ୍ଥାନରୁ କ୍ରିଷ୍ଣା ନାୟକ ଗତ ୨୨ ମସିହା ଅକ୍ଟୋବର ୧୬ ତାରିଖରେ ସମଗ୍ର ଦେଶରେ ସଚେତନତାର ବାର୍ତ୍ତା ବାଣ୍ଟିବଲାଗି ପ୍ରତିଜ୍ଞା କରି ବାହାରିଛନ୍ତି । ଅଦ୍ୟାବଧି ସେ ୪୫୦୦ କି.ମି. ପରଦରେ ଅତିକ୍ରମ କରିଛନ୍ତି । କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ର, ତେଲେଙ୍ଗାନା, ମହାରାଷ୍ଟ୍ର, ଛତିଶଗଡ ଓ ଓଡିଶା ପ୍ରଦେଶର ବିଭିନ୍ନ ସ୍ଥାନରେ ଏପରି ସଚେତନତା ସୃଷ୍ଟି ଲାଗି ଚେଷ୍ଟା କରିଛନ୍ତି । ରାଜପଥରେ ଗଲାବେଳେ ସେ ନିକଟସ୍ଥ କୌଣସି ବିଦ୍ୟାଳୟକୁ ଯାଇ ପିଲାମାନଙ୍କୁ ଯୋଗ ଶିକ୍ଷା ସହିତ ସମସ୍ତେ ଜନ୍ମ ଦିନରେ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ, ଯତ୍ନ ଓ ବୃକ୍ଷ ଛେଦନ ନ କରିବା ଲାଗି ପରାମର୍ଶ ଦେଉଛନ୍ତି । ଆଜି ୬୦ନଂ ଜାତୀୟ ରାଜପଥ ପାର୍ଶ୍ୱ ବାଘାବାଳୀ ଉନ୍ନୀତ ଉ.ପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କୁ ଯୋଗଶିକ୍ଷା ଦେଇଛନ୍ତି । କର୍ଣ୍ଣାଟକ ରାଜ୍ୟର କ୍ରିର୍ଷ୍ଣମ୍‌ଯୋଗ ସଂଗଠନର ସେ ସଦସ୍ୟ ଥାଇ ଏପରି ସଚେତନତା ସୃଷ୍ଟି କରିଚାଲିଥିବା ବେଳେ ଜଳେଶ୍ୱରର ମେ ଆଇ ହେଲ୍ପ ୟୁ, ମୋ ପରିବାର ସଂଗଠନର ଶୁଭମ୍ ପ୍ରକାଶ ମହାନ୍ତି ଓ ଜଗନ୍ନାଥ ପରିଡା ତାଙ୍କୁ ସହାୟତା କରିଛନ୍ତି । ମୋଟ ୨୮ଟି ରାଜ୍ୟରୁ ୭ଟି ରାଜ୍ୟ ପରିଭ୍ରମଣ ଶେଷ କରିଥିବା ବେଳେ ଆସନ୍ତା ମଂଗଳବାର ଠାରୁ ପଶ୍ଚିମବଂଗ ଅଭିମୁଖେ ଯାତ୍ରା କରିବେ ବୋଲି ଜଣାଯାଇଛି । ୨ ବର୍ଷ ମଧ୍ୟରେ ଏ ସମସ୍ତ ଅଂଚଳ ପରିଭ୍ରମଣ କରିବେ ବୋଲି କ୍ରିଷ୍ଣା ନାୟକ କହିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭକ୍ତିଲତା ପରିଡା, ଅନୁଜ କୁମାର ହୁଇ, ସରୋଜ କୁମାର ପ୍ରଧାନ, ଜୟନ୍ତୀ ଦତ୍ତ ଓ ଶିବମ୍ ସାହୁ ପ୍ରମୁଖ ସହାୟାତ କରିଥିଲେ ।

# ଅବସରପ୍ରାପ୍ତ କର୍ମଚାରୀଙ୍କର ପ୍ରଧାନମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ ଓ ଗଣ ଧାରଣା



ଭଦ୍ରକ, ୧୦/୦୪ (ନି.ପ୍ର): ଅଲ୍ ଇଣ୍ଡିଆ ଷ୍ଟେଟ୍ ପେନ୍ସନର ଫେଡ଼େରେସନ୍ ଓ ଓଡ଼ିଶା ଷ୍ଟେଟ୍ ପେନସନ୍‌ର ଫେଡ଼େରେସନର ଆହ୍ୱାନ କ୍ରମେ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ କର୍ମକର୍ତ୍ତା, ସଦସ୍ୟ, ସଦସ୍ୟା କାର୍ଯ୍ୟକାରୀ ସଭାପତି ପଦ୍ମନାଭ ପାଢ଼ୀ, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଉପସଭାପତି ଉଦୟ ନାଥ ମହାନ୍ତି, ହରମୋହନ କୁଅଁର, ଯୁଗ୍ମ ସଂପାଦକ କରୁଣାକର ଉପାଧ୍ୟାୟ, ଅଜିତ୍ କୁମାର ନାୟକ, ବାଦଲ କିଶୋର ମହାପାତ୍ର, ଇଂ ବ୍ୟାଧର ବ୍ରହ୍ମ, ମୁକ୍ତିକାନ୍ତ ମହାପାତ୍ର, ଲକ୍ଷ୍ମଣ କୁମାର ମହାନ୍ତି, ଉପଦେଷ୍ଟା ଡ଼ଃ ରାଧାରାଣୀ ମହାପାତ୍ର, ସଦସ୍ୟ ଯୁଧିଷ୍ଠିର ବାରିକ୍ ଓ ସ୍ୱତନ୍ତ୍ର କମିଟିର ସଦସ୍ୟ ଡ ପ୍ରଫୁଲ୍ଲ କୁମାର ସାହୁ, ବିନୟ କୁମାର ପଣ୍ଡା, ରଜନୀକାନ୍ତ ମହାନ୍ତି ଭାରତର ପ୍ରଧାନମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପେନସନ୍‌ରଙ୍କ ଦାବୀପତ୍ର ଭଦ୍ରକ ଜିଲ୍ଲାପାଳଙ୍କୁ ତାଙ୍କର କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି । ପେନସନରଙ୍କ ମୁଖ୍ୟ ଦାବୀ ମଧ୍ୟରେ ଚିକିତ୍ସା ଭତ୍ତା, ଜରୁରୀ ସ୍ୱାସ୍ଥ୍ୟ ସେବା ପାଇଁ କ୍ୟାଶଲେସ୍ ବ୍ୟବସ୍ଥା, ବୟସ ବୃଦ୍ଧିର ପ୍ରତି ୫ବର୍ଷରେ ୬୫ ବର୍ଷରୁ ପେନସନ୍ ଆନୁପାତିକ ବୃଦ୍ଧି, ବକେୟା ମହଙ୍ଗା ଭତ୍ତା ମଞ୍ଜୁର, କମ୍ୟୁଟେସନ ପେନସନ ସୀମା ୧୨ ବର୍ଷ ରଖିବା, ପୁରୁଣା ପେନ୍‌ସନ୍ ନୀତି ବଳବତ୍ତର ରଖିବା, ରେଳ ଓ ବସ୍ ଯାତ୍ରୀରେ ରିହାତି, ଆୟକର ଛାଡ଼, ତୀର୍ଥ ଯାତ୍ରା ପାଇଁ ବାର୍ଷିକ ୧ମାସର ପେନସନ୍ ଅଧିକ ପ୍ରଦାନ, ପେନସନ୍ ନିର୍ଦ୍ଧାରଣ ତତ୍‌କାଳୀନ ଦରମାର ୭୫%, ପେ କମିଶନ ସମୟରେ ପେନ୍‌ସନ୍ ଓ ମହଙ୍ଗା ଭତ୍ତା ମିଶାଇ ପେନ୍‌ସନ ନିର୍ଦ୍ଧାରଣ, ପେନସନ୍‌ରଙ୍କୁ ଏକ ପଦବୀରେ ଥିବା ସମସ୍ତଙ୍କୁ ସମାନ ପେନ୍‌ସନ ପ୍ରଦାନ, ପେନ୍‌ସନରରେ ଅସଂଗତି ଦୂରୀକରଣ, ୧୭ ଡ଼ିସେମ୍ବରକୁ ପେନ୍‌ସନ୍ ଦିବସ ଘୋଷଣା, ଜାତୀୟ ଓ ରାଜ୍ୟସ୍ତରରେ ପେନ୍‌ସନ୍‌ର ଉପଦେଷ୍ଟା ମଣ୍ଡଳୀ ଗଠନ କରି ପ୍ରତିନିଧି ଭାବେ ପେନ୍‌ସନରଙ୍କୁ ନିଆଯାଉ ଇତ୍ୟାଦି ଅର୍ନ୍ତଭୁକ୍ତ । ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଗଣ ଧାରଣାରେ ବସି ଦାବୀ ପୂରଣ ପାଇଁ ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ । ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଅରବିନ୍ଦ ବସନ୍ତରାୟ, ଚନ୍ଦ୍ରମୋହନ ମହାନ୍ତି, ନିରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ ଦେ, ତାରକଦାସ ଆଢ଼୍ୟ, ବସନ୍ତ ଦେ, ପ୍ରତାପ ଚନ୍ଦ୍ର ଦଳାଇ, ଡ଼. ମଦନ ମୋହନ ମଲ୍ଲିକ, ମାନସ ଲେଙ୍କା, ରାଜେନ୍ଦ୍ର ପାତ୍ର, ବୀରନାରାୟଣ ଦାସ, ଦୁଃଶାସନ ମହାନ୍ତି, ବିଜୟ କୁମାର ମହାନ୍ତି ସଂଙ୍ଗୀତା ଦେ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ।

## ଜମୁଛି କଷାଫଳ କୁଞ୍ଜୀ ମେଳା

ଲଙ୍ଗଳେଶ୍ୱର, ୧୦/୦୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତର ପଣ୍ଡା ଛକ ଠାରେ ପନ୍ଦର ଦିନ ଧରି କୁଞ୍ଜୀ ମେଳା ଅନୁଷ୍ଠିତ ହେଉଛି । ଏହି ମେଳାରେ ମୁଖ୍ୟ ଆକର୍ଷଣ ହେଉଛି ମହିଳା ମାନଙ୍କ ଦ୍ୱାରା ଛୁଞ୍ଚି ସୁତା, ଶଙ୍ଖ ବଜାଇବା, ପୋଚି, ଝୋଟି ଚିତ୍ର ପ୍ରଭୁତି ଲୋକ ମାନଙ୍କୁ ବେଶ ମଜା ଆଣିହେଇଥାଏ ସେହିପରି ଯୁବକ ମାନଙ୍କ ଦ୍ୱାରା ଫୁଟ ବଲ, ଭଲି ବଲ,କବାଡି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୁଏ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏହି ସବୁ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥାଏ । ଏହି ମେଳା କୁ ବହୁ ଦୂରଦୂରାନ୍ତରୁ ଲୋକମାନେ ଆସିଥାନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ଏହି ଅନୁଷ୍ଠାନ କୁ ବିଭିନ୍ନ ଲୋକ ମାନେ ସହାୟତା ଯୋଗାଇ ଦେଇଥାନ୍ତି ବୋଲି ମେଳା ପରିଚାଳନା କମିଟି ର ସଭାପତି ବରୁଣ ପଣ୍ଡା କହିଛନ୍ତି । ମଙ୍ଗଳବାର ଦିନ ସନ୍ଧ୍ୟାରେ ଏହି ମେଳା ଉଦଯାପିତ ହେବବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।


**AFFIDAVIT**

"BY, Virtue of an affidavit bearing no- 1165, Dtd. 15.10.2022 sworn before the Executive Magistrate, Basta, I Roma Mohanty W/O- Managobinda Mohanty Vill- Baunshamukha, PO/PS- Basta, Dist- Balasore, State- Odisha, I declare that my actual name is Roma Mohanty. Which is mentioned in my Aadhaar card, PAN Card & my husband's pension record But my voter ID card and a joint account of HDFC Bank, Balasore it was mentioned as Laxmi Rani Mohanty, Both are same and one Person.

Sd/- Roma Mohanty

ମଙ୍ଗଳବାର, ଏପ୍ରିଲ ୧୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# 'ସହକାର ଭାରତୀ ସଂଗଠନ' କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର, ୧୦/୦୪ (ନି.ପ୍ର): ସହକାର ଭାରତୀ ସଙ୍ଗଠନର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ ସହରର ମୋତିଗଞ୍ଜ ସ୍ଥିତ ରାଜସ୍ଥାନ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ବାଲେଶ୍ୱର- ଭଦ୍ରକ ସମବାୟ ବ୍ୟାଙ୍କ ଡିଜିଏମ ହିମାଂଶୁ ଦାସ, ଅଶୋକ ମିଶ୍ର, ସଙ୍ଗଠନର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ପାତ୍ର, ବାମୁଲର ପ୍ରବନ୍ଧକ ଶୁଭେନ୍ଦୁ ଚାନ୍ଦ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରୁ ବିଭିନ୍ନ ଜିଲାରୁ ଆସିଥିବା କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। 'ବିନା ସଂସ୍କାର ନାହିଁ ସହକାର ଓ ବିନା ସହକାର ନାହିଁ ଉଦ୍ଧାର' ବିଚାରଧାରା ନେଇ ସମବାୟ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ନେଇ ଆଣିବା ଉଦ୍ଦେଶ୍ୟରେ କାର୍ଯ୍ୟ ଜାରି ରଖିବାକୁ ସେମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସହକାର ଭାରତୀ ସଙ୍ଗଠନ ରାଜ୍ୟରେ ସମବାୟ ଦ୍ୱାରା ସାଧାରଣ ଜନତାଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ସହ ମୌଳିକ ଅଧିକାରର ସୁରକ୍ଷା ଦିଗରେ ଗୁରୁତ୍ୱ ଦେବାକୁ ସେମାନେ କହିଥିଲେ। ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣ ବଲ୍ଲଭ ସାହୁ, ରାଜ୍ୟ ସମ୍ପାଦକ ହେମନ୍ତ ଜେନା ଓ ରାଜ୍ୟ ସଙ୍ଗଠନ ପ୍ରମୁଖ କେତନ ନାୟକ ଏହି ବୈଠକକୁ ପରିଚାଳନା କରିଥିଲେ। ଏହି ଅବସରରେ ମୋଟ ୭ଟି କଳାଂଶର ବିଭାଗୀକରଣ କରାଯାଇଥିଲା। ପ୍ରତ୍ୟେକ କଳାଂଶରେ ବକ୍ତାମାନେ ସମବାୟ ବ୍ୟବସ୍ଥାର ସରଳୀକରଣ ଓ ଜନାଭିମୁଖୀ କାର୍ଯ୍ୟଧାରା ସମ୍ପର୍କରେ ମତାମତ ରଖିଥିଲେ। ସମବାୟ ରାଷ୍ଟ୍ରୀୟ ଅଧିବେଶନରେ ଅଂଶଗ୍ରହଣ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ କୁହାଯାଇଥିଲା। ଆଗାମୀ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଝାରସୁଗୁଡ଼ା କିମ୍ବା ସମ୍ବଲପୁରରେ ହେବ। ତେବେ ଆଗାମୀ ମେ ମାସରେ ଭୁବନେଶ୍ୱରରେ ହେବାକୁ ଥିବା ରାଷ୍ଟ୍ରୀୟ ମତ୍ସ୍ୟ ସମବାୟ ସମ୍ମିଳନୀ ପ୍ରସ୍ତୁତି ଓ ତା'ର ରୂପରେଖ ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଭାତ ମହାର୍ଣ୍ଣା, ସିଦ୍ଧେଶ୍ୱର ପରିଡ଼ା, ପ୍ରାର୍ଥସାରଥୀ ପ୍ରଧାନ ପ୍ରମୁଖ କାର୍ଯ୍ୟକର୍ତ୍ତା ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ଶିମିଳିପାଳରେ ଅଖଣ୍ଡ ଶିକାର ରୋକିବାକୁ ସଚେତନତା ଅଭିଯାନ

ବାରିପଦା, ୧୦/୦୪ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ ଓ ଜୈବ ମଣ୍ଡଳ ଅଂଚଳରେ ଅଖଣ୍ଡ ଶିକାର ରୋକିବା ପାଇଁ ଏକ ସଚେତନତା ଅଭିଯାନ ବିଶୋଇ ଓ ମଣଦା ବନ ବିଭାଗ ପକ୍ଷରୁ ଆଜି ଅନୁଷ୍ଠିତ ହୋଇଯାଇଛି । ସୂଚନା ଯୋଗ୍ୟ ଯେ ପ୍ରତିବର୍ଷ ମହାବିଷୁବ ପଣା ସଂକ୍ରାନ୍ତି ଦିନ ଆଦିବାସୀ ମାନଙ୍କ ପକ୍ଷରୁ ପରମ୍ପରା ଅନୁଯାୟୀ ଏକ ଅଖଣ୍ଡ ଶିକାର ଆୟୋଜିତ ହୋଇଥାଏ । ଏହି ପାରମ୍ପରିକ ଅଖଣ୍ଡ ଶିକାରରେ ଶିମିଳିପାଳ ଓ ଏହାର ଚତୁର୍ପାଶ୍ୱରେ ବସବାସ କରୁଥିବା ଆଦିବାସୀ ମାନେ ବିଭିନ୍ନ ଶିକାର ପାଇଁ ବ୍ୟବହାର ଯୋଗ୍ୟ ଅସ୍ତ୍ରଶସ୍ତ୍ର ସହ ସମ୍ମିଳିତ ଭାବେ ଅଖଣ୍ଡ ଶିକାରରେ ସାମିଲ ହୋଇଥାନ୍ତି । ଉଲ୍ଲେଖନୀୟ ଯେ ଅଖଣ୍ଡ ଶିକାରରେ ଆଦିବାସୀ ମାନେ ସଫଳ ହେଲେ ଏହା ସେମାନଙ୍କ ଘର ଓ ଗ୍ରାମପାଇଁ ଶୁଭଙ୍କର ହେବା ସହ ବର୍ଷା ମଧ ଭଲ ହୋଇଥାଏ ବୋଲି ସେମାନଙ୍କର ପାରମ୍ପରିକ ବିଶ୍ୱାସ ଓ ଧାରଣା ରହିଛି । କିନ୍ତୁ ଗତ କିଛି ବର୍ଷ ଧରି ଶିମିଳିପାଳ ଅଂଚଳ ରେ ବନ୍ୟ ଜୀବଜନ୍ତୁଙ୍କ ଅବାଧ ଓ ବେଆଇନ ଶିକାର ପାଇଁ ବିରଳ ବନ୍ୟପ୍ରାଣୀଙ୍କ ସଂଖ୍ୟା କ୍ରମେ ହ୍ରାସ ବା ବିଲୁପ୍ତ ହେଉଥିବାରୁ ଅଖଣ୍ଡ ଶିକାରକୁ ରୋକଯିବା ପାଇଁ ବନ ବିଭାଗ ପକ୍ଷରୁ ସଚେତନତା ଅଭିଯାନ ଚାଲୁ ରହିଛି । ଆଜିର ସଚେତନତା ରାଲିରେ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ ତତ୍ୱାବଧାନରେ ଡେପୁଟି ରେଂଜର କ୍ଷୀରୋଦ ଚନ୍ଦ୍ର ସିଂ, ବନପାଳ ସଂଜୟ ପ୍ରସାଦ ବେହେରା, ଗୁରୁଚରଣ ମଣ୍ଡଳ, ବନରକ୍ଷୀ ସନତ କୁମାର ବେହେରା, ଫୁଲମଣି ମହାନ୍ତ, ଶୁଭଦ୍ରା ପାତ୍ର ତଥା ଅନ୍ୟାନ୍ୟ କର୍ମଚାରୀ ଓ ସଚେତନ ଜନ ସାଧାରଣ ସାମିଲ ହୋଇଥିଲେ । ଦେଓପଟା, ଚୁଆକାଙ୍କର, ସାନବାଲିଚୁଆ, ଦାନ୍ତୁଣି, ବାହାଗାଳ, କଟାସ ଓ ଚଟାଣି ଆଦି ଗ୍ରାମରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

## ମଟରସାଇକେଲ ଚୋରୀ ଲୁଟେରା ସକ୍ରୀୟ

ବସ୍ତା, ୧୦/୦୪ (ନି.ପ୍ର): ବସ୍ତା ଅଞ୍ଚଳରେ କିଛିଦିନଧରି ମଟରସାଇକେଲ ଲୁଟେରା ଆତଙ୍କରାଜ ଚଳାଇ ଚାଲିଛନ୍ତି । ହେଲେ ଆଜି ଦିନ ଦ୍ୱିପ୍ରହରେ ବସ୍ତାଥାନାର ଦଉପୁରଗ୍ରାମର କେଶବ ଚନ୍ଦ୍ର ଗାଆଣ ତାଙ୍କ ଜଣେ ବନ୍ଧୁଙ୍କୁ ବସ୍ତା ରେଳ ଷ୍ଟେସନରୁ ଆଣିବା ପାଇଁ ଆଜି ସକାଳ ୯ ଟାସମୟରେ ଆସିଥିଲେ । ମାତ୍ର ଟ୍ରେନରୁ ତାଙ୍କବନ୍ଧୁ ଉହ୍ଲାଇବାପରେ ଷ୍ଟେସନ ସାମାନାରେ ରଖିଥିବା ନିଜ ମଟର ସାଇକେଲ ଯାହାର ନଂମ୍ବର OR01U ୧୬୦୬ ହୋଣ୍ଡାସାଇନ ଏସ ୧୨୫ ହୋଣ୍ଡେଲ ଲୋକ କରି ପ୍ଲାଟଫର୍ମକୁ ଯାଇଥିଲେ ଫେରିଆସି ଦେଖନ୍ତିତ ତାଙ୍କର ଗାଡି ଯେଉଠି ଥିଲା ସେଠାରେ ନାହିଁ। ସଙ୍ଗେସଙ୍ଗେ ବିଭିନ୍ନ ଯାଗାରେ ଖୋଜା ଖୋଜି କରି ପାଇନଥିଲେ ।ସେହିପରି ଗତ ୫ ତାରିଖ ଦିନ ଜୈନିକ ବ୍ୟକ୍ତି ବସ୍ତା ବ୍ୟାଙ୍କ ଅଫ ଇଣ୍ଡିଆ ଆଗରେ ଗାଡିରଖି ବ୍ୟାଙ୍କ ଭିତରକୁ ଯାଇଥିଲେ । ଆସି ଦେଖନ୍ତି ତ ତାଙ୍କର ମଟର ସାଇକେଲ ନାହିଁ। ଗହଳି ଯାଗାରେ ସୁଯୋଗ ନେଇ ଲୁଟେରା ମାନେ ସକ୍ରୀୟ ହୋଇଥିବା ଦେଖାଯାଉଛି । ଲୋଟେରା ମାନେ ସକ୍ରିୟ ହୋଇ ପୋଲିସକୁ ଚେଲେଞ୍ଜ କରିବା ଭଳି କାର୍ଯ୍ୟ କରୁଛନ୍ତି ଯାହାଫଳରେ ଲୋକେ ଗାଡି ରଖିବା ନିରାପଦ ମଣୁ ନାହାନ୍ତି । ବସ୍ତା ଏସଡିପିଓ ଯଥାଶୀଘ୍ର ପଦକ୍ଷେପ ନିଅନ୍ତୁ ବଲି ଜନ ସାଧାରଣରେ ଦାବି ହୋଇଛି ।

## ପାର୍ଟଟାଇମ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଦାବିରେ ଗତ ଫେବୃୟାରୀ ମାସ ୨୭ ତାରିଖରୁ ବିଧାନ ସଭା ସମ୍ମୁଖରେ ଧାରଣାରେ ବସିଥିବା ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ତାର ଆନ୍ଦୋଳନକୁ ସ୍ଥଗିତ ରଖିଛି। ସୋମବାର ଦିନ ଏକ ପ୍ରତିନିଧି ମଣ୍ଡଳୀ ଗଣଶିକ୍ଷା ସଚିବଙ୍କ ସହ ଆଲୋଚନା କରି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ପାଇବା ପରେ ୪୩ ଦିନ ଧରି ଚାଲିଥିବା ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ଯଦି ପୂରଣ ନ କରନ୍ତି ତେବେ ୫୦୦୦ ପିଟିଆଇ ଜିଲ୍ଲାସ୍ତରରୁ ପୁଣି ଗର୍ଜିବେ ବୋଲି କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ଆବାହକ ଚନ୍ଦ୍ରଶେଖର ପାଢୀ କହିଛନ୍ତି।

# ଲୋଧା ପିଲାଙ୍କୁ ଆଡ଼ଆଖି : ୪ ବର୍ଷ ଧରି ବିଦ୍ୟାଳୟ ବାହାରେ ଅଛନ୍ତି 'ଅର୍ଜୁନ'



ଉଦଳା, ୧୦/୦୪ (ନି.ପ୍ର): ଉଦଳା ବ୍ଲକର ପାଟଶାଣିପୁର ପଂଚାୟତ ଅନ୍ତର୍ଗତ କାଶିକୁଣ୍ଡଳା ଗ୍ରାମର ବାସିନ୍ଦା ବିଶୁ ନାଏକ ଓ ରାରୀ ନାଏକ ଙ୍କ ପୁତ୍ର 'ଅର୍ଜୁନ'ଙ୍କୁ ଚଳିତ ବର୍ଷ ବୟସ ୧୦ ବର୍ଷ ଛୁଇଁଲା । ସେ ଅଙ୍ଗନୱାଡ଼ି ପାସ ପରେ ଆଦୌ ବିଦ୍ୟାଳୟରେ ନାମ ଲେଖାଇ ନାହାଁନ୍ତି । ପିତା ମାତାଙ୍କର କହିବାନୁସାରେ ପୁତ୍ର ଅର୍ଜୁନର ଆଧାର କାର୍ଡ଼ ନଥିବା ଯୋଗୁଁ ବିଦ୍ୟାଳୟରେ ଆଡ଼ମିସନ ନେଲେ ନାହିଁ । ସରକାରଙ୍କର ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା । ଅଥଚ ଅର୍ଜୁନଙ୍କ ପରି ପ୍ରାରମ୍ଭିକ ସମ୍ବେଦନଶୀଳ ଜନଜାତି ବା (ପିଟିଜି) ଗ୍ରୁପ ଭାବରେ ଚିହ୍ନଟ ହୋଇଥିବା ଛାତ୍ର ବିଦ୍ୟାଳୟ ଠାରୁ ବାହାରେ ଅଛନ୍ତି । ବର୍ତମାନ ବିଦ୍ୟାଳୟ ମାନଙ୍କରେ ନାମ ଲେଖା (ପ୍ରବେଶ ଉତ୍ସବ) ଚାଲୁଥିବାରୁ ଅର୍ଜୁନର କିପରି ନାମ ଲେଖାଯାଇ ପାରିବ ସେଥିପାଇଁ କତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ବିରାଟ ସେନାର ସମୀକ୍ଷା ବୈଠକ

ବାରିପଦା, ୧୦/୦୪ (ନି.ପ୍ର): ଆଜି ବିରାଟ ସେନା କାର୍ଯ୍ୟାଳୟ ଠାରେ ସେନାର ରାଜ୍ୟ ସଭାପତି ଏଡଭୋକେଟ- ଦିବ୍ରାଟ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ସେନାର ଏକ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ସେନାର ମୋରଡା ବ୍ଲକ ଉପସଭାପତି ନରେନ୍ଦ୍ର ନାଥ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ସମ୍ମାନିୟ ଅତିଥି ଭାବେରେ ସେନାର ସକ୍ରୀୟ ସଦସ୍ୟ, ଲିପା ସୋରେନ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶ୍ରୀରାମ ମୁର୍ମୁ , ଜ୍ଞାନଦେବ ବେହେରା, ମନୋଜ କୁମାର ନାଥ ଓ ସେନାର ସକ୍ରୀୟ ସଦସ୍ୟା ପୁଷ୍ପାଞ୍ଜଳି ନାଥ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଗତ ୩୧/୩/ ୨୦୨୩ ରିଖ ବିରାଟ ସେନା ଆନୁକୂଲ୍ୟରେ ଶୁଳିଆପଦା ବ୍ଲକରେ ଜନ ସାଧାରଣଙ୍କର ସାତ ଦଫା ସମ୍ବଳିତ ନ୍ୟାର୍ଯ ଦାବୀ ଗୁଡିକୁ ନେଇ ଏକ ବିଶାଳ ଶୋଭା ଯାତ୍ରା ମାଧ୍ୟମରେ ଶୁଳିଆପଦା ବି.ଡି.ଓ ଏବଂ ତହସିଲଦାରଙ୍କ ଜରିଆରେ ଭାରତର ପ୍ରଧାନ ମନ୍ତ୍ରୀ ଓ ଓଡିଶାର ମୁଖ୍ୟ ମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇ ଥିବା ର କାର୍ଯ୍ୟ ସମୀକ୍ଷା ସହ ଆଗାମୀ ତା ୧୯.୦୪.୨୦୨୩ ରିଖ ବୁଧବାର ଦିନ ବିରାଟ ସେନା ଆନୁକୂଲ୍ୟରେ ମାନବ ଅଧିକାର ଓ ସାମାଜିକ ସୁରକ୍ଷାକୁ ନେଇ ଏକ ବିଶାଳ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ବୈଠକରେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତ ଗ୍ରହଣ କରାଯାଇଅଛି । ଏଥି ଅବସରରେ ଲିପା ସରେନଙ୍କୁ ବିରାଟ ସେନା ଶୁଳିଆପଦା ବ୍ଲକର କାର୍ଯ୍ୟାକାରୀ ସଭାପତି, ଜ୍ଞାନଦେବ ବେହେରାଙ୍କୁ ଯୁବମୋର୍ଚ୍ଚା ସଭାପତି, ପର୍ଣ୍ଣ ଚନ୍ଦ୍ର ମହାନ୍ତଙ୍କୁ ଉପସଭାପତି, ପୁଷ୍ପାଞ୍ଜଳୀ ନାଥଙ୍କୁ ମହିଳା ମୋର୍ଚ୍ଚା ବାରିପଦା ଟାଉନ କମିଟିର ସଭାପତି ଭାବେ ସର୍ବ ସମ୍ମତି କ୍ରମେ ମନୋନିତ କରାଯାଇଅଛି ।

# ଜେଡି ପାଠଶାଳାରେ ୨୦୨୧/୨୩ ବର୍ଷର ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ



ବସ୍ତା, ୧୦/୦୪ (ନି.ପ୍ର): ରୂପସା ଅଞ୍ଚଳ ରେ ଗଢି ଉଠିଥିବା ଶିକ୍ଷା ର ମନ୍ଦିର ଜେଡି ପାଠ ଶାଳାରେ (ଶିକ୍ଷକ ପ୍ରଶିକ୍ଷଣ) ରେ ଦିତୀୟ ବର୍ଷ ର ପିଲାଙ୍କୁ ପ୍ରଥମ ବର୍ଷର ପିଲା ମାନେ ବିଦାୟ ଜଣାଇବା ପାଇଁ ଉମଙ୍ଗ ନାମରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ କରିଥିଲେ । ଉକ୍ତ ସଭାରେ ଜେଡି ପାଠ ଶାଳା ର ନିର୍ଦ୍ଦେଶକ ବିଜୟ କୁମାର ରଣା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟା ନିକେତନ ର ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଶିକ୍ଷାବିତ ସିତାନ୍ଶୁ ବ୍ରହ୍ମଚାରୀ, ମୁଖ୍ୟ ବକ୍ତା ଭାବେ ଅଁଳା ମହାବିଦ୍ୟାଳୟ ର ଅଧ୍ୟାପକ ସୋରଜ କୁମାର ଜେନା, ସ୍ୱତନ୍ତ୍ର ଅତିଥି ଭାବେ ଯୁବ ସାମ୍ବାଦିକ ମାନସ ରଞ୍ଜନ ବେହେରା ଉପସ୍ଥିତ ରହି ଶିକ୍ଷା ଆମ ଜୀବନର ଏକ ମାନଦଣ୍ଡ, ଶିକ୍ଷା ର କୌଣସି ଅନ୍ତ ନାହିଁ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ବିଦାୟ ନେଇଥିବା ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନଙ୍କ ହାତରୁ ଉପଢ଼କନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଉପ ନିର୍ଦ୍ଦେଶକ ରଞ୍ଜୀବ କୁମାର ସାହୁ ଓ ଶିକ୍ଷା ଅନୁଷ୍ଠାନ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏ ଭଳି ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କୁ ୨୦୨୨/୨୪ ବର୍ଷର ସମସ୍ତ ଛାତ୍ର ଛାତ୍ରୀ ସୁଚାରୁ ରୁପେ ତୁଲାଇଥିଲେ ।

# ମୁହଁକୁ ଚାହିଁଲେ ନାହିଁ ଅଙ୍ଗନୱାଡ଼ି ଓ ଆଶା ଦିଦି : ହଟହଟା ହେଲେ ଗର୍ଭବତୀ ମହିଳା 'ବାସନ୍ତି'



ଉଦଳା, ୧୦/୦୪ (ନି.ପ୍ର): ଘଟଣାଟି କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅନ୍ତର୍ଗତ କଲୋନିସାହିର ଅଟେ । ଉକ୍ତସାହିର ବାସିନ୍ଦା ସମୁଆ ସିଂଙ୍କ ସହଧର୍ମିଣୀ 'ବାସନ୍ତି' ନିଜେ ଏପରି ଅଭିଯୋଗଟିଏ ଆଣିଛନ୍ତି । ବାସନ୍ତିଙ୍କ କହିବାନୁସାରେ ସେ ଗର୍ଭଧାରଣ କରିବା ପରେ ଆଶା ଓ ଅଙ୍ଗନୱାଡ଼ି ଦିଦିଙ୍କ ସହଯୋଗ ଲୋଡ଼ିଥିଲେ । କିନ୍ତୁ ଉଭୟେ ତୁମର ଆଧାରକାର୍ଡ଼ କିମ୍ବା ଭୋଟ ପରିଚୟପତ୍ର ନାହିଁ, ତେଣୁ ଆମେ କିଛି ସହଯୋଗ କରିପାରିବୁ ନାହିଁ ବୋଲି ରୋକ ଠୋକ ମନା କରିଦେଇ ଚାଲିଗଲେ । ଫଳରେ ବାସନ୍ତି ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବା ସହିତ ବହୁ କଷ୍ଟରେ ଦିନ ବିତାଇବାକୁ ବାଧ ହେଲେ । ଏବେ ତାଙ୍କର ପିଲା ଜନ୍ମ ହୋଇ ୩ ମାସର ହେଲାଣି । ବର୍ତମାନ ମଧ କୌଣସି ସରକାରୀ ସହଯୋଗ ସେ ପାଉ ନଥିବାର ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଘଟଣାଟିର ତଦନ୍ତ କରାଯିବା ସହିତ ବାସନ୍ତିଙ୍କୁ କିପରି ସବୁ ପ୍ରକାର ସହଯୋଗ ମିଳିପାରିବ ସେଥିପାଇଁ କତୃପକ୍ଷ ପଦକ୍ଷେପ ନେବାକୁ ଜନଜାଗୃତି ମଂଚ ତରଫରୁ ଦାବୀ କରାଯାଇଛି ।

# ପୋଷଣ ପକ୍ଷରେ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର, ୧୦/୦୪ (ନି.ପ୍ର): ଜାତୀୟ ପୋଷଣ ପକ୍ଷ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରିଣୀ କୁନ୍ତଳା ମଲିକ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସଦର ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ସଦର, ସଦର ଗ୍ରାମାଞ୍ଚଳ, ମ୍ୟୁନିସିପାଲିଟି ଓ ରେମୁଣା ଇତ୍ୟାଦି ବ୍ଲକରୁ ବହୁ ଅଙ୍ଗନବାଡ଼ି କର୍ମୀ ଓ ସୁପର ଭାଇଜର ଯୋଗ ଦେଇଥିଲେ। କିଶୋରୀ, ବାଳିକା, ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ଠାରେ ଅପପୁଷ୍ଟି ଦୂରୀକରଣ ଓ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏହି ପୋଷଣ ପକ୍ଷ ପାଳନ ମୂଳଲକ୍ଷ୍ୟ ବୋଲି ଜିଲ୍ଲା ମଙ୍ଗଳ ଅଧିକାରିଣୀ ଶ୍ରମତୀ ମଲିକ କହିଥିଲେ। ଏନେଇ ପ୍ରତ୍ୟେକ ଅଙ୍ଗନବାଡ଼ି କର୍ମୀମାନେ ସହର ଠାରୁ ଗାଁ ଗହଳି ପର୍ଯ୍ୟନ୍ତ ଘରକୁ ଘର ବୁଲି ମହିଳା ମାନଙ୍କୁ ସଚେତନ କରାଉଛନ୍ତି। ସିଡିପିଓ ସାଗରିକା ଦତ୍ତ, ସୌଭାଗ୍ୟ ରାଉତ, ବାମଦେବ ପାଣିଗ୍ରାହୀ, ସୁକାନ୍ତି ସେଠୀ, ଶୁଭଶ୍ରୀ ଜେନା, ମଧୁସ୍ମିତା ମହାନ୍ତି ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ବିଭିନ୍ନ ସମସ୍ୟା ନେଇ ଭେଣ୍ଡିଂ ଜୋନ ବ୍ୟବସାୟୀଙ୍କ ଉପଜିଲ୍ଲାପାଳଙ୍କ ଠାରେ ଅଭିଯୋଗ



ନୀଳଗିରି, ୧୦/୦୪ (ନି.ପ୍ର): ନୀଳଗିରି ଗୁଣ୍ଡିଚ୍ଚା ମନ୍ଦିର ନିକଟରେ ବହୁ ବର୍ଷ ଧରି ଦୋକାନୀମାନେ ନିଜର ବ୍ୟବସାୟ କରି ଆସୁଥିବା ବେଳେ ଆଜକୁ ୭/୮ ମାସ ପୂର୍ବରୁ ଏନ.ଏ.ସି. ପକ୍ଷରୁ ନିର୍ମିତ ରାଡାର ରାସ୍ତାରେ ନୂତନ ଭେଣ୍ଡିଂ ଜୋନକୁ ପଳାଇ ଆସିଥିବ ବେଳେ ଅନ୍ୟ କିଛି ଦୋକାନୀ ଗୁଣ୍ଡିଚ୍ଚା ମନ୍ଦିର ନିକଟରେ ବ୍ୟବସାୟୀ କରି ଆସୁଥିବା ବେଳେ ସାଧାରଣ ଲୋକଟି ଗୁଣ୍ଡିଚ୍ଚା ମନ୍ଦିର ନିକଟରେ ପନିପରିବା ନେଇ ଘରକୁ ଯାଉଥିଲା । ଭେଣ୍ଡିଂ ଜୋନଟି ବଜାର ଠାରୁ ଦୂରରେ ରହୁଥିବାରୁ ସାଧାରଣ ଲୋକ ଯିବାକୁ ଅମଙ୍ଗ ହେଉଛନ୍ତି । ଏତଦ୍‌ବ୍ୟତୀତ ଏନ.ଏ.ସି. କର୍ତୃପକ୍ଷ ଭେଣ୍ଡିଂ ଜୋନର ପରିଷ୍କାର ପରିଚ୍ଛନ୍ନ ଉପରେ ଗୁରୁତ୍ୱ ଦେଉ ନ ଥିବା ବେଳେ ଦୁର୍ଗନ୍ଧ ବାସ୍ନାରେ ଖାଉଟି ଓ ବ୍ୟବସାୟୀମାନେ ହନ୍ତସନ୍ତ ହେବାକୁ ପଡ଼ିଛି । ଭାଲୁଙ୍କ ଯାତାୟତ ପଥ ଉକ୍ତ ଭେଣ୍ଡିଂ ଜୋନ ହୋଇଥିବା ବେଳେ ସନ୍ଧ୍ୟା ୭ଟା ପରେ ବ୍ୟବସାୟୀ ଓ ଖାଉଟି ମାନେ ନିରାପଦ ମଣୁ ନାହାନ୍ତି । ଏପରିକି ଭେଣ୍ଡିଂ ଜୋନରୁ ଜେନେରେଟର, ଇନର୍ଭଟର, ଓଜନ ମେସିନ ଚୋରି ହେବାକୁ ଲାଗିଛି । ଯଦି ସମସ୍ତ ଦୋକାନୀ ଭାଇମାନଙ୍କୁ ଭେଣ୍ଡିଂ ଜୋନରେ ଅବସ୍ଥାପିତ କରାଯାଏ ତେବେ ଭେଣ୍ଡିଂ ଜୋନର ମାନ୍ଦା ଅବସ୍ଥା ଦୂର ହେବ ବୋଲି ଲିଖିତ ଭାବେ ମାନ୍ୟବର ବିଧାୟକ ସୁକାନ୍ତ କୁମାର ନାୟକ, ନୀଳଗିରି ଉପଜିଲ୍ଲାପାଳ, ଏନ.ଏ.ସି. ନିର୍ବାହୀ ଅଧିକାରୀ ଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଆଜି ଭେଣ୍ଡିଂ ଜୋନର ବ୍ୟବସାୟୀମାନେ ନୀଳଗିରି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ନିଜର ବ୍ୟବସାୟୀ ଦୂରଅବସ୍ଥା ଉପରେ ଏକ ଅଭିଯୋଗପତ୍ର ଦେଇଥିବା ବେଳେ ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ମଧ ଉପସ୍ଥିତ ଥିଲେ । ଖୁବ୍ ଶୀଘ୍ର ଗୁଣ୍ଡିଚ୍ଚା ମନ୍ଦିର ପାଖରେ ଥିବା ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନକୁ ସ୍ଥାନାନ୍ତରିତ କରାଯିବା ସହ ଭେଣ୍ଡିଂ ଜୋନରେ ସୁଧାର ଅଣାଯିବ ବୋଲି ବ୍ୟବସାୟୀଙ୍କୁ ପ୍ରତିଶତି ଦେଇଛନ୍ତି ।

# ଇଲେକ୍ଟ୍ରିସକ୍ ଲାଗି ଯୁବକ ମୃତ

ନୀଳଗିରି, ୧୦/୦୪ (ନି.ପ୍ର): ଇଲେକ୍ଟ୍ରି ସକ୍ ଲାଗି ଆଜି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ନୀଳଗିରି ଏନ.ଏ.ସି. ଅନ୍ତର୍ଗତ ୯ନଂ. ୱାର୍ଡ କାହାଳିଆ ଗ୍ରାମର ପରମାନନ୍ଦ ବିଶ୍ୱାଳଙ୍କ ପୁତ୍ର ସିତେଶ ବିଶ୍ୱାଳ (୩୦) ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ନିଜ ଘରେ ଏଲ.ଇ.ଡି. ବୋର୍ଡ ସଜ କରୁଥିବା ସମୟରେ ଇଲେକ୍ଟ୍ରି କରେଂଟ ଲାଗି ଚିତ୍କାର କରି ତଳେ ପଡ଼ିଯାଇଥିଲା । ତାର ଚିତ୍କାର ଶୁଣି ପରିବାର ଲୋକେ ତାକୁ ସଙ୍ଗେ ସଙ୍ଗେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ତାଙ୍କୁ ଦେଖି ମୃତ ଘୋଷଣା କରିଥିଲେ । ସେ ଟାଟା ପାୱାର କମ୍ପାନୀର ଦେଢ଼ ବର୍ଷ ହେବ ନୀଳଗିରି ଅଂଚଳର ମିଟର ରିଡିଂ ଓ କଲେକସନ କରୁଥିବା ଜଣାପଡ଼ିଛି । ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା କ୍ଷଣି ଡାକ୍ତରଖାନାରେ ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଛି । ତାଙ୍କର ୬ବର୍ଷର ପୁଅ, ସ୍ତ୍ରୀ, ବାପା, ମା, ଭାଇ ଥିବା ଜଣାପଡ଼ିଛି । ସିତେଶ୍ ଜଣେ ମେଳାପି, ଧର୍ମପରାୟଣ ବ୍ୟକ୍ତି, ମିଷ୍ଠ ଭାଷୀ ବ୍ୟକ୍ତି ଥିଲେ । ସବୁଠାରୁ ଦୁଃଖର କଥା ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ ବହୁଦିନ ଧରି ମୃତ ଶରୀରକୁ ରଖିବା ପାଇଁ ଶବ ବ୍ୟବଛେଦ ଘରେ ଥଣ୍ଡା ତାପ ଫ୍ରିଜ ନ ଥିବାରୁ ମରଶରୀରକୁ ଲୋକେ ରଖିବାକୁ କୁଣ୍ଠାବୋଧ କରୁଛନ୍ତି । ମୃତ ବ୍ୟକ୍ତିଙ୍କ ଶରୀର ଉକ୍ତ ଘରେ ରହୁଥିବାରୁ ବହୁ ଦୁର୍ଗନ୍ଧ ବାହାରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏଥିପ୍ରତି ଜିଲ୍ଲାପାଳ, ସି.ଡି.ଏମ.ଓ. ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି ।

# ବଲାଙ୍ଗୀ ଟେଲେଂଟ ହଂଟ ମେଗା ଅଡିସନ ଉଦ୍‌ଯାପିତ : ଏପ୍ରିଲ ୧୫ ଓ ୧୬ ରେ ବଲାଙ୍ଗୀ ମହୋତ୍ସବ ମଂଚରେ ହେବ ଫାଇନାଲ ରାଉଣ୍ଡ



ବାରିପଦା, ୧୦/୦୪ (ନି.ପ୍ର): ମୟୁରଭଂଜ ଜିଲାରେ ଅବଲୁପ୍ତ ପ୍ରାୟ ଭାଷା ସାହିତ୍ୟ କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଓ ଶ୍ରୀବୃଦ୍ଧି ପାଇଁ ବିଗତ ୨୦୦୩ ମସିହା ଠାରୁ ବାରିପଦାର ଅମ୍ବିକା ମନ୍ଦିର ନିକଟ ବୁଢ଼ାବଳଙ୍ଗ, ଚିପିଟ ଏବଂ ଇଟାଯୋଡ଼ି ନଦୀର ସଙ୍ଗମ ସ୍ଥଳରେ ପାଳିତ ହୋଇ ଆସୁଥିବା ବଲାଙ୍ଗୀ ମହୋତ୍ସବ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସର ରେ ଏପ୍ରିଲ ୧୪ରୁ ୧୮ ତାରିଖ ୫ଦିନ ଧରି ବଳଙ୍ଗ ବାଲିରେ ଅନୁଷ୍ଠିତ ହେବା ଅବସରରେ ସ୍ଥାନୀୟ କଳାକାର ମାନଙ୍କର ପ୍ରତିଭାର ବିକାଶ ପାଇଁ ବଲାଙ୍ଗୀ ଟେଲେଂଟ ହଂଟ ନାମରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଏହାର ଅଡିସନ ରାଉଣ୍ଡ ଆଜି ବାରିପଦା ଡିଭାଇନ କଲେଜ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଚାରକ ଭାବରେ ଭୁବନେଶ୍ୱରରୁ ସିମନଶ୍ରୀମନ୍ତ ଜେନା ଯୋଗଦେଇ ଥିଲେ । ଏହି ଅବସର ରେ ମହୋତ୍ସବ ର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଅରବିନ୍ଦ ଦାସ, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, ଉପଦେଷ୍ଟା ଉଦୟନାଥ ଜେନା, ବଳରାମ ବେହେରା, କାର୍ଯ୍ୟକ୍ରମ ସଂଯୋଜକ ତଥା ବଲାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ସଂସ୍କୃତି ସୈନିକ ମିଥୁନ ବାରିକ, ଦିଲୀପ ପାତ୍ର, କିଶୋର ମହାନ୍ତି, ସୁଶ୍ରୀ ନାୟକ, ରଣଜିତ ପଲେଇ, ଜୟପ୍ରକାଶ ସିଂହ, ବିଭୁ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ କ୍ଷ ଏହି ଅଡିସନରେ ବହୁ କୁନି ନୃତ୍ୟଶିଳ୍ପୀ ନିଜନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ।

# ଆଜିଠୁ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର)ଠାରୁ ରାଜ୍ୟର ସମସ୍ତ ସ୍କୁଲ ସକାଳୁଆ ହେବ। ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ସକାଳ ୭ ଟାରୁ ସାଢେ ୧୧ ଟା ପର୍ଯ୍ୟନ୍ତ ଚାଲିବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ନିଆଯାଇଥିବା ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାସହ ସ୍କୁଲରେ ପିଇବା ପାଣି ଓ ଓଆରଏସ୍ ର ବ୍ୟବସ୍ଥା କରିବାକୁ କୁହାଯାଇଛି।

# ତିହିଡ଼ିରେ ଅନୁଷ୍ଠିତ ଯୁଗ୍ମ ଜନଶୁଣାଣି ଶିବିରରେ ୭୬ଟି ଅଭିଯୋଗ



ଭଦ୍ରକ, ୧୦/୦୪ (ନି.ପ୍ର): ତିହିଡ଼ି ବ୍ଲକ୍ ସମ୍ମିଳନୀ କକ୍ଷରେ ଆଜି ୧୦-୪-୨୦୨୩ ସୋମବାର ଦିନ ଜିଲ୍ଲାପାଳ ଓ ଏ.ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ, ଭଦ୍ରକ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବିଜୟ ରଞ୍ଜନ କେର୍କେଟା ଏହି ଶିବିରରେ ଯୋଗ ଦେଇ ସମୁଦାୟ ୭୬ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୭୦ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଏବଂ ୬ଟି ସାମୂହିକ ସମସ୍ୟା ମୂଳକ ଅଭିଯୋଗ ଥିଲା । ବ୍ୟକ୍ତିଗତ ସମସ୍ୟା ମଧ୍ୟରୁ ରେଡ଼୍‌କ୍ରସ୍ ସମ୍ବନ୍ଧୀୟ ୨ଟି ଅଭିଯୋଗର ଶୁଣାଣି କରି କ୍ୟାନସର ଜନିତ ରୋଗର ଚିକିତ୍ସା ପାଇଁ ୨ଜଣଙ୍କୁ ସମୁଦାୟ ୨୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଜିଲ୍ଲାପରିଷଦ, ଭଦ୍ରକର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ତିହିଡ଼ି ବି.ଡ଼ି.ଓ ଜ୍ୟୋତିର୍ମୟ କର ଏବଂ ତିହିଡ଼ି ତହସିଲଦାର ପ୍ରତୀକ ସାହୁ ଏହି ଶିବିର ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ । ଉକ୍ତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo